R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୧୩
ତିଥି : ତ୍ରୟୋଦଶୀ
୨୧ ଅଗଷ୍ଟ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 313
21 Aug 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ସମେତ ୩ ବିଲ୍ ଆଗତ

## ୩୦ ଦିନ ଜେଲ୍‌ରେ ରହିଲେ ଚାଲିଯିବ ପଦବୀ



- କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍
- ଜମ୍ମୁ-କାଶ୍ମୀର ପୁନର୍ଗଠନ ବିଲ୍

- ଜାମିନ ମିଳିବା ପରେ ଫେରିପାଇବେ ପଦବୀ
- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀଙ୍କ ଲାଗି ଲାଗୁ
- ବିଲ୍‌କୁ ବିରୋଧୀ ସାଂସଦଙ୍କ ଜୋରଦାର ବିରୋଧ
- ମଧ୍ୟଯୁଗୀୟ ଅବସ୍ଥାକୁ ଦେଶକୁ ନିଆଯାଉଛି : ରାହୁଲ

ନୂଆଦିଲ୍ଲୀ, ୨୦।୮ : ଲଗାତର ୩୦ ଦିନ ଲାଗି ଗିରଫ ହୋଇ ହାଜତରେ ଥିବା ନେତା ଯଦି ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ପଦବୀରେ ବି ଥାନ୍ତି ତେବେ ସେମାନଙ୍କୁ ଚୌକି ଛାଡିବାକୁ ପଡିବ। ୫ ବର୍ଷ ଜେଲ୍ ଦଣ୍ଡ ଥିବା ମାମଲାରେ ତାଙ୍କୁ ଯଦି ୩୦ ଦିନ ଗିରଫ କରାଯାଏ ତେବେ ତାଙ୍କ ପଦବୀ ଆପେ ଆପେ ଚାଲିଯିବ। ୧୩୦ତମ ସମ୍ବିଧାନ ବିଲ୍ ସମେତ ଆଉ ୩ ସଂଶୋଧନ ବିଲ୍‌କୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଲୋକସଭାରେ ଆଗତ କରିଥିଲେ। ବିଲ୍‌କୁ ବିରୋଧୀ ସାଂସଦମାନେ ତୀବ୍ର ବିରୋଧ କରିଥିଲେ। ବିରୋଧୀ ଦଳ ନେତା କଳା ଟିଂସାର୍ଟ ପିନ୍ଧି ଲୋକସଭାକୁ ଆସିବା ସହ ଏହା ଆମକୁ ମଧ୍ୟଯୁଗକୁ ଫେରାଇ ନେଉଛି ବୋଲି ଅଭିଯୋଗ କରିଥିଲେ। ବିରୋଧୀ ସାଂସଦମାନେ ବିଲ୍ ଚିରି କେନ୍ଦ୍ରମନ୍ତ୍ରୀଙ୍କ ଉପରକୁ ଫୋପାଡିଥିଲେ। ପରେ ଏହି ୩ ବିଲ୍‌କୁ ଅଧିକ ଯାଞ୍ଚ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି।

ବିଲ୍ ଆଗତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା କହିଥିଲେ ଯେ ବିଲ୍‌ର ଲକ୍ଷ୍ୟ ହେଉଛି ସାର୍ବଜନିନ ଜୀବନରେ ହ୍ରାସ ପାଉଥିବା ନୈତିକତା ସ୍ତରରେ ଉନ୍ନତି ଆଣିବା ଓ ରାଜନୀତିକୁ ପବିତ୍ର କରିବା। ଏହାଦ୍ୱାରା ଗିରଫ କିମ୍ବା ଜେଲ୍‌ରେ ଥିବା ସମୟରେ କୌଣସି ବ୍ୟକ୍ତି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ବା କେନ୍ଦ୍ର-ରାଜ୍ୟ ସରକାର ମନ୍ତ୍ରୀ ଭାବେ ଶାସନ ଚଳାଇ ପାରିବେ ନାହିଁ। ସମ୍ବିଧାନ ପ୍ରସ୍ତୁତ ସମୟରେ ଏହାର ସ୍ଥପତିମାନେ କଳ୍ପନା କରିନଥିଲେ ଯେ ଭବିଷ୍ୟତରେ ଏପରି ରାଜନୈତିକ ବ୍ୟକ୍ତିବିଶେଷ ଆସିବେ। ସେମାନେ ଗିରଫ ହେବା ପୂର୍ବରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବେନି। ବିଲ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ ବା ଅନ୍ୟ ମନ୍ତ୍ରୀ। ଯଦି ସେମାନେ ଲଗାତର ୩୦ ଦିନ ଧରି କୌଣସି ଗୁରୁତର ଅଭିଯୋଗରେ ପୋଲିସ ହାଜତରେ ରହିବେ ତେବେ ୩୧ ଦିନ ବେଳକୁ ତାଙ୍କୁ ତାଙ୍କ ପଦବୀରୁ ହଟାଇ ଦିଆଯିବ। ଯଦି ଆଇନଗତ ଭାବେ ଏପରି ନେତାଙ୍କୁ ଜାମିନ ଦିଆଯାଏ ତେବେ ସେମାନେ ପୁଣିଥରେ ନିଜ ପଦବୀରେ ରହିପାରିବେ। ଜେଲ୍‌ରେ ଥିବା ସମୟରେ ଜଣେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ (୯ ପୃଷ୍ଠାରେ)

## ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୫ର ପରୀକ୍ଷଣ




ବାଲେଶ୍ୱର, ୨୦।୮ (ସବ୍ୟୁ): ବୁଧବାର ଦିନ ଧାମରାସ୍ଥିତ ଅବଦୁଲ କାଲାମ ଦ୍ୱୀପରୁ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୫ର ସଫଳ ପରୀକ୍ଷଣ ହୋଇଯାଇଛି । ଏହି କ୍ଷେପଣାସ୍ତ୍ର ଉତ୍କ୍ଷେପଣ ପରେ ବାୟୁମଣ୍ଡଳରୁ ଉପରକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ ଧ୍ୱଂସ କରିବାର କ୍ଷମତା ଅଗ୍ନି-୫ର ରହିଛି । ବାୟୁମଣ୍ଡଳରୁ ଉପରକୁ ଉଠିଯାଉଥିବାରୁ ଶତ୍ରୁ ପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହୋଇଥାଏ।

ଅଗ୍ନି-୫ କ୍ଷେପଣାସ୍ତ୍ର ୧୫ଶହ କି.ଗ୍ରା. ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧଶସ୍ତ୍ର ବହନ କରିବାର କ୍ଷମତା ରହିଛି । ଉତ୍କ୍ଷେପଣ ସ୍ଥାନ ଠାରୁ ଏହା ୫ହଜାର କି.ମି. ପର୍ଯ୍ୟନ୍ତ ଟାର୍ଗେଟକୁ ହିଟ୍ କରିପାରିବ । ଏହି କ୍ଷେପଣାସ୍ତ୍ରର ଓଜନ ୫୬୦୦ କି.ଗ୍ରା ହୋଇଥିବା ବେଳେ ଲମ୍ବ ୧୭.୫ମିଟର ଓ ମୋଟେଇ ୨ମିଟର ରହିଛି । ଅଗ୍ନି -୫ କ୍ଷେପଣାସ୍ତ୍ର ଘଣ୍ଟାପ୍ରତି ୩୦୬୦୦ କି.ମି. ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟକୁ ଧ୍ୱଂସ କରିପାରିବ। ଆଜିର ଏହି ପରୀକ୍ଷଣ ସମୟରେ ଡିଆର୍‌ଡିଓ ଏବଂ ପ୍ରତିରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

## ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୋଦୀ-ଖଡ୍‌ଗେ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ଡିହାଇଡ୍ରେସନ୍ କାରଣରୁ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ ଫୋନ୍ ଯୋଗେ କଥା ହୋଇଛନ୍ତି। ଉଭୟେ ନେତା ନବୀନଙ୍କର ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଖୁବ୍‌ଶୀଘ୍ର ସୁସ୍ଥ ହେବାପାଇଁ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି ଯେ କିଛି ସମୟ ବିଶ୍ରାମ କରନ୍ତୁ। ସୁସ୍ଥ ହେବାପରେ ଦିଲ୍ଲୀ ଆସି ତାଙ୍କୁ ସାକ୍ଷାତ କରନ୍ତୁ। ସେହିଭଳି ଶ୍ରୀ ଖଡ୍‌ଗେ ମଧ୍ୟ ଆଜି ସନ୍ଧ୍ୟାରେ ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ତାଙ୍କର ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ସେହିଭଳି ଆନ୍ଧ୍ର, ଛତିଶଗଡର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଆଜି ଫୋନ୍ କରି ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ଅପରପକ୍ଷରେ ତାଙ୍କ ଅସୁସ୍ଥତା ଖବର ପାଇ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ହସ୍ପିଟାଲ ଆସିଥିବାରୁ ପିସିସି ସଭାପତି ଭକ୍ତଚରଣ (୯ ପୃଷ୍ଠାରେ)

## ଉପ-ରାଷ୍ଟ୍ରପତି ପଦ ଲାଗି ନାମାଙ୍କନ ଦାଖଲ କଲେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୨୦।୮ : ବିଜେପି ନେତୃତ୍ୱାଧୀନ ଏନଡିଏର ଉପ-ରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ୍ ଆଜି ନାମାଙ୍କନ ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଏନ୍‌ଡିଏ ସାଂସଦମାନଙ୍କର ଉପସ୍ଥିତିରେ ସେ ନାମାଙ୍କନ ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରଥମ ପ୍ରସ୍ତାବକ ଅଛନ୍ତି। ସେପ୍ଟେମ୍ବର ୯ରେ ଉପ-ରାଷ୍ଟ୍ରପତି ପାଇଁ ଭୋଟ୍ ଗ୍ରହଣ କରାଯିବ।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂହ, ଜେପି ନଡ୍ଡା, ନୀତିନ ଗଡକରୀ, ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ସହ ଯାଇଥିଲେ । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୪ ସେଟ୍ ପ୍ରାର୍ଥିପତ୍ର ଦାଖଲ କରାଯାଇଛି। ନାମାଙ୍କନ ଦାଖଲ ପୂର୍ବରୁ ଶ୍ରୀ ରାଧାକ୍ରିଷ୍ଣନ୍ ସଂସଦ ପରିସରରେ (୯ ପୃଷ୍ଠାରେ)

## ସବୁ ଜିଲ୍ଲାରେ ହେବ ଏମ୍‌ଏସ୍‌ଏମ୍‌ଇ ପାର୍କ



**ରାଜ୍ୟର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୧୧ ଲକ୍ଷରୁ ଅଧିକ ଉଦ୍ୟୋଗ, ୮୭ ଲକ୍ଷରୁ ଅଧିକ ନିଯୁକ୍ତି**

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏମ.ଏସ.ଏମ.ଇ କ୍ଷେତ୍ର ହେଉଛି ବ୍ୟାପକ ନିଯୁକ୍ତି ଓ ସମ୍ଭାବନାର କ୍ଷେତ୍ର । ସରକାରୀ ସ୍ତରରେ ଏମ.ଏସ.ଏମ.ଇ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ପ୍ରଦାନ କରାଯାଉଛି। ଯୁବଗୋଷ୍ଠୀଙ୍କୁ ଅଧିକରୁ ଅଧିକ ଏ କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିପାଇଁ ସବୁ ଜିଲ୍ଲାରେ ଏମ.ଏସ.ଏମ.ଇ ପାର୍କ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଖୁବ ସଫଳ ହେଉଛି। ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଲେଣି। ଏଥିରେ ଅନେକ କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗୀ ଅଛନ୍ତି। ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଗଲେ, ସେମାନେ ଆଗକୁ ବଢିପାରିବେ ଏବଂ ଉଦ୍ୟୋଗ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ସଫଳତା ହାସଲ କରିପାରିବେ। ତେଣୁ ସେମାନଙ୍କୁ ଏମ.ଏସ.ଏମ.ଇ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

ଓଡିଶାର ଏମ.ଏସ.ଏମ.ଇ କ୍ଷେତ୍ରର ଉତ୍ପାଦିତ ସାମଗ୍ରୀକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ସ୍କୁଲ, କଲେଜ ମାନଙ୍କରେ (୯ ପୃଷ୍ଠାରେ)

## ଷ୍ଟାଣ୍ଡାର୍ଡ ନଥିବା ପିଲା ସେହି କ୍ଲାସରେ ରହିବେ

ଭୁବନେଶ୍ୱର, ୨୦।୮ (ସବ୍ୟୁ): ରାଜ୍ୟରେ ଏଣିକି ଷ୍ଟାଣ୍ଡାର୍ଡ ନଥିବା ପିଲା ପାସ୍ ହେଲା ପର୍ଯ୍ୟନ୍ତ ସେହି କ୍ଲାସରେ ରହିବେ । ପୂର୍ବ ସରକାରରେ ପାସ୍ ଫେଲ୍ ବ୍ୟବସ୍ଥା ନଥିଲା । ବର୍ତ୍ତମାନର ସରକାରରେ ପାସ୍ ଫେଲ୍ ବ୍ୟବସ୍ଥା ରଖାଯାଇଛି । ପିଲା କ୍ଲାସରେ ଫେଲ୍ ହେଲେ ପୁନର୍ବାର କିଛି ଦିନ ଭିତରେ ପରୀକ୍ଷା ଦେଇ ପାସ୍ କରିବାକୁ ପଡ଼ିବ । ପାସ୍ ହେଲା ପରେ ସେ ଉପର ଶ୍ରେଣୀକୁ ଯିବେ ବୋଲି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ବିଗତ ଦିନରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ପାସ୍ ଫେଲ୍ ନଥିଲା । ଫଳରେ ପିଲା କ'ଣ ଶିଖିଲେ, ତାହା ଜଣାପଡୁନଥିଲା । ମାତ୍ର ଏବେ ସରକାର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରିଛନ୍ତି । ପାସ୍ ଫେଲ୍ ଲାଗୁ ପରେ ପିଲାର ଷ୍ଟାଣ୍ଡାର୍ଡ ଜଣାପଡିବ । ଏହା ସହିତ ଶିକ୍ଷକମାନଙ୍କୁ ଗଣଶିକ୍ଷା ମନ୍ତ୍ରୀ ଅପିଲ୍ କରିଛନ୍ତି ଯେ, ସେମାନେ ପାଠପଢାରେ ଅବହେଳା କରନ୍ତୁ ନାହିଁ । ପିଲା (୯ ପୃଷ୍ଠାରେ)

### କଲମ ଓ କଇଁଚିର ଅନନ୍ୟ ବିନ୍ଧାଣି

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ



ସମ୍ବଲପୁର, ୨୦।୮ (ସବ୍ୟୁ): ସମ୍ବଲପୁରୀ ଭାଷା ସାହିତ୍ୟର ବିଶିଷ୍ଟ କବି, ଲେଖକ, ଗୀତିକାର ଓ ନାଟ୍ୟକାର ପଦ୍ମଶ୍ରୀ ବିନୋଦ ପଶାୟତ(୯୧)ଙ୍କ ପରଲୋକ ହୋଇଯାଇଛି। ସ୍ଥାନୀୟ ସେନପାର୍କ ନିକଟସ୍ଥ ଘରେ ବୁଧବାର ସକାଳେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ବାର୍ଦ୍ଧକ୍ୟଜନିତ ତଥା ପୋଷ୍ଟେଡ କ୍ୟାନ୍ସର ରୋଗ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ପରଲୋକ ଖବର ଜଣାପଡିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ପଶ୍ଚିମ ଓଡିଶାରେ ଶୋକର ଛାୟା ଖେଳି ଯାଇଛି।

ବଲାଙ୍ଗିର ଜିଲ୍ଲା ଟିକାପଡାରେ ୩ଡିସେମ୍ବର, ୧୯୩୫ରେ ଚୈତନ୍ୟ ପଶାୟତ ଓ (୯ ପୃଷ୍ଠାରେ)

## ସିଙ୍ଗଲ ୱିଣ୍ଡୋରେ ୪୫୧୫ କୋଟିର ପୁଞ୍ଜି ନିବେଶକୁ ଅନୁମୋଦନ




- ୮୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ
- ୮ ଜିଲ୍ଲାରେ ୧୮ ପ୍ରକଳ୍ପ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ)ରେ ୮ ଜିଲ୍ଲାପାଇଁ ୧୮ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପଗୁଡ଼ିକରେ ୧୯ଟି ନୂଆ ପୁଞ୍ଜି ନିବେଶ ହେବ। ସମୁଦାୟ ୪୫୧୫ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ ଓ ୮୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏ ସ୍ ଏ ଲ୍ ଏ ସ୍ ଡ ବ୍ଲ୍ୟୁ ସି ଏ ବୈଠକ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନୁଗୁଳ, ଢ଼େଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ ଓ ଝାରସୁଗୁଡ଼ା ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ହେବ। ପୁଞ୍ଜି ନିବେଶ ଜରିଆରେ ରାଜ୍ୟ ସରକାର ଆର୍ଥିକ ଅଭିବୃଦ୍ଧିର ଲକ୍ଷ୍ୟ ରଖିବା ସହ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଏହି ନିବେଶ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ। ବିଶେଷକରି ଇସ୍ପାତ, ଭିତ୍ତିଭୂମି, ପର୍ଯ୍ୟଟନ ସମେତ ସବୁଜ ଶକ୍ତି, ବୈଦ୍ୟୁତିକ ଯାନ, ଡାଟା ସେଣ୍ଟର, ବାୟୋ ଫୁଏଲ ଓ ଫାର୍ମାସିଟିକାଲ୍‌ରେ ଏହି ନିବେଶ ହେବ। ଆଇନେକ୍ସ ସୋଲାର ପକ୍ଷରୁ ଢ଼େଙ୍କାନାଳରୁ ୨୮୩ କୋଟି ଟଙ୍କା ନିବେଶ କରାଯାଇ ବ୍ୟାଟେରି ଏନର୍ଜି ଷ୍ଟୋରେଜ ସିଷ୍ଟମ ପ୍ରକଳ୍ପ, ଜିନ୍ଦଲ ଷ୍ଟିଲ ପକ୍ଷରୁ ୯୦ କୋଟି ଟଙ୍କା ଯାଜପୁରରେ ପୁଞ୍ଜି ବିନିଯୋଗ କରାଯାଇ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ୟୁନିଟ୍, ଗଞ୍ଜାମରେ ସବୁଜ ଶକ୍ତି ପାଇଁ ୭୫୦ କୋଟି ପୁଞ୍ଜି ବିନିଯୋଗ ହେବ। ସେହିଭଳି ଗ୍ରାଭିଟା ଇଣ୍ଡିଆ ପକ୍ଷରୁ ବର୍ଯ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ୩୫୦ କୋଟି ଟଙ୍କା ଅନୁଗୁଳରେ ପୁଞ୍ଜି ବିନିଯୋଗ କରାଯିବ। ଷ୍ଟାରକ୍ରାସ୍ଥ ଗ୍ଲୋବାଲ ଏଲ୍‌ଏଲ୍‌ପି ଖୋର୍ଦ୍ଧାରେ ପାର୍ମାସିଟିକାଲ ଉତ୍ପାଦନ ପାଇଁ ୮୦ କୋଟି ଟଙ୍କା (୯ ପୃଷ୍ଠାରେ)

### ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡି ମାମଲା

## ଡିଜିପିଙ୍କୁ ଜାତୀୟ ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : କେନ୍ଦ୍ରାପଡାର ପଟ୍ଟାମୁଣ୍ଡାଇରେ ଛାତ୍ରୀ ପୋଡିଯାଇ ମୃତ୍ୟୁବରଣ କରିବା ମାମଲାରେ ଜାତୀୟ ମାନବାଧିକାର କମିଶନ ଡିଜିପିଙ୍କୁ ରିପୋର୍ଟ ତଲବ କରିଛନ୍ତି । ଦୁଇ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ନୋଟିସ୍‌ରେ କହିଛନ୍ତି ।

ପଟ୍ଟାମୁଣ୍ଡାଇରେ ଜଣେ ଯୁକ୍ତତିନି ଛାତ୍ରୀ ନିଜ ଘରେ ଜଳିଯିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସମୟରେ ଛାତ୍ରୀଙ୍କ ବାପ-ମା' ଘରେ ନଥିଲେ। ସେମାନେ ଘରକୁ ଫେରି ଦେଖିବା ବେଳକୁ କବାଟ ବନ୍ଦ ଅଛି। ସେ କବାଟ ତାଡି ଘର ଭିତରକୁ ଯିବା ପରେ ଝିଅ ସିଡିଘରେ ଜଳିଯାଇଥିବା ଦେଖିଥିଲେ । ସେହି ମାମଲାକୁ ନେଇ ରାଜ୍ୟ ବ୍ୟାପୀ ଚର୍ଚ୍ଚା ହୋଇଥିବା ବେଳେ କେନ୍ଦ୍ରାପଡା ଏସ୍‌ପି ମାମଲାର ତଦନ୍ତ କରିଥିଲେ ।

ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତକୁ ଆଧାର କରି ଶ୍ୱାସରୁଦ୍ଧ ହୋଇ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଏସ୍‌ପି ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ । ଛାତ୍ରୀ ପ୍ରେମଜନିତ ଘଟଣାକୁ ନେଇ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ଏସ୍‌ପି କହିଥିଲେ । କେନ୍ଦ୍ରାପଡା ପୋଲିସ ଛାତ୍ରୀଙ୍କ ବଏଫ୍ରେଣ୍ଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଛାତ୍ରୀଙ୍କ ମୃତ୍ୟୁ ପାଇଁ ବଏଫ୍ରେଣ୍ଡ ଦାୟୀ ଥିବା ଜାଣିବା ପରେ ତାକୁ କୋର୍ଟଚାଲାଣ କରାଯାଇଥିଲା। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରି ରିପୋର୍ଟ ତଲବ କରିଛନ୍ତି । ନୋଟିସ୍‌ରେ ଡିଜିପିଙ୍କୁ କୁହାଯାଇଛି, ଦୁଇ ସପ୍ତାହ ମଧ୍ୟରେ (୯ ପୃଷ୍ଠାରେ)

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ସଚ୍ଚିଦାନନ୍ଦ ରାଉତରାୟ



ସଚ୍ଚିଦାନନ୍ଦ ରାଉତରାୟ ବା ଲୋକଙ୍କର ସ୍ନେହର ସଚ୍ଚି ରାଉତରାୟ ଜଣେ ବିଶିଷ୍ଟ ଓଡ଼ିଆ କବି, ଗାଳ୍ପିକ ଓ ଔପନ୍ୟାସିକ ଥିଲେ । ତାଙ୍କ 'ଛୋଟମୋର ଗାଁଟି' କବିତା ଲୋକଙ୍କ ଦ୍ୱାରା ଖୁବ ଅଧିକ ଆଦୃତ ହୋଇଥିଲା । ସେ ପ୍ରାୟ ୭୫ବର୍ଷ ଧରି ସାହିତ୍ୟ ରଚନାରେ ସମୟ ଦେଇଥିଲେ । ତାଙ୍କ ରଚନାସମୂହ ମୁଖ୍ୟତଃ ସାମ୍ରାଜ୍ୟବାଦ, ଫାସିବାଦ ଓ ବିଶ୍ୱଯୁଦ୍ଧ ବିରୋଧରେ ଥିଲା । ତାଙ୍କୁ ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ କବିତାର ଅନ୍ୟତମ ଯୁଗସ୍ରଷ୍ଟାର ଶ୍ରେୟ ଦିଆଯାଏ । ଓଡ଼ିଆ ଓ ଇଂରାଜୀ ଭାଷାରେ ତାଙ୍କର ଚାଳିଶରୁ ଅଧିକ ପୁସ୍ତକ ରହିଛି । ସାମଗ୍ରିକ କୃତି ପାଇଁ ୧୯୮୬ରେ ସେ ମର୍ଯ୍ୟାଦାଜନକ 'ଜ୍ଞାନପୀଠ' ପୁରସ୍କାର ଲାଭ କରିଥିଲେ । ଏହାସହିତ ତାଙ୍କୁ ୧୯୬୨ରେ ପଦ୍ମଶ୍ରୀ, ୧୯୬୩ରେ ସାହିତ୍ୟ ଏକାଡମୀ ପୁରସ୍କାର, ୧୯୬୫ରେ ସୋଭିଏତଲାଣ୍ଡ ନେହେରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଉତରାୟ ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗଠାରେ ୧୩ ମଇ ୧୯୧୩ରେ ଜନ୍ମଗ୍ରହଣ କରିଥିଲେ । ପାଠ ପଢ଼ିବା କାଳରେ ସେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ । ବ୍ରିଟିଶ ସରକାର ବିରୋଧରେ ଲଢ଼ି ସେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ ଓ ତା'ପରେ ବଙ୍ଗପ୍ରଦେଶରେ ପିଲାବେଳ କାଟିଥିଲେ । ଏଗାର ବର୍ଷ ବୟସରୁ ସେ କବିତା ଲେଖା ଆରମ୍ଭ କରିଥିଲେ । ୧୯୩୮ରେ ତାଙ୍କର କାବ୍ୟ 'ବାଜି ରାଉତ'କୁ ୧୯୪୨ରେ କବି ହରୀନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ 'ବୋଟ ବୟ ଆଣ୍ଡ୍ ଅଦର ପୋଏମ୍' ନାମରେ ଅନୁବାଦ କରିଥିଲେ । ଏହାର ପ୍ରକାଶନ ପରେ ସଚ୍ଚି ରାଉତରାୟ ଭାରତର ଜଣେ ଜଣାଶୁଣା କବି ଭାବେ ପ୍ରତିଷ୍ଠିତ ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗନେଇ ସେ ଦୁଇଥର କାରାବରଣ କରିଥିଲେ । ଏହି ମହାନ କବିଙ୍କର ୨୧ ଅଗଷ୍ଟ ୨୦୦୪ରେ ଦେହାନ୍ତ ଘଟିଥିଲା । ତାଙ୍କ ମୃତ୍ୟୁରେ ଓଡ଼ିଶା ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଥିଲା ।

## ସୋସିଆଲ କୋଟ୍ସ



"ମୁଁ ସୁକୁମାରନ୍ ସାର୍‌ଙ୍କର ବଡ ଫ୍ୟାନ୍ । ତାଙ୍କ କାମ ସବୁଠାରୁ ବେଷ୍ଟ । ସେ ତେଲୁଗୁ ଇଣ୍ଡଷ୍ଟ୍ରୀକୁ ଗୋଟିଏ ଭିନ୍ନ ଲେବଲ୍‌କୁ ନେଇଛନ୍ତି ।

ଅଲ୍ଲୁ ଅର୍ଜୁନ୍, ଅଭିନେତା



"ଲୋକ ମୋତେ କହୁଥିଲେ ମୁଁ ବିଦେଶୀଙ୍କ ଭଳି ଦେଖାଯାଉଛି । ପ୍ରଥମ ଫିଲ୍ମ ମୁଁ ଭଙ୍ଗା ନାକ ସହିତ କରିଥିଲି । ଏହାପରେ ସର୍ଜରୀ କରିଛି, ତେବେ ଏଥିରେ ଭୁଲ କ'ଣ ଅଛି ।

ଶ୍ରୁତି ହସନ, ଅଭିନେତ୍ରୀ



"ଯଦି ପ୍ରେମରେ ଧୋକା ମିଳୁଛି, ତେବେ ନିଜ ମନକୁ ଶାନ୍ତ କରିବା ପାଇଁ କାନ୍ଦି ପାର । ହେଲେ ପ୍ରେମିକାକୁ ଯିବାକୁ ଦିଅ ତାକୁ ରୋକ ନାହିଁ ।

ସଲମାନ ଖାନ୍, ଅଭିନେତା

# ମସ୍ତିଷ୍କକୁ ସକ୍ରିୟ ରଖିବାର ଟ୍ରିକ୍

ମସ୍ତିଷ୍କ ଆମର ସବୁଠାରୁ ଆବଶ୍ୟକୀୟ ଅଙ୍ଗ ହୋଇଥାଏ । ଏହାର ଇଙ୍ଗିତରେ ହିଁ ସମସ୍ତ କାର୍ଯ୍ୟ କରାଯାଇଥାଏ । ଶରୀରର ସମସ୍ତ ଅଙ୍ଗ ଏହାର ଇଶାରାରେ ହିଁ କାର୍ଯ୍ୟ କରନ୍ତି । ତେବେ ମସ୍ତିଷ୍କକୁ ଆକ୍ଟିଭ ରଖିବାପାଇଁ ଡାକ୍ତରମାନେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପ୍ରକାରର ବ୍ୟାୟାମ ପରାମର୍ଶ କରିଥାଆନ୍ତି । ତେବେ ନିକଟରେ ଏକ ଗବେଷଣାରେ ମିଳିଥିବା ସୂଚନା ଅନୁସାରେ କିଛି ଏଭଳି ଛୋଟଛୋଟ ଟ୍ରିକ ରହିଛି ଯାହାକୁ ଆପଣାଇ ଆପଣ ନିଜ ମସ୍ତିଷ୍କକୁ ଆକ୍ଟିଭ ରଖିପାରିବେ । ମସ୍ତିଷ୍କକୁ ଆକ୍ଟିଭ ରଖିବା ପାଇଁ ବେଳେବେଳେ ରୋଷେଇ କରିବା ସମୟରେ ହେଉ କିମ୍ବା ଖାଦ୍ୟ ଖାଇବା ସମୟରେ ନିଜର ଦୁଇହାତ ବ୍ୟବହାର କରନ୍ତୁ । ଯଦି ଡାହାଣ ହାତରେ ଏହି କାର୍ଯ୍ୟ କରୁଛନ୍ତି ତେବେ ବେଳେବେଳେ ବାମ ହାତ ବ୍ୟବହାର କରି ଏହି କାର୍ଯ୍ୟକୁ କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କର ମସ୍ତିଷ୍କ ଅଧିକ ସକ୍ରିୟ ହେବା ସହିତ ଏହାର କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିବ । କେବଳ ରୋଷେଇ କିମ୍ବା ଖାଇବା ନୁହେଁ ଏହାସହିତ ନିଜର ଅନ୍ୟ ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ୍ୟ ଏଭଳି ଭାବେ ନିଜର ବିପରୀତ ହାତକୁ ବ୍ୟବହାର କରନ୍ତୁ । ଏହାଫଳରେ ଆପଣଙ୍କର ଫ୍ଲେକ୍ସିବିଲିଟି ବଢ଼ିବ ।





# ଭାଇରାଲ ୱାଟର ମେନ୍ୟୁ

ପ୍ରାୟ ସମସ୍ତ ରେସ୍ତୋରାଁରେ ଡ୍ରିଙ୍କ୍ସ ମେନ୍ୟୁ ରହିଥାଏ ଯେଉଁଥିରେ ମାଦକଦ୍ରବ୍ୟ ସାମିଲ ଥାଏ । ହେଲେ ନିକଟରେ ୟୁକେରେ ଥିବା ଏକ ଫ୍ରେଞ୍ଚଷ୍ଟାଇଲ ରେସ୍ତୋରାଁରେ ଯେଉଁମାନେ ନିଶା ଖାଉନାହାନ୍ତି ସେମାନଙ୍କ ପାଇଁ ଏକ ନିଆରା ମେନ୍ୟୁ ପ୍ରସ୍ତୁତ କରିଥିବା ଦେଖିବାକୁ ମିଳିଛି । ତେବେ ଏଥିରେ ଯେଉଁମାନେ ଆଲୋକହଲ୍ ଡ୍ରିଙ୍କ ପିଉନାହାନ୍ତି ସେମାନଙ୍କ ପାଇଁ ଫ୍ୟାନ୍ସି ଡିଙ୍କର ବିକଳ୍ପ ରହିଛି । ଏହି ମେନ୍ୟୁରେ ୟୁରୋପ, ବ୍ରିଟେନ୍, ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ ଆଦିର ପାଣି ବୋତଲକୁ ସ୍ଥାନ ଦିଆଯାଇଛି । ଏହି ବୋତଲ ଗୁଡିକର ମୂଲ୍ୟ ୬.୮୦ ଡଲାରରୁ ୨୬ ଡଲାର ପର୍ଯ୍ୟନ୍ତ ରହିଛି । ଏହି ପାଣିଗୁଡିକରେ ମଧ୍ୟ ଆପଣଙ୍କୁ ବିଭିନ୍ନ ବିକଳ୍ପ ଚୟନ କରିବାର ସୁଯୋଗ ମିଳିବ । ଏହି ସମସ୍ତ ପାଣିର ମିନେରାଲ୍ସ ଲେବଲ ଭିନ୍ନଭିନ୍ନ ରହିଥାଏ । ଏହି ମେନ୍ୟୁର ନାଁ ରଖାଯାଇଛି ୱାଟର ମେନ୍ୟୁ, ଯାହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

# କଲରା ଟିକ୍କି

**ସାମଗ୍ରୀ–** କଲରା, ପନିର, ପିଆଜ, କଞ୍ଚା ଲଙ୍କା, ଅଦା, ରସୁଣ, ଧନିଆ ପତ୍ର, ବେସନ, ଆମଚୁର ପାଉଡର, ଲଙ୍କା ଗୁଣ୍ଡ, ହଳଦୀ, ଜୁଆଣି, ଲୁଣ ।




**ପ୍ରଣାଳୀ–** ପ୍ରଥମେ କଲରାକୁ ଭଲକରି ଧୋଇ ନିଅନ୍ତୁ ଏବଂ ଏହାର ବାହାର ଅଂଶକୁ ଗ୍ରେଟ କରି ନିଅନ୍ତୁ । ଏହାପରେ ଗ୍ରେଟ ହୋଇଥିବା କଲରାକୁ ହାଲୁକା ଗୁଣ୍ଡ କରିନିଅନ୍ତୁ । ଏହାପରେ ଏହାକୁ ଲୁଣ ମିଶାଇ କିଛି ସମୟ ପାଇଁ ରଖି ନିଅନ୍ତୁ । ଏହାପରେ ଗୋଟିଏ ପାତ୍ରରେ କଟା ପିଆଜ, ଲଙ୍କା, ଅଦା, ରସୁଣ, ଧନିଆ ପତ୍ର ମିଶାନ୍ତୁ । ପରେ ଏହି ମିଶ୍ରଣରେ କଲରାକୁ ପାଣିରୁ ଛାଣି ମିଶାନ୍ତୁ । ଏହି ମିଶ୍ରଣରେ ପନିର ମଧ ମିଶାନ୍ତୁ । ଏହି ସମସ୍ତ ମିଶ୍ରଣକୁ ଭଲକରି ଗୋଳାଇ ନିଅନ୍ତୁ । ପରେ ପ୍ୟାନ ବସାଇ ଏହି ମିଶ୍ରଣକୁ ଛୋଟଛୋଟ ବଡା ଆକାରରେ ସେକି ନିଅନ୍ତୁ । ପ୍ରସ୍ତୁତ ହୋଇଯିବ କଲରା ଟିକ୍କି ।

୧୯୨୨– ଆମେରିକୀୟ ଭଣ୍ଡାର ସନ୍ଧାନକାରୀ ତଥା ମେଲ୍ ଫିସର୍ ସାମୁଦ୍ରିକ ମ୍ୟୁଜିଅମ୍‌ର ସଂସ୍ଥାପକ ମେଲ୍ ଫିସର୍‌ଙ୍କ ଜନ୍ମ ।
୧୯୩୧–ପ୍ରସିଦ୍ଧ ଶାସ୍ତ୍ରୀୟ ସଂଗୀତଜ୍ଞ ପଣ୍ଡିତ ବିଷ୍ଣୁ ଦିଗମ୍ବର ପୁଲସ୍କରଙ୍କ ଦେହାନ୍ତ ।
୧୯୭୨– ବନ୍ୟଜନ୍ତୁ ସଂରକ୍ଷଣ ଆଇନକୁ ମଞ୍ଜୁରି ।
୧୯୭୯– ଭାରତର ସବୁଠୁ ନିମ୍ନବୟସ୍କ ନେତା ତଥା ଅରୁଣାଚଳ ପ୍ରଦେଶର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପେମା ଖାନ୍ଦୁଙ୍କ ଜନ୍ମ ।
୧୯୮୬– କ୍ୟାମ୍‌ରୁନ୍‌ରେ ଜ୍ୱାଳାମୁଖୀ ବିସ୍ଫୋରଣରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ପାଇଁ ୨୦୦୦ ଲୋକଙ୍କ ମୃତ୍ୟୁ ।
୧୯୮୬– ୧୦୦ ଓ ୨୦୦ ମିଟର ଦୌଡରେ ବିଶ୍ୱ ରେକର୍ଡ କରିଥିବା ଆଥ୍ଲେଟ୍ ୟୁସେନ୍ ବୋଲ୍ଟଙ୍କ ଜନ୍ମ ।
୨୦୦୬– ଭାରତରତ୍ନ ସମ୍ମାନିତ ପ୍ରଖ୍ୟାତ ବଇଁଷି ବାଦକ ଉସ୍ତାଦ ବିସମିଲ୍ଲା ଖାନ୍‌ଙ୍କ ଦେହାନ୍ତ ।
୨୦୦୮– ମୁନ୍ ମିସନ୍ ପାଇଁ ନାସା ସହିତ ହାତ ମିଶାଇଲା ଭାରତ ।

# ଓଲଟା ଝରଣା

ଦୁନିଆରେ ଏଭଳି ଅନେକ ସ୍ଥାନ ରହିଛି, ଯାହା ପର୍ଯ୍ୟଟକଙ୍କୁ ଆଚମ୍ଭିତ କରିଥାଏ । ସେହିଭଳି ଏକ ସ୍ଥାନ ହେଲା ଭାରତର ମହାରାଷ୍ଟ୍ରର ନେନ୍‌ଘାଟ ୱାଟରଫଲ୍ । ଏହା ରିଭର୍ସ ବା ଓଲଟା ୱାଟରଫଲ୍ ଭାବେ ବିଶ୍ୱରେ ପରିଚିତ । ଏହି ୱାଟରଫଲ୍‌ରେ ପାଣି ଓଲଟା ପ୍ରବାହିତ ହୋଇଥାଏ । ଏହି ୱାଟରଫଲ୍‌ର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏଥିରେ ଦେଖିବାକୁ ମିଳୁଛି ପବନର ବେଗ ଏତେ ଅଧିକ ରହିଛି ଯେ ପାଣି ତଳକୁ ପଡିବା ପରିବର୍ତ୍ତେ ଉପରକୁ ଉଠୁଛି । ଦୃଶ୍ୟଟି ଦେଖିବାକୁ ଖୁବ ସୁନ୍ଦର ହୋଇଛି । ୟୁଜର୍ସମାନେ ଏହାକୁ ବହୁଳମାତ୍ରାରେ ଲାଇକ୍ ସେୟାର କରିବାରେ ଲାଗିଛନ୍ତି । ଏହା ବିଷୟରେ ଖୁବ କମ ଲୋକ ଜାଣିଥାଆନ୍ତି, ବର୍ତ୍ତମାନ ଏହି ଭିଡିଓ କାରଣରୁ ଅନେକ ଲୋକ ଏହା ବିଷୟରେ ଜାଣିବା ସହିତ ଏହା ଖୁବ ଭଲ ଯାଗା ବୋଲି କମେଣ୍ଟରେ ମତ ଦେଇଛନ୍ତି ।





# ପୁଣି ଆସୁଛନ୍ତି ଦେଓ୍ୱଲ ଭାଇ

ଦେଓ୍ୱଲ ପରିବାରଙ୍କର ଅଭିନୀତ ଫିଲ୍ମ ଅପନେକୁ ଦର୍ଶକ ଅନେକ ଭଲପାଇବା ଦେଇଥିଲେ । ସେହିଭଳି ଏହାର ସିକୁଏଲ ପାଇଁ ମଧ୍ୟ ଅନେକ ସମୟରେ ଦର୍ଶକମାନେ ଅନୁରୋଧ କରୁଥିବାର ଦେଖିବାକୁ ମିଳିଥାଏ । ସୂଚନା ଅନୁସାରେ ନିର୍ଦ୍ଦେଶକ ଅନିଲ ଶର୍ମା ବର୍ତ୍ତମାନ ଏହି ଫିଲ୍ମର ସିକୁଏଲ ଉପରେ କାର୍ଯ୍ୟ କରୁଥିବା ଜଣା ପଡିଛି । ଖୁବଶୀଘ୍ର ଏହି ଫିଲ୍ମର ସିକୁଏଲ ବା ଅପନେ ୨ ପରଦାକୁ ଆସିବ ବୋଲି ଜଣାପଡିଛି । ସେହିଭଳି କେବଳ ଦର୍ଶକ କି ନିର୍ଦ୍ଦେଶକ ନୁହେଁ ଏହି ସିକୁଏଲ କରିବାକୁ ଫିଲ୍ମର ଷ୍ଟାରକାଷ୍ଟମାନେ ମଧ ଆଗ୍ରହୀ ଥିବା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି । ତେଣୁ ସେମାନଙ୍କୁ ଏହି ଫିଲ୍ମ ପାଇଁ ରାଜିକରାଇବାକୁ ବିଶେଷ ପରିଶ୍ରମ କରିବାକୁ ପଡିନଥିବା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି । ସେମାନେ ସମସ୍ତେ ଏହି ଫିଲ୍ମ କରିବାକୁ ଖୁବ ସହଜରେ ରାଜି ହୋଇଥିବା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି । ଖବର ପ୍ରଚାର ହେବାପରେ ଅପନେ ଫ୍ୟାନମାନେ ଖୁବ ଖୁସି ଅଛନ୍ତି । ପୁଣିଥରେ ଦେଓ୍ୱଲ ପରିବାରକୁ ଏକାଠି ପରଦାରେ ଦେଖିବାକୁ ସମସ୍ତ ଦର୍ଶକ ଖୁବ ଖୁସି ଅଛନ୍ତି ।



ନିଟ୍ ପିଜି-୨୦୨୫ ପରୀକ୍ଷାରେ ଅଲ୍ଇଣ୍ଡିଆ ର୍ୟାଙ୍କ-୧ ରଖିଥିବା ଡଃ. ପୁଶନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



କେନ୍ଦ୍ର କ୍ୟାବିନେଟରେ ଓଡ଼ିଶା ପାଇଁ କ୍ୟାପିଟାଲ ରିଜନ୍ ରିଙ୍ଗ ରୋଡ ମଞ୍ଜୁର କରାଯାଇଥିବାରୁ ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ବିଧାୟକ ଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରୁଛନ୍ତି

## ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଏସସିବିରେ ଭର୍ତ୍ତି

କଟକ,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଧର୍ମପତ୍ନୀ ଶ୍ରୀମତୀ ପ୍ରିୟଙ୍କା ମାରାଣ୍ଡି ବୁଧବାର ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲର ଶଲ୍ୟ ଚିକିତ୍ସା ବିଭାଗରେ ଆଡ଼ମିସନ ହୋଇଛନ୍ତି । ତାଙ୍କର ଏକ ଛୋଟ ଧରଣର ଅସ୍ତ୍ରୋପଚାର କରାଯିବ । ଏଥିପାଇଁ ମେଡିକାଲ ପକ୍ଷରୁ ପ୍ରସ୍ତୁତି କରାଯାଇଛି । ସର୍ଜରୀ ବିଭାଗ ପ୍ରଫେସର ଏଲ. ଭି. ଗୌରିଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯିବ । ଶ୍ରୀମତୀ ମାରାଣ୍ଡିଙ୍କର ସବୁ ପ୍ରକାର ପରୀକ୍ଷା ନିରୀକ୍ଷା କରାଯାଇଛି । ଡାଇବେଟିସ, ରକ୍ତଚାପ, କାର୍ଡିଓଲୋଜି, ରେସ୍ପିରେଟୋରି, ଆନାସଥେସିଆ ଆଦି ପରୀକ୍ଷା ଶେଷ ହୋଇଛି । ସମସ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ଗୁରୁବାର ଅସ୍ତ୍ରୋପଚାର ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେବ । ସେ ସର୍ଜରୀ ବିଭାଗରେ ରହିଛନ୍ତି । ଏସ ସି ବି ମେଡିକାଲ କଲେଜ ହସ୍ପିଟାଲ ଅଧିକ୍ଷକ ଗୌତମ ଶତପଥିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ତଦାରଖ କରାଯାଉଛି ।

# ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଓଡିଶା ଭବନ ନିର୍ମାଣ ସମୀକ୍ଷା

ଭୁବନେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆଜି ନୂଆଦିଲ୍ଲୀର ନୂତନ ଓଡିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଏହି ଭବନର ପୁନଃନିର୍ମାଣ କରାଯାଉଛି ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଦେଶର ରାଜଧାନୀ ନୂଆଦିଲ୍ଲୀରେ ନିର୍ମିତ ହେବାକୁ ଥିବା ଏହି ନୂଆ ଭବନରେ ଓଡିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା



## ୭ ମହଲା ବିଲ୍ଡିଂରେ ରହିବ ୪୫ଟି କୋଠରି

### ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟରେ ଓଡିଶା ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ପାଇଁ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଥିଲେ । ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରୁ ଜଣାଯାଇଛି ଯେ, ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏହି ୬ ଭବନ ନିର୍ମାଣ କରାଯିବ ଏବଂ ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଟ୍ ଉପଲବ୍ଧ ହେବ । ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି । ସେହିଭଳି ମୁମ୍ବାଇକୁ ଯେହେତୁ ଓଡିଶାରୁ ଅଧିକ ସଂଖ୍ୟକ କ୍ୟାନସର ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି, ତେଣୁ ମୁମ୍ବାଇ ଓଡିଶା ଭବନରେ ଅଧିକ କୋଠରୀ ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ଓଡିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଦର୍ଶାଲୁ ଯାଉଥିବାରୁ ଏବଂ ହାଇଦ୍ରାବାଦ ଓ ସୁରଟରେ ବହୁଳ ଭାବେ ଓଡିଆ ଲୋକ ରହୁଥିବାରୁ ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟରେ ଓଡିଶା ଭବନ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ କୋଲକତା ଉତ୍କଳ ଭବନର ମରାମତି ଓ ନବୀକରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଶର ଟପ୍ପର ଏସସିବି ଛାତ୍ର ପୁଶନଙ୍କ ଘର କଟକ କାଳିଗଳିରେ

କଟକ,(ସବ୍ୟୁ): ସର୍ବଭାରତୀୟ ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଏସସିବି ମେଡିକାଲ କଲେଜ ଛାତ୍ର ଡାକ୍ତର ପୁଶନ ମହାପାତ୍ର ଦେଶରେ ଟପ୍ପର ହୋଇଛନ୍ତି । ପିଜି ନାମଲେଖା ନିମନ୍ତେ ପ୍ରକ୍ରିୟା ଆଗାମୀ ଦିନରେ ଆରମ୍ଭ ହେବ । ତେବେ ଦିଲ୍ଲୀ ଯାଇ ଡାକ୍ତରୀ ପାଠପାରେ ଉଚ୍ଚଶିକ୍ଷା ହାସଲ କରିବା ପୁଶନଙ୍କ ଲକ୍ଷ୍ୟ ରହିଛି । କଟକ କାଳିଗଳି ଅଞ୍ଚଳର ଜୟକୃଷ୍ଣ ମହାପାତ୍ର ଏବଂ ରଚିତା ମହାପାତ୍ରଙ୍କ ପୁଅ ପୁଶନ ଷ୍ଟିୱାର୍ଟ ସ୍କୁଲରୁ ଦଶମ ଏବଂ ଏଲଆର ଡିଏଭିରୁ ଯୁକ୍ତ ଦୁଇ ପାଠ ଶେଷ କରିବା ପରେ ଏସସିବି ମେଡିକାଲ କଲେଜରେ ଏମବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ଗତଶିକ୍ଷା ବର୍ଷରେ ତାଙ୍କର ଏମବିବିଏସ୍ ପାଠପଢ଼ା ଶେଷ ହୋଇଛି । ଗତବର୍ଷ ଜାନୁୟାରୀରୁ ଚଳିତବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ସେ ହାଉସସର୍ଜନ ଭାବେ ଇଣ୍ଟର୍ନସିପ୍ କରୁଥିଲେ । ମାର୍ଚ୍ଚ ପରଠାରୁ ସେ ନିଟ୍ ପିଜି ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ । ପୁଶନଙ୍କ ଭଉଣୀ ଡାକ୍ତର ଚେତନା ମହାପାତ୍ର ଏସସିବି ମେଡିକାଲ କଲେଜ ଇଏନଟି ବିଭାଗର ପିଜି ଛାତ୍ରୀ । ଭିଣୋଇ ବିଶ୍ୱଜିତ ବାହାଲ ଏଠାରେ ଭେଷଜ ବିଭାଗର ଡାକ୍ତର ଅଟନ୍ତି ।

# ଭୁବନେଶ୍ୱରରେ ନୂତନ ସହର ପାଇଁ ରୂପରେଖ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ସରକାର ପ୍ରସ୍ତାବିତ ନୂତନ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି । ଏହାକୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ । ଏହି ପ୍ରକଳ୍ପ ଏକ ମଡେଲ ସହର କଳ୍ପନା କରିବା ସହିତ ଏଥିରେ ଜମି



## ୩୩୮ ହେକ୍ଟରରେ ଜମି ଚିହ୍ନଟ ସରିଛି

### ବିଡିଏ-ଜେଏଲଏଲ ମଧ୍ୟରେ ଏମ୍‌ଓୟୁ

ମୂଲ୍ୟକୁ ଉନ୍ନତ କରିବା ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡିଂ ହାସଲ କରିବା ପାଇଁ ଡିଜାଇନ୍ କରାଯାଇଛି ।

ଏ ସଂକ୍ରାନ୍ତରେ ସିଙ୍ଗାପୁରସ୍ଥିତ ଅର୍ନ୍ତଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ ଜୁରଙ୍ଗର ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଓ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ବୁଧବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ଶ୍ରୀମତୀ ପାଢୀ କହିଛନ୍ତି, ଭୁବନେଶ୍ୱର ନୂତନ ସହର ପ୍ରକଳ୍ପ ଓଡ଼ିଶା ପାଇଁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ କେନ୍ଦ୍ର ଗଠନ ଏକ ଯୁଗାନ୍ତକାରୀ ପଦକ୍ଷେପ । ଯାହା ଭବିଷ୍ୟତ ପୀଢ଼ି ପାଇଁ ଅନ୍ତର୍ଭୁକ୍ତି, ସ୍ଥାୟୀତ୍ୱ ଓ ସ୍ଥିରତାକୁ ପ୍ରତିଫଳିତ କରେ । ଏହି ଆଲୋଚନାରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଇ ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିଚାଳିତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ବିଡିଏ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବ ଏବଂ ବିକାଶ ପାଇଁ ସର୍ବୋତ୍ତମ ଉପଯୁକ୍ତ ଉତ୍ପାଦ ତାହା ସୁପାରିଶ କରିବା ପାଇଁ ଜେଏଲଏଲକୁ ବିଚାରକୁ ନେବ । ଏ ସମ୍ପର୍କରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଏବଂ ଜେଏଲଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

## ଓଡ଼ିଶାରୁ ପ୍ରଥମ ଥର ମାଣ୍ଡିଆ ଉଠାଇଲା ଏଫ୍‌ସିଆଇ

# ୪୦ ହଜାର ମେଟ୍ରିକ ଟନ ଉଠାଣ ଲକ୍ଷ୍ୟ

ଭୁବନେଶ୍ୱର,(ସବ୍ୟୁ): ଓଡିଶାରେ ଉତ୍ପାଦିତ ମାଣ୍ଡିଆର ଚାହିଦା ସମଗ୍ର ଦେଶରେ ସ୍ୱତନ୍ତ୍ର ରହିଛି । ଶ୍ରୀଅନ୍ନ ଅଭିଯାନ ଅଧୀନରେ ଅଧିକ ଗୁଣାତ୍ମକ ମାଣ୍ଡିଆ ଉତ୍ପାଦନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରୁ ଉତ୍ପାଦିତ ମାଣ୍ଡିଆ ଉଚ୍ଚ ପୁଷ୍ଟି ଓ ଗୁଣଯୁକ୍ତ ଥିବାରୁ ଓଡ଼ିଶାରୁ ପ୍ରଥମ ଥର ପାଇଁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ମାଣ୍ଡିଆ ଉଠାଇଛି । ଖାଦ୍ୟ ନିଗମ କେନ୍ଦ୍ରୀୟ ପୁଲ ଆଧାରରେ ରାଜ୍ୟରୁ ୪୦ ହଜାର ମେଟ୍ରିକ ଟନ ମାଣ୍ଡିଆ ଉଠାଇବ । ଯାହା ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ପ୍ରଦାନ କରାଯିବ ।

ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରୁ ମାଣ୍ଡିଆ ଉଠାଇବା ପାଇଁ ଭାରତୀୟ ଖାଦ୍ୟ ନିଗମ ଇଚ୍ଛାବ୍ୟକ୍ତ କରିଥିଲା । ରାଜ୍ୟରେ ଉପଲବ୍ଧ ମାଣ୍ଡିଆର ପୁଷ୍ଟି ଓ ଖାଦ୍ୟ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏଫ୍‌ସିଆଇ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉକ୍ତ ୪୦ ହଜାର ମେଟ୍ରିକ ଟନ ମଧ୍ୟରୁ ୧୬ ହଜାର ୮୦୦ ମେଟ୍ରିକ ଟନ ନେବା ପାଇଁ ଆନ୍ଧ୍ରପ୍ରଦେଶ ଇଚ୍ଛାବ୍ୟକ୍ତ କରିଥିବାରୁ ପ୍ରଥମ ପର୍ଯ୍ୟାୟରେ ୨୬୪୨ ମେଟ୍ରିକ ଟନ ଏଫସିଆଇ ମାଧ୍ୟମରେ ଉଠାଣ ହୋଇଛି । ଉକ୍ତ ମାଣ୍ଡିଆ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଭଳି ଆଦିବାସୀ ବହୁଳ ଜିଲ୍ଲାରୁ ଉଠାଣ ହୋଇଛି । ପର୍ଯ୍ୟାୟକ୍ରମେ ଲକ୍ଷ୍ୟ ଧାର୍ଯ୍ୟ ଥିବା ବାକି ମାଣ୍ଡିଆ ମଧ୍ୟ ଉଠାଣ ହେବ । ଏହା କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ ଏବଂ ଆଦିବାସୀ ଉନ୍ନୟନ ସମବାୟ ନିଗମର ମିଳିତ ଉଦ୍ୟମରେ ଏହି ଲକ୍ଷ୍ୟ ପୂରଣ ହୋଇଛି ।


ଭାରତ ସରକାର ୨୦୨୩ ମସିହାକୁ ମାଣ୍ଡିଆ ଆନ୍ତର୍ଜାତିକ ବର୍ଷ ଭାବେ ଘୋଷଣା କରିବା ସହ ଏହାର ଉତ୍ପାଦନ ଓ ପୋଷଣଯୁକ୍ତ ଖାଦ୍ୟ ଭାବେ ଜନାଦୃତି ପାଇଁ ମଧ୍ୟ ଅଭିଯାନ ଜାରି ରଖିଛନ୍ତି । ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଣ୍ଡିଆକୁ ଏକ ଉଚ୍ଚ ଗୁଣବତ୍ତା ଖାଦ୍ୟ ଭାବେ ଘୋଷଣା କରିବା ସହ ଲୋକମାନଙ୍କୁ ମାଣ୍ଡିଆ ଭଳି ଅଧିକ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଅନୁରୂପ ଭାବେ ଓଡ଼ିଶା ସରକାର ମଧ୍ୟ ଅଧିକ ପୁଷ୍ଟି ଓ ଗୁଣବତ୍ତାସଂପନ୍ନ ମାଣ୍ଡିଆ ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ ଫସଲ ବିବିଧିକରଣ ପାଇଁ ଅଧିକରୁ ଅଧିକ ମାଣ୍ଡିଆ ଚାଷ ଉପରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ଏହାଦ୍ୱାରା କୃଷକମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିବା ସହ ବିକଶିତ ଭାରତ ଓ ବିକଶିତ ଓଡିଶା ଲକ୍ଷ୍ୟ ହାସଲରେ ଏହା ସହାୟକ ହେବ ।

# ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ ବୈଠକ

କଟକ, (ସବ୍ୟୁ): ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ ନିମନ୍ତେ ଏକ ବୈଠକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠରେ ଅନୁଷ୍ଠିତ ହୋଇଯାଇଅଛି । କଟକ ଜିଲ୍ଲାରେ ଅଧାରୁ ପାଠ ଛାଡିଥିବା , ବିଦ୍ୟାଳୟରେ ନାମ ନ ଲେଖାଇଥିବା ଏବଂ ଆଦୌ ବିଦ୍ୟାଳୟ ଯାଇନଥିବା ସାତ(୭)ବର୍ଷରୁ ଉର୍ଦ୍ଧ ବୟସର ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ମୁଖ୍ୟ ସ୍ରୋତରେ ସାମିଲ କରିବାନେଇ ଆଜିର ଏହି ଆସ ସ୍କୁଲ ଯିବା ଅଭିଯାନବୈଠକରେ ଜିଲ୍ଲାପାଳ ବିଶେଷ ଆଲୋଚନା କରିବା ସହ ଆମ ଜିଲ୍ଲାରେ ସ୍କୁଲ ଯିବା ପାଇଁ ପିଲାମାନଙ୍କୁ କିପରି ଉତ୍ସାହିତ କରି ପାରିବା ସେଥିପାଇଁ ରୂପରେଖ ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେଛ ଏଥିପାଇଁ ଉଭୟ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅଭିଭାବକ ମାନଙ୍କର ଗୁରୁ ଦାୟିତ୍ୱ ରହିଛି । ବିଶେଷ କରି ସମସ୍ତ ବ୍ଲକ ମାନଙ୍କରେ ନିର୍ଦ୍ଦିଷ୍ଟ ସମୟରେ ବୈଠକ କରି ପିଲା ମାନଙ୍କୁ ଶିକ୍ଷା ପ୍ରାପ୍ତ କରାଇବାରେ ପଦକ୍ଷେପ ଗ୍ରହଣ କରାଯିବ ନେଇ ବୈଠକରେ ଆଲୋଚନା କରାଯାଇଥିଲାଛ ପଦକ୍ଷେପ ସ୍ୱରୂପ ଚାଇଲ୍ଡ ଟ୍ରାକିଂ ସର୍ଭେ ୨୦୨୫-୨୬ବର୍ଷ ଅନୁଯାୟୀ ସମଗ୍ର ଜିଲ୍ଲାରେ ୫୨୪୭ଜଣ ପିଲା ପାଠ ପଢା ଛାଡ଼ିଥିବାର ସୂଚନା ଦିଆଯାଇଥିବା ବେଳେ କେବଳ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୭ ରୁ ୧୮ ବର୍ଷ ବୟସ ମଧ୍ୟରେ ୨୨୬୦ ଜଣ ପିଲା ପାଠପଢାରୁ ବଞ୍ଚିତ ଅଛନ୍ତି ।

## ବିଦ୍ୟୁତ ଆଘାତରେ ଚାଷୀ ମୃତ

କାକଟପୁର ,(ସବ୍ୟୁ): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମ ପଞ୍ଚାୟତ ଛୋଟିପଡ଼ା ଗ୍ରାମର ରମେଶ ମଲ୍ଲ (୪୮)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଛି । ବର୍ଷା ଅଭାବରୁ ନିଜ ଚାଷ ଜମିରେ ପାଣି ମଡ଼ାଇବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସଥିଲେ । ରମେଶ ତାଙ୍କ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।




## ଟ୍ରକ ଧକ୍କାରେ ବାଇକ ଚାଳକ ମୃତ

ଆଠଗଡ଼ ,(ସବ୍ୟୁ): ଆଠଗଡ ଥାନା ଅନ୍ତର୍ଗତ ମାରୁଗୋଠ ପେଟ୍ରୋଲ ପମ୍ପ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି।ବାଇକ ଆରୋହୀ ତିଗିରିଆ ପଟରୁ ଆସୁଥିବା ବେଳେ ଆଇଚର ଟ୍ରକ ଆଠଗଡ ପଟୁ ଯାଉଥିଲା ବେଳେ ଘଟଣା ସ୍ଥଳରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ ଆଇଚର ଗାଡି ଫେରାର ହେଉଥିବା ବେଳେ ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଗାଡିକୁ ଜବତ କରିଥିଲେ। ବାଇକ ଚାଳକଙ୍କୁ ତୁରନ୍ତ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଗୁରୁବାର ଶବ ବ୍ୟବଛେଦ କରାଯିବ। ମୃତକ ହେଲେ ଉତ୍ତରବାଙ୍କୀ ଅନ୍ତର୍ଗତ ରତାଗଡ ପଞ୍ଚାୟତ ସହଗାଁ ଗୋପାଳପୁରର ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୩୮)। ପ୍ରଧାନ ବିବାହିତ ଥିବା ବେଳେ ତାଙ୍କର ଗୋଟିଏ ଝିଅ ରହିଛି।

# ରାଜରାସ୍ତାରେ କଲେଜ ରାଗିଂ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ବିଭିନ୍ନ କଲେଜରେ ଛାତ୍ରଙ୍କୁ ର୍ୟାଗିଂ କରାଯାଉଥିବା ଅଭିଯୋଗ ହେଉଥିବା ବେଳେ କଲେଜ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । କେତେକ କ୍ଷେତ୍ରରେ ର୍ୟାଗିଂକୁ ପ୍ରତିବାଦ କରି ଛାତ୍ରଛାତ୍ରୀମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଛନ୍ତି । ହେଲେ ର୍ୟାଗିଂ ଥମିବାର ନାଁ ଧରୁନାହିଁ ।

ର୍ୟାଗିଂକୁ ନେଇ ବିଜେବି କଲେଜ ଛାତ୍ରମାନେ ବୁଧବାର କିଛି ସମୟ ରାସ୍ତାରୋକ କରିଥିବା ବେଳେ ଚନ୍ଦ୍ରଶେଖରପୁରରେ ଛାତ୍ରଙ୍କୁ ଅଣଛାତ୍ରମାନେ ମାରଣାସ୍ତ୍ର ସାହାଯ୍ୟରେ ରାସ୍ତାରେ ଗୋଡାଇ ଗୋଡାଇ ଆକ୍ରମଣ କରିବା ଘଟଣା ଚର୍ଚ୍ଚା ହେଉଛି । ଆକ୍ରମଣ ସମୟରେ ଲୋକଙ୍କ ହସ୍ତକ୍ଷେପ ଓ ପୋଲିସ ପହଞ୍ଚିବା ଯୋଗୁ ଆକ୍ରମଣକାରୀ ଯୁବକମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ହେଲେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ଚନ୍ଦ୍ରଶେଖରପୁର ଆଚାର୍ଯ୍ୟ ହରିହର କଲେଜରେ ଛାତ୍ରମାନେ କଲେଜ କ୍ୟାମ୍ପସ୍‌ରେ ଖେଳୁଥିବା ବେଳେ କେତେକ ଛାତ୍ର ଓ ଅଣଛାତ୍ର ମିଶି ଆଡୁଆଳରେ ନିଶା ସେବନ କରୁଥିଲେ । ନିଶା ହେବା ପରେ ଖେଳୁଥିବା ଛାତ୍ରମାନଙ୍କୁ ସେମାନେ କମେଣ୍ଟ କରୁଥିଲେ । ସେଥିପାଇଁ ପାଟିତୁଣ୍ଡ ହୋଇଥିଲା । ସେହି ଘଟଣାକୁ କେନ୍ଦ୍ର କରି ବୁଧବାର ଛାତ୍ର ଓ ଅଣଛାତ୍ର ମିଶି ୮/୧୦ଜଣ ମାରଣାସ୍ତ୍ରରେ ସଜ୍ଜିତ ହୋଇ କେତେକ ଛାତ୍ରଙ୍କୁ ରାସ୍ତାରେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା, କଟୁରୀ, ପିସ୍ତଲ ପ୍ରଭୃତି ଧରିଥିବା ଆକ୍ରମଣର ଶିକାର ହୋଇଥିବା ଛାତ୍ରମାନେ କହିଛନ୍ତି । ର୍ୟାଗିଂକୁ ନେଇ ରାସ୍ତାରେ ମାରଣାସ୍ତ୍ରରେ ଆକ୍ରମଣ ହେବା ଘଟଣାକୁ ସେହି ଅଞ୍ଚଳର ଲୋକମାନେ ନିନ୍ଦା କରିବା ସହ ଆକ୍ରମଣ ସମୟରେ ହସ୍ତକ୍ଷେପ କରିଥିଲେ । ପୋଲିସ ୩ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି । ବିଜେବି କଲେଜରେ ୨/୩ ଥର ର୍ୟାଗିଂ ହେବା ପରେ କେତେକ ଛାତ୍ର ଦଣ୍ଡିତ ହୋଇଛନ୍ତି । ହେଲେ ର୍ୟାଗିଂ ଥମୁନାହିଁ । ଯାହା ଫଳରେ ର୍ୟାଗିଂକୁ ନେଇ କେତେକ ଛାତ୍ର ବୁଧବାର ଦିନ ରାସ୍ତାରୋକ କରିଥିଲେ। ବୁଝାସୁଝା ପରେ ସେମାନେ ଆନ୍ଦୋଳନରୁ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

**ଚନ୍ଦ୍ରଶେଖରପୁରରେ ମାରଣାସ୍ତ୍ର ଆକ୍ରମଣ, ୩ ଅଟକ**

**ବିଜେବି କଲେଜ ଛାତ୍ରଙ୍କ ରାସ୍ତାରୋକ**



ନୂଆଦିଲ୍ଲୀଠାରେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି.ରାଧାକୃଷ୍ଣନଙ୍କୁ ଭେଟିଲେ ଓଡ଼ିଶା ପ୍ରଦେଶର ବିଜେପି ସାଂସଦଗଣ

## ଖୋର୍ଦ୍ଧା ଜିଲ୍ଲା କ୍ରୀଡା ସଂଗଠନ ଓ ସ୍କାଉଟ୍ସ ଗାଇଡ୍ସ କାର୍ଯ୍ୟକାରିଣୀ ବୈଠକ

# ପ୍ରତ୍ୟେକ ବିଦ୍ୟାଳୟରେ ରହିବ ସ୍କାଉଟ୍ସ ଗାଇଡ୍ସ ଓ କ୍ରୀଡା ସଂଗଠନର ଶାଖା

ଖୋର୍ଦ୍ଧା,(ସବ୍ୟୁ): ସ୍ଥାନୀୟ ବି.ଜେ.ବି ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଗାଇଡ ଓ କ୍ରିଡା ସଂଗଠନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ଅଧକ୍ଷତା କରିଥିଲେ । ସ୍କାଉଟ ଓ ଗାଇଡ୍ସର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ ବାର୍ଷିକ ବଜେଟ ଉପସ୍ଥାପନ କରିଥିଲେ । ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ କ୍ରିଡା ସହିତ ବାଧତାମୂଳକ ଭାବେ ସ୍କାଉଟ ଓ ଗାଇଡ୍ସ ଶାଖା ଖୋଲିବା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ୧୮ଗୋଟି ବିଭିନ୍ନ ବିଭାଗର କ୍ରିଡା ପ୍ରତିଯୋଗୀତା ନିମନ୍ତେ ବ୍ୟୟ ଅଟକଳ ଚୁଡାନ୍ତ କରାଯାଇଥିଲା । ଏଥିସହିତ ସ୍କାଉଟ ଓ ଗାଇଡ୍ସର ବାର୍ଷିକ ବଜେଟ ଅନୁମୋଦନ କରାଯାଇଥିଲା । ଚଳିତ ବର୍ଷ ଜିଲ୍ଲା କ୍ୟାମ୍ପୋରୀ ଓ ରାଜ୍ୟ ପୁରସ୍କାର ପାଇଁ ପ୍ରତିଯୋଗୀ ଚୟନ ସ୍ଥାନୀୟ ବି.ଜେ.ବି ହାଇସ୍କୁଲ ଠାରେ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅବସର ନେଇଥିବା ଜିଲ୍ଲା ସ୍କାଉଟ କମିଶନର ଦାୟିତ୍ୱ ସାମୟିକ ଭାବେ ଚିତରଞ୍ଜନ ବରାଳଙ୍କୁ ସର୍ବସମ୍ମତି କ୍ରମେ ପ୍ରଦାନ କରାଯାଇଥିଲା। ଜିଲ୍ଲା ସ୍କାଇଟ ଗାଇଡ୍ସ ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ପଲାଇଙ୍କୁ ରାଜ୍ୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଜୁହାର ଓ ପ୍ରତିବିମ୍ବ ସମେତ ଅନ୍ୟାନ୍ୟ ପ୍ରତିଯୋଗିତାରେ ସଫଳତା ପାଇଁ ଏହି ବୈଠକରେ ସମ୍ବନ୍ଧିତ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ପ୍ରଜ୍ଞା ପାରମିତା ଜେନା, ଜିଲ୍ଲା ଶାରୀରିକ ଶିକ୍ଷା ନିରିକ୍ଷକ ଦିଲ୍ଲୀପ କୁମାର ମୋଦୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଖୋର୍ଦ୍ଧା ଯାଜ୍ଞସେନୀ ସାହୁ, ଟାଙ୍ଗୀ ର ଗୋବିନ୍ଦ ହେମ୍ବ୍ରମ, ବାଲିପାଟଣା ପ୍ରଭାତ କୁମାର ରଥ, ବୋଲଗଡ ପ୍ରମୋଦ କୁମାର ସ୍ୱାଇଁଙ୍କ ସମେତ ଜିଲ୍ଲା କ୍ରିଡା ଅଧିକାରୀ, ସ୍କାଉଟ ଜିଲ୍ଲା କମିଶନର ପ୍ରଭାକର ସାହୁ ଏବଂ ଜିଲ୍ଲା କାର୍ଯ୍ୟକାରୀ କମିଟି ଉଭୟ କ୍ରିଡା ଓ ସ୍କାଉଟ ସଙ୍ଗଠନର କର୍ମକର୍ତାଯୋଗଦାନ କରି କ୍ରିଡା ଓ ସ୍କାଉଟ ଗାଇଡକୁ ପ୍ରତ୍ୟେକ ବିଦ୍ୟାଳୟରେ ଅଧିକ କ୍ରିୟାଶୀଳ କରିବାପାଇଁ ନିଜର ମତ ଉପସ୍ଥାପନ କରିଥିଲେ । ଶେଷରେ ଗାଇଡ୍ସ କମିଶନର ଜୟନ୍ତୀ ହୋତା ଧନ୍ୟବାଦ ଦେଇଥିଲେ ।

## ମହାତ୍ମା ଗାନ୍ଧୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉତ୍ସବ

# କୁଷ୍ଠାଶ୍ରମ କେବଳ ଚିକିତ୍ସା କେନ୍ଦ୍ର ନୁହେଁ, ମାନବିକ ମର୍ଯ୍ୟାଦାର ଏକ ପବିତ୍ର ସ୍ଥାନ : ରାଜ୍ୟପାଳ



କଟକ, (ସ୍ୱପ୍ର/ସବ୍ୟୁ): ମହାତ୍ମା ଗାନ୍ଧୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉପଲକ୍ଷେ ସ୍ଥାନୀୟ ନୂଆବଜାର ସ୍ଥିତ ଏସିଆର ସର୍ବବୃହତ କୁଷ୍ଠାଶ୍ରମରେ ବୁଧବାର ସଂନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମୁଖ୍ୟଅତିଥିଭାବେ ଯୋଗଦେଇ କହିଲେ ଶହେ ବର୍ଷ ପୂର୍ବେ ୧୯୨୫ ମସିହାରେ, ଗାନ୍ଧୀଜୀ ଓଡ଼ିଶା ରାଜ୍ୟକୁ ତାଙ୍କର ଦ୍ୱିତୀୟ ଗସ୍ତ ସମୟରେ ଏଠାକୁ ଆସିଥିଲେ। ସେହି ଯାତ୍ରା କେବଳ ଏକ ଶାରୀରିକ ଯାତ୍ରା ନଥିଲା, ଏହା ଏକ ନୈତିକ ତୀର୍ଥଯାତ୍ରା ଥିଲା। ଯେତେବେଳେ କଳଙ୍କ, ଭୟ ଏବଂ ଭେଦଭାବ ସମାଜର ପ୍ରତିକ୍ରିୟାକୁ ପରିଭାଷିତ କରୁଥିଲା। ଗାନ୍ଧୀଜୀ କରୁଣା, ସାହସ ଏବଂ ଯତ୍ନର ସହିତ ପ୍ରତିକ୍ରିୟା ଦେଇଥିଲେ। ସେ କଲୋନୀରେ ରୋଗୀମାନଙ୍କୁ ଅଲଗା କରିବାର ଅଭ୍ୟାସକୁ ବିରୋଧ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ପୃଥକୀକରଣ କେବଳ ଦୁଃଖକୁ ଆହୁରି ଗଭୀର କରିଥାଏ ଏବଂ କୁଷ୍ଠରୋଗରେ ପୀଡିତ ଲୋକଙ୍କୁ ବାଦ ଦିଆଯିବା ଉଚିତ ନୁହେଁ, ବରଂ ସମାଜ ଗଠନରେ ଏକୀକୃତ କରିବା ଉଚିତ । ଗାନ୍ଧୀଜୀଙ୍କ ଦୃଷ୍ଟିକୋଣ ଆଜି ଆମ ପାଇଁ ଗଭୀର ଭାବରେ ପ୍ରାସଙ୍ଗିକ। କୁଷ୍ଠାଶ୍ରମ କେବଳ ଚିକିତ୍ସାର ଏକ କେନ୍ଦ୍ର ନୁହେଁ ଏହା ଆରୋଗ୍ୟ, ଆଶା ଏବଂ ମାନବିକ ମର୍ଯ୍ୟାଦାର ଏକ ପବିତ୍ର ସ୍ଥାନ। ଏହି ଅବସରରେ ରାଜ୍ୟପାଳ କୁଷ୍ଠାଶ୍ରମ ପରିସରରେ ମହାତ୍ମା କୁଷ୍ଠ ସେବା ସ୍ମୃତିବନର ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ କୁଷ୍ଠ ରୋଗୀ ମାନଙ୍କର ଆଧୁନିକ ଚିକିତ୍ସା କରିବା, ଅଙ୍ଗ ହରାଇଥିବା ବ୍ୟକ୍ତି ମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବା ସହିତ ସେମାନଙ୍କର ପୁନଃ ଥଇଥାନର ସମସ୍ତ ବ୍ୟବସ୍ଥା ପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ଚନ୍ଦ୍ର ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝି, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସଏମସି ଆୟୁକ୍ତ, ସୁଶ୍ରୀ କିରନଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ନେତା ନୟନ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ

ପୁରୀ,(ସବ୍ୟୁ): ଜିଲ୍ଲା କଂଗ୍ରେସ ପକ୍ଷରୁ ବୁଧବାର ଅପରାହ୍ନରେ ସ୍ଥାନୀୟ ଭିଆଇପି ରୋଡ ସ୍ଥିତ ଇନ୍ଦିରା ଭବନ ଠାରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ଆଜିର ଏହି ଜୟନ୍ତୀ ପାଳନ ଉତ୍ସବରେ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ପ୍ରକୋଷ୍ଠର ଅଧକ୍ଷ ମାନସ କୁମାର ମଲ୍ଲିକ ଯୋଗ ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ବ୍ୟକ୍ତିଗତ ଜୀବନ ଠାରୁ ଆରମ୍ଭ କରି ରାଜନୈତିକ ନିଷ୍ପତ୍ତି ଯଥା ଗ୍ରାମାଞ୍ଚଳ ଉନ୍ନତି ପାଇଁ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରିଥିଲେ ବୋଲି କହିଥିଲେ । ସେହିପରି ରାଜୀବ ଗାନ୍ଧି ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଥିଲେ । ସେହିପରି ଓଡ଼ିଶା ରାଜ୍ୟ ଓଆରଭି ଆକ୍ଟ ୧୯୭୫ ଅର୍ଥାତ୍ ଓଡ଼ିଶା ପଦବୀ ଏବଂ ସେବାରେ ଖାଲି ପଦବୀ ସଂରକ୍ଷଣ (ଅନୁସୂଚିତ ଜାତି ଏବଂ ଜନଜାତି ପାଇଁ) ଆଇନ, ୧୯୭୫କୁ ସଠିକ ଭାବେ କାର୍ଯ୍ୟକାରୀ କରୁନାହାନ୍ତି । ସରକାରଙ୍କ କୈଣସି ବିଭାଗ ରେ ଆଇନର ରୁଲ ୩ ଅନୁଯାୟୀ ରୋଷ୍ଟର ମଧ ଉପଲବ୍ଧ ହେଉନାହିଁ । ଆଇନର ଧାରା ୧୫ ଅନୁଯାୟୀ ଓଡ଼ିଶା ବିଧାନ ସଭାର ଯେଉଁ ତଦାରଖ କମିଟି ହେବା କଥା ତାହା ମଧ ଦୀର୍ଘ ବର୍ଷ ହେବ ହୋଇନାହିଁ । ସେହିପରି ୯୩ତମ ସମ୍ବିଧାନ ସଂଶୋଧନକୁ ରାଜ୍ୟ ସରକାର ଆଇନରେ ପରିଣତ କଲେ ଦୁର୍ବଳ ବର୍ଗର ଲକ୍ଷାଧିକ ଛାତ୍ରଛାତ୍ରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ମାନଙ୍କରେ ସଂରକ୍ଷଣ ପାଇ ଶିକ୍ଷା ଲାଭ ସୁଯୋଗ ପାଇପାରନ୍ତେ କିନ୍ତୁ ଓଡ଼ିଶା ସରକାର ଦୁର୍ବଳ ବର୍ଗ ଯଥା ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନଙ୍କର ତଥା କଂଗ୍ରେସ ଦଳର ଦୀର୍ଘ ଦିନର ଦାବିକୁ କର୍ଣ୍ଣପାତ କରୁନାହାନ୍ତି । ଯଦି ସରକାର ଖୁବ୍ ଶୀଘ୍ର ଏଦିଗରେ ସବିଶେଷ ପଦକ୍ଷେପ ଗ୍ରହଣ ନ କରନ୍ତି ରାଜ୍ୟ କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ ତଥା ରାଜ୍ୟବ୍ୟାପୀ ବିରୋଧ ପ୍ରଦର୍ଶନ କରିବ ବୋଲି ଶ୍ରୀଯୁକ୍ତ ମଲ୍ଲିକ କହିଥିଲେ । ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ ରାଜେଶ କୁମାର ମିଶ୍ରଙ୍କ ସଂଯୋଜନାରେ ଉତ୍ତମ ଆଚାର୍ଯ୍ୟ, ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ସରସ୍ୱତୀ ପାତ୍ର, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ସୀତାକାନ୍ତ ମହାନ୍ତି, ବିଦ୍ୟୁତଲତା ଆଚାର୍ଯ୍ୟ, ସୁକାନ୍ତ କୁମାର ପ୍ରଧାନ, କାଳୀ ପ୍ରସାଦ ନାୟକ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, ଜିବେଶ ଚନ୍ଦ୍ର ରଥ, ଅମିୟ ମହାପାତ୍ର, ମିଟୁ ସାମନ୍ତରାୟ, ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଅତିଥି ଶିକ୍ଷକ ନିଯୁକ୍ତି ବିଳମ୍ବ ପାଇଁ

# ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ : ଓଷ୍ଟା

କଟକ,(ସବ୍ୟୁ) : ରାଜ୍ୟରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ବହୁମାତ୍ରାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଇଯିବା ପରେ ଏବେ ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଶୂନ୍ୟ ବା କେତେକ ସ୍ଥାନରେ ଜଣେ ଦୁଇଜଣ ଶିକ୍ଷକରେ ବିଦ୍ୟାଳୟ ଚାଲୁଅଛି । ଶିକ୍ଷାବର୍ଷ ଆରମ୍ଭରୁ ସରକାର ଅତିଥି ଶିକ୍ଷକ ନିଯୁକ୍ତି ଦେବା କଥା । ବାରମ୍ବାର ଦାବୀ ହେଲେ ମଧ ବିଳମ୍ବରେ ବିଜ୍ଞପ୍ତି ପ୍ରକାଶ ପାଇଛି । ତେଣୁ ନିଯୁକ୍ତିରେ ବିଳମ୍ବ ହେଉଥିବାରୁ ଅଗଣିତ ଛାତ୍ରଛାତ୍ରୀଙ୍କ ପାଠପାରେ ବାଧକ ସାଜୁଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରକାଶ କରିଛନ୍ତି ।

ରାଜ୍ୟରେ ୨୦୦୪ ମସିହାଠାରୁ ଅନୁଦାନ ପାଇ ଆସୁଥିବା ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି । ପ୍ରତିମାସରେ ଅନେକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଉଛନ୍ତି । ଏହି ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥା ନଥିବାରୁ ଧୀରେ ଧୀରେ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ଘୋର ଅଭାବ ଦେଖାଦେଉଛି । ପ୍ରାୟ ୬୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଇତିମଧ୍ୟରେ ଅବସର ନେଲେଣି ଓ ତନ୍ମଧ୍ୟରୁ କେତେକ ମୃତ୍ୟୁବରଣ ମଧ କଲେଣି । ଏହି ବିଦ୍ୟାଳୟ ଗୁଡ଼ିକ ଜଣେ କିମ୍ବା ଦୁଇଜଣ ଶିକ୍ଷକରେ ଚାଲୁଅଛି, ଯାହାର ଭାଗ୍ୟ ଓ ଭବିଷ୍ୟତ ସରକାରଙ୍କ ହାତରେ । ସ୍ଥାୟୀ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ନକରି ସରକାର ଅତିଥି ଶିକ୍ଷକମାନଙ୍କୁ ନେଇ କାମ ଚଳାଉଛନ୍ତି, ସେ ପ୍ରକ୍ରିୟାରେ ମଧ ଅହେତୁକ ବିଳମ୍ବ ଘଟୁଛି । ଫଳରେ ପାଠପାରେ ବ୍ୟାଘାତ ସୃଷ୍ଟି ହେଉଛି । ଶିକ୍ଷାବର୍ଷ ଆରମ୍ଭରୁ ଶିକ୍ଷକ ନିଯୁକ୍ତି କରିବା ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରୁନାହିଁ । କେତେକ ଜିଲ୍ଲାରେ ନିଯୁକ୍ତି ସମ୍ପର୍କରେ ପ୍ରକ୍ରିୟା ଜାରି ରହିଥିବା ବେଳେ ଅନ୍ୟ କେତେକ ଜିଲ୍ଲାରେ ଆଜିସୁଦ୍ଧା ଅତିଥି ଶିକ୍ଷକ ନିଯୁକ୍ତି ସମ୍ପର୍କରେ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ । ବିଦ୍ୟାଳୟଗୁଡ଼ିକରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ପ୍ରଦାନ ନହେବା ପର୍ଯ୍ୟନ୍ତ ସରକାର ଅତିଥି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଯଥାଶୀଘ୍ର ନିଯୁକ୍ତି ପ୍ରଦାନ କରି ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନିଳମଣୀ ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

## ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାମ୍ପସ ଚଲୋ ଅଭିଯାନର ଶୁଭାରମ୍ଭ

# ରାଗିଂ ମୁକ୍ତ କ୍ୟାମ୍ପସ ପାଇଁ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବ



ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ କରଣ ତାମସେତ ଓ୍ୱାର ଛାତ୍ର କଂଗ୍ରେସର କ୍ୟାମ୍ପସ ଚଲୋ ଅଭିଯାନର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ବିଜେପି ସରକାର ୟୁନିଭର୍ସିଟି ଓ କଲେଜରେ ନିର୍ବାଚନ ନକରାଇ ଦେବାପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ପଛରେ ଏବିଭିପିର ସଂପୂର୍ଣ୍ଣ ହାତ ରହିଥିବାର ଜଣାପଡ଼ିବା ପରେ ସାରା ଓଡ଼ିଶାର ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ ଏବିଭିପି ବଦନାମ ହୋଇଯାଇଛି । କ୍ୟାମ୍ପସ ଭିତରେ ହିଂସା ଏବଂ ଅପରାଧିକ କାର୍ଯ୍ୟ କରିବାପାଇଁ ଏବିଭିପିର ଷଡ଼ଯନ୍ତ୍ରକୁ ଓଡ଼ିଶାର ଛାତ୍ର ସମାଜ, ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନେ ଅନୁଭବ କରିସାରିଛନ୍ତି । ତେଣୁ ଛାତ୍ରଛାତ୍ରୀ ମାନଙ୍କର ସମର୍ଥନ ନପାଇବାର ଆଭାସ ପାଇ ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନ ନକରାଇ ଦେବାପାଇଁ ଷଡ଼ଯନ୍ତ୍ର ଆରମ୍ଭ କଲେଣି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । କ୍ୟାମ୍ପସ ଚଲୋ ଅଭିଯାନ ମାଧମରେ ଏନଏସୟୁଆଇ (ଛାତ୍ର କଂଗ୍ରେସ)ର କର୍ମକର୍ତ୍ତା ଓ ସଭ୍ୟମାନେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କ୍ୟାମ୍ପସକୁ ଯିବେ । ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ ହେବ । କ୍ୟାମ୍ପସ ଭିତରେ ଅଶାନ୍ତି ଏବଂ ଅପରାଧିକ କାର୍ଯ୍ୟକୁ ପ୍ରତିବାଦ କରାଯିବ । ବିଶେଷକରି ଛାତ୍ରୀମାନଙ୍କର ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ । ରାଗିଂ କ୍ଷେତ୍ରରେ ଓଡ଼ିଶା ଦେଶରେ ୩ ନମ୍ବର ସ୍ଥାନରେ ରହିଛି । ରାଗିଂ ନିୟନ୍ତ୍ରଣ ପାଇଁ ସରକାର ଧ୍ୟାନ ଦେଉନାହାନ୍ତି । ତେଣୁ ରାଗିଂ ମୁକ୍ତ କ୍ୟାମ୍ପସ ପାଇଁ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବ । ସରକାରୀ ଶିକ୍ଷାନୁଷ୍ଠାନରେ ହେଉଥିବା ଦୁର୍ନୀତିର ଦୃଢ଼ ପ୍ରତିବାଦ କରାଯିବ । ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ୬୫ ପ୍ରତିଶତ ଶିକ୍ଷକ ପଦବୀ ଖାଲି ପଡ଼ିଛି । ବିଶେଷକରି କ୍ୟାମ୍ପସରେ ଯେଉଁ ନିମ୍ନତମ ସୁବିଧା ରହିବା କଥା ତାହା ମିଳୁନାହିଁ । ଶୌଚାଳୟ ଠାରୁ ଆରମ୍ଭ କରି, ପାନୀୟଜଳ ବ୍ୟବସ୍ଥା, ହଷ୍ଟେଲର ପରିବେଶ ସବୁଠି ଏକ ନୈରାଶ୍ୟଜନକ ସ୍ଥିତି ରହିଛି । ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଉତ୍କଟ ଶିକ୍ଷକ ଅଭାବ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି । ସରକାରୀ ଶିକ୍ଷା ବ୍ୟବସ୍ଥାକୁ ହତାଦର କରାଯାଇ ବେସରକାରୀ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହନ ଦିଆଯାଉଛି । କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ସୟଦ ୟାସିର ନୱାଜ, ମନୋଜ ବିଶ୍ୱାଳ, ବିଭୁତି ଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ଆଦିତ୍ୟ ପ୍ରୀତମ ଦାସ, ସାହାରୁଖ ଖାନ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଫୁଟବଲ ଲିଗ୍ ଏସ୍‌ଏସ୍‌ଏ ବିଜୟୀ



ଖୋର୍ଦ୍ଧା,(ସବ୍ୟୁ): ଶରଧାପୁର ସ୍ପୋର୍ଟସ ଆସୋସିଏସନ(ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ଫୁଟବଲ ଲିଗ ବୁଧବାର ମ୍ୟାଚ ଆୟୋଜକ ଟିମ ଏସ୍‌ଏସ୍‌ଏ ବିଜୟୀ ହୋଇଛି । ସ୍ଥାନୀୟ ଖେଳପଡିଆ ରେ ଆଜିର ମ୍ୟାଚ ଏସ୍‌ଏସ୍‌ଏ ବନାମ ବେଣାପଞ୍ଜୁରୀ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଟିମ ଖେଳାଳୀ ଗୋଟିଏ ପରେ ଗୋଟିଏ ଗୋଲ ଦେଇ ୪-୦ ବ୍ୟବଧାନରେ ବିଜୟ ଭେଟି ଦେଇଥିଲେ । ଆଜିର ମ୍ୟାଚ ସାଗିର ଅହେମ୍ମଦ ରେଫରୀ ଏବଂ ତାଙ୍କୁ ଇଜାଜ ହୁସେନ, ଆମଜାଦ ଖାଁ ଓ ସୈକତ ଅହେମ୍ମଦ ସହଯୋଗ କରିଥିଲେ । ଅତିଥି ଭାବେ ପୂର୍ବତନ ସରପଂଚ ଲକ୍ଷ୍ମୀଧର ବଡଜେନା, ଆୟୋଜକ କମିଟି ସଭାପତି ଏମଡି ଜମିବରୁ ରହେମାନ, ମୀନକେତନ ବଡଜେନା, ମୁସାରତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲିର ମ୍ୟାଚ ତରତୁଆ ବନାମ ଜଟଣୀ ଦଳ ମଧ୍ୟରେ ଖେଳାଯିବ ବୋଲି କମିଟି ସୂଚନା ଦେଇଛି ।

# ସାରସ୍ୱତ ସମାଜର ବାର୍ଷିକ ସମ୍ବର୍ଦ୍ଧନା ସମାରୋହ

ଭୁବନେଶ୍ୱର ,(ସବ୍ୟୁ):ସ୍ଥାନୀୟ ଜୟଦେବ ଭବନ ପ୍ରେକ୍ଷାଳୟରେ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା,ଭୁବନେଶ୍ୱରର ଚର୍ତୁଦ୍ଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି।ଅନୁଷ୍ଠାନର ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା କଥାକାର ବୈଷ୍ଣବ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକା, ସ୍ତମ୍ଭକାର ଡ଼. ପ୍ରତିଭା ମହାରଥୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟକ ଅସିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲାପରେ କବୟିତ୍ରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ।

ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଆମ ମାତୃଭାଷା ଓଡ଼ିଆ ଏକ ସମୃଦ୍ଧ ଭାଷା ହୋଇ ପାରିଥିଲା ବେଳେ ସର୍ବସାଧାରଣରେ ଦୈନଦିନ ପ୍ରଚଳନରେ ଭାଷାର ମାନ ଯେପରି ହ୍ରାସ ପାଉଛି ତାହା ଆଶ୍ଚର୍ଯ୍ୟ ପ୍ରକଟ କରୁଛି ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା କହିଥିଲେ ଯେ ଆମେ ଯେତେ ଭାଷା ଜାଣିଲେ ବି ମାତୃଭାଷାକୁ ଅନାଦର କରିବା ଅର୍ଥ ମା କୁ ଆସନମାନ ବୋଲି କହିଥିଲେ। ଏହି ଅବସରେ ପରେ ଅନୁଷ୍ଠାନର ବାର୍ଷିକ ପତ୍ରିକା ସାରସ୍ୱତ ସମାଜ-୨୦୨୫ , ରବି ନାରାୟଣ ରାୟଙ୍କ ପୁସ୍ତକ, ସାଧାରଣ ଜ୍ଞାନ ଓ ନିରଞ୍ଜନ ପଣ୍ଡାଙ୍କ ଅଙ୍ଗେ ଲିଭା ଅନୁଭୂତି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରେ କବୟିତ୍ରୀ ରୋଜାଲିନ ଜେନା, କବି ଦିଲ୍ଲୀପ କୁମାର ମହାନ୍ତି, କବି ମାୟାଧର ସରାଫ, କବୟିତ୍ରୀ ସ୍ନେହଲତା ପାଢ଼ୀ, କବୟିତ୍ରୀ ପୁଷ୍ପଲତା ମିଶ୍ର, କବି ସୁରେଶ ମହାପାତ୍ର, କବି ଅସିତ ମହାନ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପ ସଭାପତି ନିଖିଲ କୁମାର ବଳବନ୍ତରାୟ, ଯୁଗ୍ମ ସମ୍ପାଦକ ରବି ନାରାୟଣ ରାୟ ଓ ସଂଚାଳକ ନିରଞ୍ଜନ ପଣ୍ଡା ନିଜନିଜ ବକ୍ତବ୍ୟ ରଖିଥିଲେ।ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ କବି ଭାରତ ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଓ ଗୀତାଞ୍ଜଳି ମହାନ୍ତି, ସୌଦାମିନୀ ସାମନ୍ତରାୟ, ଅନୁପମା ବାରିକଙ୍କ ସଂଯୋଜନାରେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଥିଲା ବେଳେ ଶତାଧିକ କବିତା ଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ।



## ପ୍ରବାସୀ ଉତ୍କଳ ସାହିତ୍ୟ ସମାଜ


# ମୁମ୍ବାଇ ପକ୍ଷରୁ ଗୁଗଲ ମିଟ୍‌ରେ ସ୍ୱାଧୀନତା ଦିବସ କବିତା ଆସର

ଭୁବନେଶ୍ୱର,(ସବ୍ୟୁ): ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା ମୁମ୍ବାଇ ତରଫରୁ ୧୬ତାରିଖ ଶନିବାର ସନ୍ଧ୍ୟାରେ ଗୁଗଲ ମିଟରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶାତ୍ମକ ବୋଧ ସଙ୍ଗୀତ, ଜନ୍ମାଷ୍ଟମୀ ପାଇଁ କୃଷ୍ଣଙ୍କ ଭଜନ, ଏବଂ କବିତା ପାଠ ଆୟୋଜିତ ହୋଇଯାଇଛି । ଛତିଶଗଡରୁ ଡ଼କ୍ଟର ବାମନ ଚନ୍ଦ୍ର ଦୀକ୍ଷିତଙ୍କ ସଭାପତିତ୍ୱରେ ପରିଚାଳିତ ସଭା କାର୍ଯ୍ୟ ଦେଶ ପ୍ରେମର ରଙ୍ଗରେ ଝଲସି ଥିଲା । ପ୍ରବାସୀରୁ ମୈତ୍ରେୟୀ କମିଲାଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଯୋଗ ଦେଇଥିଲେ । ହାଇଦ୍ରାବାଦରୁ ଗୁରୁ କବି ସ୍ୱର୍ଗତ ସୋମନାଥ ରାଜଗୁରୁଙ୍କ ପୁତ୍ର ଶଶିକାନ୍ତ ରାଜଗୁରୁଙ୍କ ସୁଲଳିତ ସ୍ୱରରେ ଭଜନ ପରିବେଷଣରେ ସମସ୍ତେ ମୁଗ୍ଧ ହୋଇଥିଲେ । କଳ୍ପନା ମିଶ୍ର, ନୀଳିମା ରାଜଗୁରୁ,ସୁରଥ ପଣ୍ଡା, ଡ଼କ୍ଟର ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ତେଲେଙ୍ଗାନା ରୁ ଅରୁଣ ମହାପାତ୍ର,ଓଡିଶା ରୁ ସଲୀଳା ମହାନ୍ତି,ସୁଶୀଳା ମିଶ୍ର, ହିଶିତ ମିଶ୍ର, ପୂର୍ଣ୍ଣିମା ପଣ୍ଡା,ରଞ୍ଜନ ମିଶ୍ର, ଶର୍ମିଳା ମିଶ୍ର କଲିକତାରୁ ସନାତନ ମହାକୁଡ଼, ଆମେରିକାରୁ ଚନ୍ଦ୍ରା ମିଶ୍ର, ଓଡିଶାରୁ ଶାନ୍ତି ଲତା ତିଆଡ଼ି, ଜ୍ୟୋତିପ୍ରଭା ପଟ୍ଟନାୟକ, ଶୁଭଶ୍ରୀ ପଟ୍ଟନାୟକ, ଭବାନୀ ଶଙ୍କର ପଟ୍ଟନାୟକ ଯୋଗଦେଇ କବିତା ପାଠ ଏବଂ ସଙ୍ଗୀତ ପରିବେଷଣ କରିଥିଲେ ।

### ବିଜେଡି ହାତରୁ ଖସିଲା ଜଗନ୍ନାଥପ୍ରସାଦ ବ୍ଲକ୍ ଉପାଧ୍ୟକ୍ଷ ପଦ

# ବିଜେପିର ନିଳାଞ୍ଚଳ ଖିଲାର ବିଜୟୀ

ଭଞ୍ଜନଗର, (ସବ୍ୟୁ): ଖାଲିପଡିଥିବା ଜଗନ୍ନାଥ ପ୍ରସାଦ ବ୍ଲକ ଉପାଧ୍ୟକ୍ଷ ପଦବୀ ପାଇଁ ହୋଇଥିବା ଉପନିର୍ବାଚନରେ ବିଜେଡିକୁ ଲାଗିଛି ଜୋର ଧକ୍କା। ଏଠାରେ ଶାସକ ବିଜେପି ସମର୍ଥିତ ସମିତି ସଭ୍ୟ ନିଳାଞ୍ଚଳ ଖିଲାର ୧୫-୧୦ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରେ ଜଗନ୍ନାଥ ପ୍ରସାଦ ବ୍ଲକ ଉପାଧ୍ୟକ୍ଷ ପଦବୀ ପାଇଁ ବୁଧବାର ଉପନିର୍ବାଚନ ତାରିଖ ଘୋଷଣା ହୋଇଥିଲା। ଏଥିରେ କ୍ଷେତମୁଣ୍ଡାଳୀ ପଞ୍ଚାୟତର ସମିତି ସଭ୍ୟ ନିଳାଞ୍ଚଳ ଖିଲାର ବିଜେପି ସମର୍ଥିତ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ବିରୁଦ୍ଧରେ ବିଜେଡି ପକ୍ଷରୁ ରାଉତି ପଞ୍ଚାୟତର ସମିତି ସଭ୍ୟା ପଙ୍କଜା କୁମାରୀ ପ୍ରଧାନ ନାମାଙ୍କନ ପତ୍ର



ଭରିଥିଲେ। ଭୋଟ ଗଣତି ପରେ ଫଳାଫଳ ବିଜେପି ସପକ୍ଷରେ ଯାଇଥିଲା। ବିଜେପିର ନିଳାଞ୍ଚଳ ଖିଲାର ୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ ହୋଇଥିଲେ। ଫଳରେ ବିଜେଡିର ଗଡ ଭାବେ ପରିଚିତ ଜଗନ୍ନାଥପ୍ରସାଦ ବ୍ଲକ ଏବେ ବିଜେପି ଦଖଲକୁ ଯାଇଛି। ସୂଚନାଯୋଗ୍ୟ ଯେ ଗତ ପଞ୍ଚାୟତ ନିର୍ବାଚନରେ ଜଗନ୍ନାଥ ପ୍ରସାଦ ବ୍ଲକରେ ବିଜେଡିର ବିପୁଳ ବିଜୟ ହୋଇଥିଲା। ବ୍ଲକର ମୋଟ ୨୫ଟି ପଞ୍ଚାୟତ ମଧ୍ୟରୁ ବିଜେଡି ୨୨ ଟି ପଞ୍ଚାୟତରେ ବିଜୟ ହାସଲ କରିଥିବା ବେଳେ ବିଜେପି ସମର୍ଥିତ ମାତ୍ର ୩ ଟି ସମିତି ସଭ୍ୟ ବିଜୟୀ ହୋଇଥିଲେ। ଏବେ ଅଧିକାଂଶ ବିଜେଡି ନେତା ବିଜେପି ଶିବିରକୁ ଲମ୍ଫ ମାରିଥିବା ବେଳେ ରାଜନୈତିକ ଗଣିତ ଏପଟ ସେପଟ ହୋଇଛି। ପୂର୍ବରୁ ବିଜେଡିର ଉପାଧ୍ୟକ୍ଷ ରହିଥିବା ରଞ୍ଜିତ କୁମାର ପାତ୍ର ଅର୍ତ୍କିତ ଭାବେ ନିଜ ପଦବୀରୁ ଇସ୍ତଫା ଦେବା ପରଠାରୁ ଏହି ବ୍ଲକରେ ରାଜନୈତିକ ହଟଚମଟ ଆରମ୍ଭ ହୋଇଥିଲା। ଯାହା ଆଜିର ଉପନିର୍ବାଚନରେ ପ୍ରତିଫଳିତ ହୋଇଛି।

# ବ୍ରହ୍ମପୁରରୁ ନିଖୋଜ ନାବାଳିକା ସୁରଥରୁ ଉଦ୍ଧାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଟାଉନଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଥିବା ବେଳେ ପୋଲିସ ତାଙ୍କୁ ଗୁଜରାଟର ସୁରଥରୁ ଉଦ୍ଧାର କରି ବଳାତ୍କାରୀ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଉତ୍ତରପ୍ରଦେଶ ସୁଲତାନପୁର ଜିଲ୍ଲା ଅଲମଗଞ୍ଜର ମୂଳ ନିବାସୀ ରାକେଶ ଦୁବେଙ୍କ ପୁଅ କର୍ମରାଜ ଦୁବେ ଓରଫ ସୁରାଜ(୨୨)। ସେ ଜଣେ ବିବାହିତ ହୋଇଥିବା ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କୁ ସୁରଥ କୋର୍ଟରେ ଅନୁମତିରେ ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଆଣି ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳକାରାଗାର ପଠାଇ ଦିଆଯାଇଛି। ଅନ୍ୟପଟେ ପିଡ଼ିତାଙ୍କ ବୟାନ କୋର୍ଟରେ କରାଯାଇଛି। ନାବାଳିକା ଆଣି ଶିଶୁମଙ୍ଗଳ ଅଧିକାରୀଙ୍କ ଠାରେ ହାଜର କରିଥିଲା। ନାବାଳିକା ଜଣଙ୍କ ଏବେ ଗୋଶାଳିଛୁଆଗାଁ ଥାନା ନିକଟସ୍ଥ ଉତ୍କଳ ବାଳାଶ୍ରମରେ ରଖାଯାଇଛି। ୨୦୨୪ ନଭେମ୍ବର ୨୯ ରେ



ଟାଉନଥାନା ଅଞ୍ଚଳରେ ରହୁଥିବା ୧୭ ବର୍ଷର ନାବାଳିକା ଟିୟୁସନ ଯାଇ ଘରକୁ ଫେରିନଥିଲା। କୌଣସି ବୁଝାମଣା ଅଭାବରୁ ସେ ବାହାରକୁ ଚାଲିଯାଇଥିଲା। ଘର ଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସ୍‌କ୍ରାନ୍ତରେ ୩୬୨/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସୁରଥରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତାଙ୍କର ବୟାନ ଅନୁସାରେ ସେ ଘରୁ କାମ ଅନ୍ୱେଷଣରେ ସୁରଥ ଚାଲିଯାଇଥିଲେ। ସେଠାରେ ସେ ଜଣେ ଅଟୋଚାଳକଙ୍କୁ ଭେଟିଥିଲେ। ସେ ତାଙ୍କୁ ଚାକିରୀ କରାଇଦେବି ବୋଲି କହି ଘରକୁ ନେଇଥିଲେ। ସେଠାରେ ତାଙ୍କୁ ରକ୍ଷି ଉଭୟଭାବ କରି ବଳାତ୍କାର କରିଥିଲେ। ସେ ଅନ୍ୟ ଉପାୟ ନପାଇ ସେଠାରେ ତାଙ୍କ ସହ ରହୁଥିଲେ ବୋଲି ପଚରାଉଚରା ବେଳେ ପୋଲିସ ଜାଣିବାକୁ ପାଇଛି।

# ଟଙ୍କା ନିଆ ଭିଡିଓ ଭାଇରାଲ୍ ଘଟଣା ବୁଗୁଡା ବନାଞ୍ଚଳ ଅଧିକାରୀ ନିଲମ୍ବିତ

ବୁଗୁଡା, (ସବ୍ୟୁ) : ଗତ ୧୭ ତାରିଖ ଦିନ ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଗ୍ରହଣ କରୁଥିବା ଦୃଶ୍ୟ ସାମାଜିକ ଗଣମାଧମରେ ଭାଇରାଲ୍ ହେବା ଘଟଣା ବିଭିନ୍ନ ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧମରେ ଖବର ପ୍ରକାଶ ପାଇଥିଲା । ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଥିଲା। ତେବେ ବିଭାଗୀୟ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ବ୍ରହ୍ମପୁରସ୍ଥ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାନ୍ନଭର ସମ୍ପୃକ୍ତ ବନାଞ୍ଚଳ ଅଧିକାରୀଙ୍କୁ ନିଲମ୍ବନ କରିଥିଲେ। ସମ୍ପ୍ରତି ନିଲମ୍ବିତ ବନାଞ୍ଚଳ ଅଧିକାରୀଙ୍କୁ ଭଞ୍ଜନଗର ହେଡ୍ କ୍ୱାର୍ଟରରେ ଅବସ୍ଥାପିତ କରାଯାଇଥିବା ବେଳେ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ଆଜିଠାରୁ ବୁଗୁଡା ବନାଞ୍ଚଳ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିବା ଜଣାଯାଇଛି। ପ୍ରକାଶଯୋଗ୍ୟଯେ, ପୂର୍ବରୁ ସକ୍ରିୟ କାଠ ମାଫିଆ ଓ ଅସାଧୁ ବନକର୍ମଚାରୀଙ୍କ ମଧୁଚନ୍ଦ୍ରିକା ବୁଗୁଡା ବନାଞ୍ଚଳର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ନେଇ ବିଭିନ୍ନ ଖବର କାଗଜରେ ପ୍ରକାଶିତ ହୋଇଥିଲା ବେଳେ ଏବେକାର ଟଙ୍କା ଦିଆନିଆ ଘଟଣାଟିର ପ୍ରଚ୍ଛଦପଟରେ ସ୍ଥାନୀୟ ବନବିଭାଗର ଜନୈକ ଅସ୍ଥାୟୀ କର୍ମଚାରୀଙ୍କ ସନ୍ଦିଗ୍ଧ ଭୂମିକା ରହିଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

### ବାରିପଦା ସରକାରୀ ମହିଳା କଲେଜରେ ଅଧ୍ୟାପକଙ୍କ ବଦଳି

# ବର୍ଷାରେ ଭିଜି ପ୍ରତିବାଦ କଲେ ଛାତ୍ରୀ



ବାରିପଦା, (ସବ୍ୟୁ) : ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକଙ୍କ ଅନ୍ୟତ୍ର ବଦଳିକୁ ବିରୋଧ କରି ବୁଧବାର ଏକାଧିକ ଛାତ୍ରୀ ବର୍ଷାରେ ଭିଜି ଭିଜି କଲେଜ ଗେଟ୍ ବନ୍ଦ କରି ଆନ୍ଦୋଳନ କରିଥିଲେ । ସୂଚନାନୁଯାୟୀ ଦୁଇବର୍ଷ ଧରି ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟଭାବେ କାର୍ଯ୍ୟରତ ଥିବା ସତ୍ୟସ୍ୱରୂପ ବେହେରାଙ୍କୁ ନିକଟରେ ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଯେହେତୁ ଏଠାରେ ଭୂତତ୍ତ୍ୱ ବିଭାଗରେ ମାତ୍ର ଦୁଇଜଣ ରେଗୁଲାର ଅଧ୍ୟାପକ ରହିଛନ୍ତି ଏବଂ ସତ୍ୟସ୍ୱରୂପ ବେହେରା ବିଭାଗର ଏଚ୍ଓଡି ରହିଛନ୍ତି । ତେଣୁ ଅଧାବର୍ଷରୁ ସାର୍‌ଙ୍କର ବଦଳି ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରିବା ସହ କଲେଜ୍‌ର ମଧ କ୍ଷତି ହେବାର ଅଭିଯୋଗ କରି ଭୂତତ୍ତ୍ୱ ବିଭାଗର ଏକାଧିକ ଛାତ୍ରୀ କଲେଜ୍‌ର ମୁଖ୍ୟ ଫାଟକ ବନ୍ଦ କରି ବର୍ଷାରେ ଭିଜି ଭିଜି ଗେଟ୍ ସମ୍ମୁଖରେ ଆନ୍ଦୋଳନ କରିବା ସହ ଅଧ୍ୟାପକଙ୍କ ବଦଳିକୁ ରୋକା ନଯିବା ପର୍ଯ୍ୟନ୍ତ ଏହି ପ୍ରତିବାଦ ଜାରି ରଖିବେ ବୋଲି ମହାବିଦ୍ୟାଳୟର ଛାତ୍ରୀ ମାନେ ଚେତାବନୀ ଦେଇଥିଲେ । ଅନ୍ୟପଟେ କଲେଜ୍‌ର ଜଣେ ମହିଳା କର୍ମଚାରୀ' ଛାତ୍ରୀମାନଙ୍କୁ ଆନ୍ଦୋଳନରେ ସାମିଲ ନହେବା ପାଇଁ କହିବା ସହ ଆନ୍ଦୋଳନରେ ସାମିଲ ହେଲେ ସେମାନଙ୍କ ଟିସି ଦେଇଦେବାର ଧମକ ଦେଉଥିବା ନେଇ ମଧ ଅଭିଯୋଗ କରାଯାଇଥିଲା । ଉକ୍ତ ମହାବିଦ୍ୟାଳୟର ଅଧକ୍ଷା ସାଗରିକା ସିଂ ଆନ୍ଦୋଳନରତ ସମସ୍ତ ଛାତ୍ରୀମାନଙ୍କୁ ବୁଝାଇବା ପରେ ଆନ୍ଦୋଳନରୁ ଓହରିଥିଲେ ଛାତ୍ରୀ ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସରେ ରକ୍ତଦାନ ଶିବିର



ବ୍ରହ୍ମପୁର, (ସବ୍ୟୁ): ଆଜି ସ୍ଥାନୀୟ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ–୨୦୨୫ ପାଳନ ଅବସରରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଏସପି ଡ ସର୍ବଣ ବିବେକ ଏମ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ରକ୍ତଦାନ ଶିବିରରେ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଏସପି ଡ ସର୍ବଣ ବିବେକ ଏମ ଓ ଡେପୁଟି ମେୟର ବିବେକ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ଏହି ଶିବିରରେ ୧୯୦ ୟୁନିଟ ରକ୍ତ ସଂଗ୍ରହ କରିଥିବା ବେଳେ ମହାନଗର ନିଗମ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାକୃତ ଭାବେ ୧୯୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ବନ ସେଠୀ, ସଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ପ୍ରଦୀପ କୁମାର ଶତପଥୀ, କର୍ପୋରେଟର ତଥା ରାଜ୍ୟ ଆଇନଜୀବୀ ସଦସ୍ୟ ସଞ୍ଜିତ କୁମାର ପାଣିଗ୍ରାହୀ, ନିଳକଣ୍ଠ ସାହୁ, ଡି କରୁଣାକର, ଧିରେଶ ସାବତ, ସ୍ୱାତାରେଖା ତ୍ରିପାଠୀ, ପଦ୍ମିନୀ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାଜସ୍ୱ ବିଭାଗ ପକ୍ଷରୁ ଆସିକା ପୌରାଞ୍ଚଳରେ ସର୍ଭେ ଆରମ୍ଭ

ଆସିକା, (ସବ୍ୟୁ): ଆସିକା ପୌରାଞ୍ଚଳ ପାଞ୍ଚଟି ମୌଜାରେ ରାଜସ୍ୱ ବିଭାଗ ପକ୍ଷରୁ ଭୁ–ବନ୍ଦୋବସ୍ତ କରି ଅଧିବାସୀଙ୍କ ଘରବାରି ପଟ୍ଟା ଯୋଗାଇବା ନେଇ ପ୍ରାଥମିକ ପ୍ରକ୍ରିୟାର ବୁଧବାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ତହସିଲଦାର ସଙ୍ଗୀତା ସେନ, ଶିକ୍ଷା ନିବେଶ ରାଜ୍ୟ ପ୍ରଶାସନିକ ଅଧିକାରୀ ରଚିତା ମହାପାତ୍ର, ଅତିରିକ୍ତ ତହସିଲଦାର ଅମରେଶ ସାବତ ପ୍ରମୁଖଙ୍କ ଉପସ୍ଥିତିରେ ଆସିକା ଖମ୍ବେଶ୍ୱରୀ ପାଟଣା ରାଜସ୍ୱ ମୌଜା ତଥା ଏନ୍ଏସିର ୱାର୍ଡନଂ–୪ରେ ବାସଗୃହ ମାପ ଚୁପକୁ ଆରମ୍ଭ କରିଥିଲେ। ରାଜସ୍ୱ ବିଭାଗର ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ସହଯୋଗୀ ମାନେ ଘରକୁ ଘର ବୁଲି ମାପଚୁପ କରିବା ପରେ ଅଧିବାସୀଙ୍କୁ ପ୍ରମାଣପତ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା କହିଛନ୍ତି। ଆସିକା ପୌରାଞ୍ଚଳର ଖମ୍ବେଶ୍ୱରୀ ପାଟଣା, ପାକଲା ପଲ୍ଲୀ, ନରସିଂହ ପୂର୍, ସୁନାମ୍ବ ଓ ଆସିକା ରାଜସ୍ୱ ଗ୍ରାମର ହଜାର ହଜାର ସଂଖ୍ୟାରେ ଅଧିବାସୀ ଘର ଦ୍ୱାର କରି ପୁରୁଷ ପୁରୁଷ ଧରି ବସବାସ କରିଆସୁଥିଲେ ମଧ ଗ୍ରାମ କଣ୍ଟକ ଓ ପରପଙ୍କ କିସମରେ ବାସଗୃହ ଜମି ରହିଥିବାରୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ବା ସ୍ୱାଧିକାର ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷଣ ଓ ଚିହ୍ନଟ ଶିବିର

ହିଞ୍ଜିଳିକାଟୁ, (ସବ୍ୟୁ): ସମଗ୍ର ଶିକ୍ଷା ଆନୁକୁଲ୍ୟରେ ହିଞ୍ଜିଳିକାଟୁ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଦିନ ସ୍ଥାନୀୟ ବୃନ୍ଦାବନ ସରକାରୀ ହାଇସ୍କୁଲ୍ ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଡାକ୍ତରୀ ପରୀକ୍ଷଣ ଓ ସହାୟକ ଉପକରଣ ପ୍ରଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ଶିକ୍ଷା ସମାଗମ ପାଳନ ତଥା ଜାତୀୟ ଶିକ୍ଷାନୀତି ୨୦୨୦ର ପଞ୍ଚମ ବାର୍ଷିକ ପୂର୍ତ୍ତି ଉପଲକ୍ଷେ ଏହି ଶିବିର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ହିଞ୍ଜିଳି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ଜାତୀୟ ଶିକ୍ଷାନୀତି, ସମଗ୍ର ଶିକ୍ଷା ଓ ଅର୍ନ୍ତନିବେଶି ଶିକ୍ଷା ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ପଣ୍ଡା, ଶିକ୍ଷକ ବୈକୁଣ୍ଠ ନାଥ ପାଠୀ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ର, ସୁଶିଲ କୁମାର ପାତ୍ର ଓ ସୂର୍ଯ୍ୟକାନ୍ତୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ଉନ୍ନତି ସହ ସେମାନେ ଯେପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ହିଞ୍ଜିଳି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୦ ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୧ ଜଣଙ୍କୁ ଚିହ୍ନଟ କରାଯାଇ ସହାୟକ ଉପକରଣ ଯଥା ଶ୍ରବଣ ଯନ୍ତ୍ର, ହ୍ୱିଲ ଚେୟାର, ଟ୍ରାଇ ସାଇକେଲ ଆଦି ପ୍ରଦାନ କରାଯାଇଥିଲା । ଅଡିଓ ଲୋଜିଷ୍ଟ ଡାକ୍ତର ବେଦ ପ୍ରକାଶ, ଡ଼ା ସୌଭାଗ୍ୟ ମହାପାତ୍ର, ଡା ଅଂଶୁ ଶର୍ମା ପ୍ରମୁଖ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରିଚାଳନା କରିଥିଲେ । ଶିବିରରେ ଯୋଗଦେଇଥିବା ଅନ୍ୟବ୍ୟକ୍ତିମାନଙ୍କ ମଧରେ ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ କୁମାର ସାହୁ, କୁକୁଡ଼ା ଖଣ୍ଡି ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ଏମ ଡମ୍ବରୁଧର ଦୋରା, ହିଞ୍ଜିଳି ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ନମିତା ସାମନ୍ତରା ଓ ଝୁନା ମିଶ୍ର ସଂଯୋଜନା କରିଥିଲେ । ସିଆରସିସି ଅଖିଳ ପଣ୍ଡା, ଗୋପାଳ ସ୍ୱାଇଁ, ପ୍ରସନ୍ନ ସେଠୀ ପ୍ରମୁଖ ସହଯୋଗ କରିଥଲେ ।

# ରାଜୀବ ଗାନ୍ଧିଙ୍କ ଜୟନ୍ତୀ ପାଳିତ

ଛତ୍ରପୁର, (ସବ୍ୟୁ): ଆଜି ଛତ୍ରପୁର କଂଗ୍ରେସ ବିଧାୟକ ପାର୍ଥୀ ଭାଗିରଥି ବେହେରାଙ୍କ ନେତୃତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଆଧୁନିକ ଭାରତ ବିନ୍ଧାଣି ଭାରତରତ୍ନ ରାଜୀବ ଗାନ୍ଧିଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମଟି ଛତ୍ରପୁର ଉପର ବସଷ୍ଟାଣ୍ଡ ସ୍ଥିତ ରାଜୀବଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ଗାନ୍ଧି ଅମର ରହେ ନାରାରୁ ପ୍ରାରମ୍ଭ କରାଯାଇଥିଲା। ପିସିସି ସଭ୍ୟ ଡ଼. ଶମ୍ଭୁ ପାଣିଗ୍ରାହୀ ଉପସ୍ଥିତ କର୍ମୀଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଗାନ୍ଧିଙ୍କ ଭାରତବର୍ଷ ପ୍ରତି ଅବଦାନ ସହ କର୍ମୀମାନଙ୍କୁ ସକ୍ରିୟ ରହି କାର୍ଯ୍ୟ କରିବା ପାଇଁ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଟି.କ୍ରୀଷ୍ଣା ରେଡ୍ଡୀ ଓ ଡ଼ି.ରାମସ୍ୱାମୀ ରେଡ୍ଡୀ, ଗଣପତି ବାରିକ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଚକ୍ରପାଣି ପୋଲାଇ, ପିସିସି ସଭ୍ୟ ଭବାନୀ ବେହେରା, କାଳିଆ ରାଉଳ, ଅଶୋକ ପଟ୍ଟନାୟକ, ଟି.ବେଣୁ ଗୋପାଳ ଆଚାରୀ, ହାଡୁ ରେଡ୍ଡୀ, ବିକ୍ରମ ରେଡ୍ଡୀ, ଆଦିତ୍ୟ ଦାସ , କୁନି ନାୟକ, ରବି ମୁଦୁଲି, ଗୁରୁ ରେଡ୍ଡୀ ଆଦି ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

# ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର

ବ୍ରହ୍ମପୁର,( ସବ୍ୟୁ): ବ୍ରହ୍ମପୁର ଉପ–ଜିଲ୍ଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ସଞ୍ଚୟ ଏବଂ ଆର୍ଥିକସେବା ବିଭାଗ ପକ୍ଷରୁ ଦୁଇଗୋଟି ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତିକରଣ ଶିବିର ତା ୨ ୦ ଅଗଷ୍ଟ ୨୦୨୫ ରିଖ ରେ ବ୍ରହ୍ମପୁର ଉପଖଣ୍ଡର ଚିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଏବଂ କେ. ନୂଆଗାଁ ପଂଚାୟତର ସମ୍ମିଳନୀ କକ୍ଷରେ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସାକ୍ଷରତା ଶିବିରରେ ବ୍ରହ୍ମପୁର ଡିଭିଜନର ଆସିଷ୍ଟାଣ୍ଟ ସୁପେରିଟେଣ୍ଡ ଅଫ୍‌ପୋଷ୍ଟ, ଲଲାଟେନ୍ଦୁ କେଶରୀ, ବ୍ରହ୍ମପୁର ସିନିୟର୍ ବ୍ରାଞ୍ଚ ମ୍ୟାନେଜର୍ ଅଫ୍ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ, ସମ୍ପତ ଭେଙ୍କଟ ରମଣ୍, ପୋଷ୍ଟାଲ୍ ଲାଇଫ୍ ଇନସୁରାନ୍ସ ଡେଭେଲପମେଣ୍ଟ ଅଫିସର ରୁଦ୍ର ଶଙ୍କର ସାହୁ , ସ୍ଥାନୀୟ ପଂଚାୟତ ନିର୍ବାହୀ ଅଧିକାରୀ ବି ବନମାଳୀ ରାଓ ଅତିଥିଭାବେ ଯୋଗ ଦେଇଥିଲେ । ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ , ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା, ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଉପକାରିତା, ସାଇବର୍ ଫ୍ରଡ ସମ୍ବନ୍ଧରେ ଆଲୋଚନା କରଯାଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ସ୍ୱାଭିମାନ୍ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଏବଂ ପୋଷ୍ଟାଲ ଏଜେଣ୍ଟ ମାନେ ଯୋଗ ଦେଇଥିଲେ ।

# ଓଡିଶା କୃଷକ ସଭାର ଧାରଣା

ଛତ୍ରପୁର, (ସବ୍ୟୁ) : ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବୀ ନେଇ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଗଂଜାମ ଜିଲ୍ଲା କମିଟି ପକ୍ଷରୁ ସଭାପତି ପି.ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଶହଶହ ଚାଷୀମାନେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏନେଇ ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ସେମାନେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଅଖିଳ ଭାରତ କୃଷକ ସଭାର କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କୁ କଡା ସମାଲୋଚନା କରିବା ସହିତ ଚାଷୀଙ୍କ ଫସଲ ବୀମାର କ୍ଷତି ପୂରଣ ତୁରନ୍ତ ପ୍ରଦାନ କରିବା ନିମନ୍ତେ ସେ ଦାବୀ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କୃଷକ ନେତା କୈଳାସ ଷଡଙ୍ଗୀ, ଜିଲ୍ଲା ନେତା ଗୋପାଳ କୃଷ୍ଣ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ଅଜୟ ଗୌଡ, ଯୋଗେଶ ସାହୁ, ବିଭୂ ପ୍ରସାଦ ପାଣିଗ୍ରାହୀ, ବୈରାଗୀ ବେହେରା, ମୋଚିଆ ଶବର, ଶୁକୁ ଶବର, ଉଲ୍ଲାସ ଶବର ଓ ଗୋବର୍ଦ୍ଧନ ପାହାନଙ୍କ ସମେତ ବହୁ କୃଷକ ନେତା ମାନେ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ଲିଖିତ ଦାବୀପତ୍ର ପ୍ରଦାନ କରିଥିଲେ । ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ସରଳୀକରଣ କରି ଅବଧି ବୃଦ୍ଧି କରିବା, ଗତ ଖରିଫ ଫସଲ ଅମଳ ବେଳେ ଅଦିନିଆ ବର୍ଷାର ଫସଲ ବୀମା କ୍ଷତି ପୂରଣ ପ୍ରଦାନ କରିବା, ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା, ଦଖଲ ସରକାରୀ ଜମି ଓ ଘର ପଟ୍ଟା ପ୍ରଦାନ କରିବା, ରିହାତି ଦରରେ ସାର, ବିହନ ଓ ଔଷଧ ପ୍ରଦାନ କରିବା ସହିତ କଳା ବଜାରୀକୁ ବନ୍ଦ କରିବା, ନୂତନ ଜଳ ପ୍ରକଳ୍ପ କରି ସବୁ ଅଂଚଳକୁ ଜଳସେଚନ କରିବା ଏବଂ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବା, ବନ୍ୟଜନ୍ତୁ ଦାଉରୁ ଚାଷୀ ଫସଲ ରକ୍ଷା ପାଇଁ ବନ୍ୟ ସଂରକ୍ଷଣ ଆଇନ ସଂଶୋଧନ କରିବା, ମନରେଗା ଯୋଜନାରେ ମୂଲିଆଙ୍କୁ ବାର୍ଷିକ ୨୦୦ଦିନ କାମ ସହିତ ଦୈନିକ ୬ଶହ ଟଙ୍କା ମଜୁରୀ ଦେବା, ଜିଲ୍ଲାପାଳ ଓ ବ୍ଲକ କୃଷି କାର୍ଯ୍ୟାଳୟରେ ଫସଲ ବୀମା ଦଫତର ଖୋଲିବା, ଚାଷୀଙ୍କ ଜମିରେ ମାଗଣାରେ ବୋରୱେଲ୍ ଖନନ ଓ ଅଚଳ ଉଠାଜଳସେଚନ ପଏଣ୍ଟ ମରାମତି ଏବଂ ଆଡିବନ୍ଧ ନିର୍ମାଣ କରିବା ନିମନ୍ତେ ସେମାନେ ଦାବୀ କରିଛନ୍ତି ।

# ପ୍ୟାନେଲ ଓକିଲଙ୍କ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ ସଚିବ ବ୍ୟୋମକେଶ ନାୟକଙ୍କ ପରିଚାଳନାରେ ବୁଧବାର ଗଞ୍ଜାମ ଜିଲ୍ଲା କୋର୍ଟ ଅଧିନସ୍ଥ ରିଜୋନାଲ ଜୁଡ଼ିସିଆଲ ଏକାଡେମୀ ପରିସରରେ ପ୍ୟାନେଲ ଓକିଲ ମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୩ ଟି ସେସନ ରହିଥିବାବେଳେ ୧୨ ଟି ବିଷୟ ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ବନ୍ଧୀୟ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନିଜେ ସଚିବ ବ୍ୟୋମକେଶ ନାୟକ ଏବଂ ସଦସ୍ୟ ଟି.କେ ରେଡ୍ଡୀ ପ୍ରଶିକ୍ଷଣ ଦେଇଥିବାବେଳେ ବହୁ ପ୍ୟାନେଲ ଓକିଲ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିବା ଦେଖିବାକୁ ମିଳିଛି ।

# ଚାରି ୱାର୍ଡବାସୀଙ୍କ ଘର ଦୁଆର ମୁହଁରୁ ମିଳିଲା ଆମ ବସ୍ ସେବା



କଟକ, (ସ୍ୱପ୍ର) : ଦୀର୍ଘ ଦୀନର ପ୍ରଚେଷ୍ଟା ସଫଳ ହୋଇଛି । ଏବେ ୪ ଗୋଟି ୱାର୍ଡବାସୀ ବିଶେଷ ଭାବେ ଉପକୃତ ହେବେ । ଘର ଦୁଆରମୁହଁରୁ ମିଳିବ ଆମ ବସ୍ ସେବା। ଏହି ଆମ ବସ୍ ମହାନଦୀବିହାର ବସ୍ ଷ୍ଟପେଜରୁ ନୂଆବଜାର ଓଭରବ୍ରିଜ, ନୂଆପଡ଼ା, ପ୍ରେସଛକ, ସିଏନବିଟି, ହାଇକୋର୍ଟ ଅତିକ୍ରମ କରି ନରାଜ ପର୍ଯ୍ୟନ୍ତ ଚଳାଚଳ ଆରମ୍ଭ ହୋଇଛି। ଉକ୍ତ ରୁଟ୍‌ରେ ୪ଗୋଟି ଆମବସ୍ ଚଳାଚଳ କରିବ । ଏବେ ସିଏମସି ଅଧିନ ୫୦, ୫୧, ୫୨ ଓ ୫୩ ନଂ ୱାର୍ଡର ଲୋକମାନେ ଏହି ବସ୍ ସେବା ଦ୍ୱାରା ବିଶେଷଭାବେ ଉପକୃତ ହେବେ । ବିଶେଷକରି ବୟସ୍କ ବ୍ୟକ୍ତିମାନେ ସହଜରେ ଓ ନିରାପଦରେ ଏହି ବ୍ୟାଟେରୀ ଚାଳିତ ବସ୍‌ରେ ଗନ୍ତବ୍ୟ ସ୍ଥଳକୁ ଗମନାଗମନ କରିପାରିବେ। ମଙ୍ଗଳବାର ଦରଖାପାଟଣା ସ୍ଥିତ ଦୁର୍ଗାମଣ୍ଡପ ସମ୍ମୁଖରେ ବସ୍‌କୁ ପୂଜାର୍ଚ୍ଚନା କରାଯାଇ ଚଳାଚଳର ଶୁଭାରମ୍ଭ ହୋଇଛି। ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ୫୨ନଂ ସୌଭାଗିନୀ ଜେନା, ୫୦ନଂ ସନ୍ତୋଷ ଭୋଳ ଓ ୫୧ନଂ ରାକେଶ ସ୍ୱାଇଁଙ୍କ ସହିତ ଦରଖାପାଟଣା ପୂଜାକମିଟି ସଭାପତି ଅନାଦି ଚରଣ ଷଡଙ୍ଗୀ, ସମ୍ପାଦକ ରଞ୍ଜନ କୁମାର ବେଉରା ଏବଂ ସମସ୍ତ କର୍ମକର୍ତ୍ତା, ଜିଲ୍ଲା ରୋଡ଼ ସେଫଟି କମିଟିର ସଦସ୍ୟ ତଥା ଆଇନଜୀବୀ ସୁଜିତ ସେନାପତି, ଟ୍ରକ ଆସୋସିଏସନ ସଭାପତି ରବି ଶତପଥୀ, ମନୋରଞ୍ଜନ ମହାନ୍ତିଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ବସ୍‌କୁ ପୂଜାର୍ଚ୍ଚନା କରାଯାଇ ଚଳାଚଳର ଶୁଭାରମ୍ଭ କରାଯାଇଥିଲା ।

# ଭଞ୍ଜଦୂତ ବିତନୁ ନାୟକଙ୍କ ତିରୋଧାନ ଦିବସ

ବାରିପଦା, (ସବ୍ୟୁ) : ଭଞ୍ଜମାଟିର ସୁଯୋଗ୍ୟ ଦାୟାଦ ଭଞ୍ଜଦୂତ ସ୍ୱର୍ଗତ ବିତନୁ ନାୟକଙ୍କ ୧୯ତମ ତିରୋଧାନ ଦିବସ ବାରିପଦା କଲ୍ୟାଣୀ ମହିଳା ସମିତି ସଭାଗୃହରେ କବୟିତ୍ରୀ କାବେରୀ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଅଛି। ବିଶିଷ୍ଟ ଲେଖକ ଓ ପ୍ରକାଶକ ଡଃ କାଳୀପଦ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ବିତନୁ ନାୟକ ସବୁଦିନ ଯୁବ ସମାଜ ପାଇଁ ପ୍ରେରଣା ସାଜିଥିବେ ବୋଲି ମତ ରଖିଥିଲେ। ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମୟୂରଭଞ୍ଜ ମିରରର ପ୍ରତିଷ୍ଠାତା କୁମାରେଶ ନାୟକ ଏବଂ ବିଶିଷ୍ଟ ଯୁବ ସମାଜସେବୀ ସାଇପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ଏହି ଅବସରରରେ ସାଇପ୍ରକାଶ ମହାନ୍ତିଙ୍କୁ ମୟୂରଭଞ୍ଜ ପୁସ୍ତକମେଳା ପ୍ରଦତ୍ତ ମୟୂରଭଞ୍ଜ ଯୁବ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିତନୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶିତ ହୋଇଥିଲା। ଅଧ୍ୟାପକ ସମରେନ୍ଦ୍ର ବଶାଙ୍କ ସଂଯୋଜନାରେ ସ୍ମୃତି ସଭାରେ ପ୍ରସ୍ତୁତ କବିତା ପାଠୋତ୍ସବରେ ବାସନ୍ତୀଲତା ମହାପାତ୍ର, ବୀଣାପାଣି ପଣ୍ଡା, ନରସିଂହ ବାରିକ, ଗୋପାଳ ସାଓ, ହାରାମଣି ଦଳେଇ, ସୁତନୁ ନାୟକ, ଅତନୁ ନାୟକ, ମିନତୀ ଦାଶ, ଡଃ ଶଶିଧର ବିଶ୍ୱାଳ, ମୀତାରାଣୀ ସାହୁ, ଅଜିତ ପାଣିଗ୍ରାହୀ, ରାଜଲକ୍ଷ୍ମୀ ତ୍ରିପାଠୀ, ଶଙ୍କର ଜେନା, ଅଶୋକ କୁମାର ପଲେଇ ଓ ଭାସ୍ୱତୀ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡା. ସୁମନପ୍ରଭା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ପରିଶେଷରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଂପାଦକ ଇଂ. ମନୋଜ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍ଏସସିବି ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ସ୍ୱାଗତ ଉତ୍ସବ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଏବର୍ଷର ନବାଗତ ପ୍ରଥମବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଭାଗର ସହକାରୀ ପ୍ରଫେସର ତଥା ସଂଯୋଜକ ଡଃ ଶିଶିର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ବିଭାଗୀୟ ସହକାରୀ ପ୍ରଫେସର ଡଃ ବିଚିତ୍ରନାଥ ସାହୁ, ଅଧ୍ୟାପିକା ଡଃ ବିନ୍ଧେଶ୍ୱରୀ କଲିଆ, ଅଧ୍ୟାପକ ରାଜକୁମାର ପାତ୍ର ଓ ହୃଷୀକେଶ ମହାନ୍ତ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ବିଶ୍ୱବିଦ୍ୟାଳୟରେ ପାଠ୍ୟ ଦିଗରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ କାହ୍ନୁ ଚରଣ ପାଢ଼ୀ, ରଶ୍ମିତା ବେରା, ମୌହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ମନ୍ଦାକିନୀ ପାତ୍ର, କେଶବ ରଞ୍ଜନ ରଣା ଓ ସୁବାଶିଷ ଦାସ ଆଦି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀମାନେ ସେମାନଙ୍କର ପରିଚୟ ଦେବା ସହିତ ବିଶ୍ୱବିଦ୍ୟାଳୟରେ ସ୍ୱଳ୍ପଦିନର ଅନୁଭୂତି ସମ୍ବନ୍ଧରେ ଅଭିଭାଷଣ ମାନ ରଖିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଗୋଟିଏ ଗୋଟିଏ ବହି ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଗଜପତିରେ କଟକ ଅବକାରୀ ସ୍କ୍ୱାର୍ଡର ଚଢ଼ାଉ

# ବିପୁଳ ମଦ ଜବତ, ଦୁଇ କୋର୍ଟଚାଲାଣ

ପାରଳାଖେମୁଣ୍ଡି, (ସବ୍ୟୁ): ପୋଲିସ ମଦମାଫିଆ ମଧ୍ୟରେ ମଧୁଚନ୍ଦ୍ରିକା । କଟକ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦ୍ୱାରା ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଓ କାର ସହ ୨ଜଣଙ୍କୁ ଗିରଫ ହୋଇଥିବା ଜଣାପଡିଛି । କଟକ ସ୍ଥିତ ଅବକାରୀ ବିଭାଗର କମିଶନର ପି.ଅନେଶ୍ୱା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ଏବଂ କଟକ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାର୍ଡ ୟୁନିଟ (୧) ର ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଗଜପତି ଜିଲ୍ଲାର ରାୟଗଡ଼ ଥାନା ଅନ୍ତର୍ଗତ ହାଟପଦା ଛକ ଠାରେ କଟକ ଫ୍ଲାଇଙ୍ଗ ସ୍କ୍ୱାର୍ଡ ୟୁନିଟ (୧)ର ଆଇଆଇସି ହିରା ଦଳପତିଙ୍କ ନେତୃତ୍ୱରେ, ଏସଆଇ ଶେଖ ସଖାଉଲ୍ଲୁ, ଏଏସ୍ଆଇ ବ୍ରଜ କିଶୋର ବିନ୍ଧାଣୀ, ସିପାହୀ ଗୌରାଙ୍ଗ ନାୟକ, ପଦ୍ମିନୀ ନାୟକ, ପବିତ୍ର କୁମାର ଦାସ ପ୍ରମୁଖ ପୂର୍ବରୁ ଖବର ପାଇ ଛକି ରହିଥିଲେ । ଏକ କାର ହୁଣ୍ଡାଇରେ ଚୋରାରେ ଚାଲାଣ ପାଇଁ ବିଦେଶୀ ମଦ ଓ ବିୟର ଧରି ଯାଉଥିବା ବେଳେ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ ରାୟଗଡ଼ ଠାରେ ବିଦେଶୀ ମଦ ଦୋକାନ ନିକଟସ୍ଥ ହାଟପଦା ଠାରେ କଟକରୁ ଆସିଥିବା ଫ୍ଲାଇଙ୍ଗ ସ୍କ୍ୱାର୍ଡ କାରକୁ ଯାଞ୍ଚ କରିବାରୁ ସେଥିରୁ ୧୭ ଲିଟର ୬ଶହ ମିଲି ଲିଟର ବିଦେଶୀ ମଦ, ୩୧ ଲିଟର ୬୪୦ ମିଲି ଲିଟର ବିୟର ସହ କାରକୁ ଜବତ୍ କରାଯିବା ସହ ଦୁଇ ଜଣ ବିଜୟ ଚୌଧୁରୀ (୫୨) ବାବୁଲା ସାହୁ (୪୫) ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏନେଇ କଟକ ଫ୍ଲାୟିଙ୍ଗ ସ୍କ୍ୱାର୍ଡର ଏସଆଇ ଶେଖ ଶେଖା ଉଲ୍ଲୁ ସୂଚନା ଦେଇଛନ୍ତି । ଏହି ମଦ କେଉଁଠୁ ଆସୁଥିଲା କେଉଁ ଜାଗାକୁ ଯାଉଥିଲା ନେଇ ପଚାରି ବାରୁ ଫ୍ଲାୟିଙ୍ଗ ସ୍କ୍ୱାର୍ଡ ଅଧିକାରୀ ମାନେ ତାର ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ରାୟଗଡ ଠାରେ ଥିବା ସରକାରୀ ଠିପି ବନ୍ଦ ମଦ ଦୋକାନର ସିସିଟିଭି ଦେଖିଲେ ସବୁ ବିଷୟ ଲୋକ ଲୋଚନକୁ ଆସିଥାନ୍ତା ବୋଲି ରାୟଗଡ ବ୍ଲକର ଜନ ସାଧାରଣ ଦାବି କରିଛନ୍ତି। ରାୟଗଡ ବ୍ଲକର ସଦର ମହକୁମା ରାୟଗଡ଼ ଠାରେ ଥିବା ବିଦେଶୀ ମଦ ଦୋକାନରେ ଗଜପତି ଜିଲ୍ଲା ଅବକାରୀ ବିଭାଗର ଜଣେ କନେଷ୍ଟ ବଳଙ୍କ ଭାଗ ଥିବା ଅଭିଯୋଗ ହେଉଛି । ସେଥିଯୋଗୁଁ ଜିଲ୍ଲା ଅବକାରୀ ବିଭାଗ ଏହି ଦୋକାନ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ଏହି ଦୋକାନରୁ ନିୟମିତ ବିଦେଶୀ ମଦ ନୂଆଗଡ, ଖଜୁରୀପଦା, ଶେରଙ୍ଗ, ନାରାୟଣପୁର, କାଇଁପୂର, ଜିରାଙ୍ଗ, ରାମଗିରି ପ୍ରଭୃତି ଅଞ୍ଚଳକୁ ଗାଡି ଦ୍ୱାର ଚୋରାରେ ଚାଲାଣ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି । ସଂପୃକ୍ତ ମଦ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ ସମସ୍ତ ବିଷୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

## କୁମ୍ଭୀର ମୁହଁରୁ ଅଳ୍ପକେ ବର୍ତ୍ତିଲେ ଛାତ୍ର

ରାଜକନିକା ,(ସବ୍ୟୁ) : :ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଖୁଣ୍ଟା ଗାଁର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର କୁମ୍ଭୀର ମୁହଁରୁ ଅଳ୍ପେକେ ବର୍ତିଲେ । ସୂଚନା ଅନୁଯାଇ ଖୁଣ୍ଟା ଗାଁର ରତ୍ନାକର ମଲିକ ମଙ୍ଗଳବାର ମଧାହ୍ନ ରେ ବିଲରେ କାମ କରୁଥିବା ।



ବେଳେ ତାଙ୍କ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ପୁଅ ରାକେଶ ମଲିକ ( ୧୩ ) ଖାଇବାକୁ ନେଇ ବାପାଙ୍କ ପାଖକୁ ଯାଇଥିଲେ । ସେଠାରେ ପହଁଚି ଟିଫିନ ଧୋଇବାକୁ ନଦୀକୁ ଆସିଥିବା ବଳେ ତାଙ୍କୁ କୁମ୍ଭୀର ଟାଣିନେଇଥିଲା । ସେ ଚିତ୍କାର କରିବାରୁ ତାଙ୍କ ବାପା ଦଉଡି ଆସି ପୁଅକୁ ବହୁ କଷ୍ଟରେ କୁମ୍ଭୀର ମୁହଁରୁ ଉଦ୍ଧାର କରିଥିଲେ । ତାପରେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ,ପରେ ତାଙ୍କ ଦେହ ସଂକଟାମ୍ପର୍ନ୍ନ ହେବାରୁ ତାଙ୍କୁ ଡାକ୍ତର କେନ୍ଦ୍ରାପଡ଼ା ମେଡିକାଲକୁ ପଠାଇ ଥିବା ସୂଚନା ମିଳିଛି । ତେବେ ରାକେଶଙ୍କ ଡାହାଣ ଗୋଡ଼ରେ କୁମୀର କାମୁଡି ଥିବା ସହିତ ଗଭୀର ରକ୍ତସ୍ରାବ ହୋଇଥିବା ସୂଚନା ମିଳିଛି ।

## ଜୁଆ ଆଡ୍ଡାରେ ଚଢ଼ାଉ : ୫ଗିରଫ, ଟଙ୍କା ଜବତ

ମହାକାଳପଡ଼ା,(ସବ୍ୟୁ) : ଆଜି କାଲି ବିପଥ ଗାମୀ ଯୁବ ପିଢ଼ି ମାନଙ୍କ ପାଇଁ ନିଶା ସେବନ ଓ ଜୁଆଖେଳ ଏକ ସାଧାରଣ ହବିରେ ପରିଣତ ହୋଇଗଲାଣି । ବିଶେଷ କରି ଶିକ୍ଷିତମାନଙ୍କ କ୍ଷେତ୍ର ରେ ଏହା ଅଧିକାଂଶ ଭାବେ ପରିଲକ୍ଷିତ ହେଉଛି । ସେହିପରି ସଭିଙ୍କ ଅଗୋଚରରେ ସବୁଦିନ ଭଳି ମଙ୍ଗଳ ବାର ବିଳମ୍ବିତ ରାତ୍ରିରେ ବିଭିନ୍ନ ଅଞ୍ଚଳର ଯୁବକ ବାଲିସାହି ଠାରେ ଜୁଆଖେଳ ନିମଗ୍ନ ଥିଲେ । ବିଶେଷ ସୂତ୍ରରୁ ଖବର ପାଇଁ ମହାକାଳପଡ଼ା ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପୋଲିସ ଟିମ ଘଟଣା ସ୍ଥଳରେ ପହଂଚି ଥିଲେ । ଚଢ଼ାଉ ଟିମ ରେ ଏସଆଇ ବିଶ୍ୱଜିତ ଭୋଇ,ଏଏସଆଇ ଦଶରଥ ମହାରଣା, ବିଦ୍ୟାଧର ସ୍ୱାଇଁ, ପ୍ରଭାତ ରାଉତ ଓ ଅନ୍ୟ କିଛି ସହଯୋଗୀ ପୋଲିସ ସାଥିରେ ଥିଲେ । ଚଢ଼ାଉ ସମୟରେ କିଛି ଯୁଆଡି ଖସି ଯାଇଥିବା ବେଳେ ୫ଜଣ ଧରା ପଡିଯାଇଥିଲେ । ବାଲିସାହି ଗାଁ ସଞ୍ଜୟ ରାଉତ, ବିଶ୍ୱମ୍ବର ରାଉତ, ରଞ୍ଜନ ନାୟକ, ବିଜୟ ନଗର ଗାଁ ର ଜନ୍ମେଞ୍ଜୟ ସାହାଣୀ, ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳ ଖରିଅଣ୍ଟା ଗାଁ ସୁମନ୍ତ ମଲ୍ଲିକ ବୋଲି ଜଣାପଡିଛି । ଏଥି ସହିତ ଜୁଆ ଆଡ୍ଡା ନିକଟରୁ ପଲସର, ସ୍ପ୍ଲେଣ୍ଡର ପ୍ଲସ ଓ ହିରୋ ମଟରସାଇକେଲ ସହିତ ୬ଗୋଟି ମୋବାଇଲ ଫୋନ ଓ ୨୮୩୦୦୦ଟଙ୍କା ଜବତ କରିଛି ପୋଲିସ । ଏନେଇ ପୋଲିସ ୨୩୭/୨୫ ମୂଳେ ମାମଲା ରୁଜୁ ୫ଯୁଆଡ଼ି ଙ୍କୁ ଗିରଫ କରି କୋର୍ଟ ଫରୱାର୍ଡ଼ କରିବା ସହିତ ଅଧିକ ଅନୁସନ୍ଧାନ ଜାରି ରଖିଥିବାର ଜଣାପଡିଛି ।

## ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ବିରୋଧ

ବରୀ, (ସବ୍ୟୁ): ଅସଡ଼ାଏ ବର୍ଷାରେ ଧୋଇଗଲା ରାସ୍ତା । ଠିକାଦାର ଙ୍କ ଦାଦାଗିରି । ଅଭିଯୋଗ କଲେ ମିଳୁଛି ଧମକ । ବିନା ସୂଚନା ଫଳକ ରେ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ । ଏ ରାସ୍ତାଟି ହେଉଛି ବରୀ ଅଞ୍ଚଳର ବିଂଝାରପୁର ସେକ୍ସନ ଜଳସମ୍ପଦ ବିଭାଗ ଅଧିନରେ ଥିବା ମଢିଆଳି ଠାରୁ ଡିଅସାହି ନଦୀ ବନ୍ଧ ରାସ୍ତା । ଏହି ନଦୀ ବନ୍ଧ ରାସ୍ତାଟି ସ୍ଥାନୀୟ ଲୋକ ମାନଙ୍କର ଦୈନଦିନ ଯାତାୟାତ ରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଦେଇ ପ୍ରତିଦିନ ସହ ସହ ଲୋକ ଯାତାୟାତ କରିଥାନ୍ତି । ରାସ୍ତାର ଅବସ୍ଥା ଅତି ଶୋଚନୀୟ ଥିବାର ଜଳସମ୍ପଦ ବିଭାଗ ପକ୍ଷରୁ ୨ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କାର୍ଯ୍ୟ ଦେଖିବାକୁ ଦିନେ ବି ଆସିଲେ ନାହିଁ ବିଭାଗୀୟ ଅଧିକାରୀ । ଠିକାଦାର ଓ ବିଭାଗୀୟ ଅଧିକାରୀମାନଙ୍କ ଭିତିରି ସମ୍ପର୍କ ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଲା । ପାଖ ନଦୀ ବାଲି ରେନିର୍ମାଣ ହେଲା ରାସ୍ତା । ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ମିଳିଥିଲା ଧମକ । ଅସରାଏ ବର୍ଷାରେ ନଦୀ କୁ ଚାଲିଗଲା ବାଲି । ପାଣିରେ ପଡ଼ିଲା କୋଟି କୋଟି ଟଙ୍କା । ଏବେ ରାସ୍ତା ର ହାଲ ପୁଣି ପୂର୍ବ ପରି । ଯାହାକୁ ନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀ ଓ ଯାଜପୁର ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ ପ୍ରଭାବ ପଡିନଥିଲା । ଶେଷରେ ସ୍ଥାନୀୟ ଦୁଇ ପଞ୍ଚାୟତର ସରପଞ୍ଚ ଓ ସ୍ଥାନୀୟ ଲୋକମାନେ ବରୀ ବିଧାୟକଙ୍କ ନିକଟରେ ଆଲୋଚନା କରିଥିଲେ । ଆଜି ବରୀ ବିଧାୟକ ଶ୍ରୀ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ବନ୍ଧ ର ଅବସ୍ଥା ଦେଖିବା ପରେ ଅସନ୍ତୋଷ ପ୍ରକାଶ କରିବା ସହିତ ସରକାରୀ ନିୟମ ଅନୁସାରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି । ବିନା ସୂଚନା ଫଳକରେ ଚାଲିଛି ନିର୍ମାଣ କାର୍ଯ୍ୟ । ଆଗାମୀ ଦିନରେ ବିଭାଗୀୟ ଅଧିକାରୀ ଉପସ୍ଥିତ

# ଅନାସ୍ଥା ଭୋଟ ପୂର୍ବରୁ ଇସ୍ତଫା ଦେଲେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥାପ୍ରସ୍ତାବ ଭୋଟ ହେବା ପୂର୍ବରୁ ବ୍ଲକ ଅଧ୍ୟକ୍ଷ ନିଜ ପଦବୀରୁ ଆଜି ଇସ୍ତଫା ଦେଇଛନ୍ତି । ସୂଚନା ଅନୁଯାୟୀ ୪୫ ଗୋଟି ପଂଚାୟତକୁ ନେଇ ଧର୍ମଶାଳା ବ୍ଲକ ଗଠିତ ହୋଇଛି । ଏହି ବ୍ଲକର ୪୫ ଗୋଟି ପଂଚାୟତରେ ୪୫ ସରପଂଚ ଓ ୪୫ ସମିତିସଭ୍ୟ ମୋଟ ୯୦ ଜଣ ପଂଚାୟତ ପ୍ରତିନିଧି ରହିଛନ୍ତି । ଗତ ୨୦୧୭ ମସିହା ପଂଚାୟତ ନିର୍ବାଚନରେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତଙ୍କ ସାନ ଭାଇ ପ୍ରଭାତ କୁମାର ବଳବନ୍ତରାୟ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିଲେ । ପରେ ୨୦୨୨ ପଂଚାୟତ ନିର୍ବାଚନରେ ସେ ବିଜୟୀ ହୋଇ ପୁଣି ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣକରିଥିଲେ । ତେବେ ୨୦୨୪ ସାଧାରଣ ନିର୍ବାଚନ ପରେ ସରକାର ପରବର୍ତନ ହେବା ସହିତ ଧର୍ମଶାଳା ନିର୍ବଚନ ମଣ୍ଡଳୀରେ ହିମାଂଶୁ ଶେଖର ସାହୁ ବିଧାୟକ ହୋଇଥିଲେ । ସରକାର ପରିବର୍ତନ ହେବା ପରେ ବ୍ଲକରେ ଦୁଇଥର ପଂଚାୟତ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ବ୍ଲକ ଅନୁଦାନରେ ଉନ୍ନୟନ ମୁଳକ କାର୍ଯ୍ୟ କରାଯିବାକୁ ନିଷ୍ପତି ହୋଇଥିଲା । ହେଲେ ବ୍ଲକରେ ବିଭିନ୍ନ ଉନ୍ନୟନ ମୁଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଯାହାକୁ ନେଇ ପଂଚାୟତ ସମିତିର ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଅଧ୍ୟକ୍ଷଙ୍କୁ ଦାୟୀ କରିଥିଲେ । ଏହାକୁ ନେଇ ଗତ ୨୨ ତାରିଖରେ ୩୮ ଜଣ ସମିତିସଭ୍ୟ ଓ ସରପଂଚମାନେ ଯାଜପୁର ଉପଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ



କୁମାର ବଳବନ୍ତରାୟଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଥିଲେ । ଗତ ୧୪ ତାରିଖ ଦିନ ଦସ୍ତଖତ କରିଥିବା ସମସ୍ତ ୩୮ ଜଣ ସମିତିସଭ୍ୟ ଓ ସରପଂଚ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହୋଇ ନିଜ ନିଜର ସ୍ୱାକ୍ଷର ଯାଂଚ କରାଇ ଥିଲେ । ପରେ ଆସନ୍ତା ୨୨ ତାରିଖରେ ସମସ୍ତ ୪୫ ପଂଚାୟତର ସରପଂଚ , ସମିତି ସଭ୍ୟ, ଧର୍ମଶାଳା ବିଧାୟକ ଓ ଯାଜପୁର ଲୋକସଭା ସାଂସଦ ବ୍ଲକ ସଭାଗୃହରେ ଏକତ୍ରିତ ହୋଇ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିବା ସହିତ ନିଜ ନିଜର ମତ ଦେବାକୁ ଉପଜିଲ୍ଲାପାଳ ଧର୍ମଶାଳା ବିଡିଙ୍କ ଜରିଆରେ ସମସ୍ତଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ । ଏହି ଆଲୋଚନାର ଦୁଇ ଦିନ ପୁର୍ବରୁ ଆଜି ପୁର୍ବାହ୍ନରେ ହଠାତ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ବ୍ଲକ କାର୍ଯ୍ୟାଳୟରେ ପହଁଚି ବିଡିଓ ଜ୍ୟୋତିର୍ମୟ କରଙ୍କୁ ନିରେ ଇସ୍ତଫା ପତ୍ର ଦେଇଥିଲେ । ଏହି ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣ ଯୋଗୁଁ ସେ ବ୍ଲକରେ ଅଧ୍ୟକ୍ଷପଦ ଚଳାଇବାକୁ ଅସମର୍ଥ ଥିବାରୁ ସେ ନିଜ ପଦରୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି । ହେଲେ ଅଜି ଅପରହ୍ନରେ ପ୍ରଭାତ ଏକ ଭିଡିଓ ବାର୍ତା ଜାରି କରି ବ୍ଲକକୁ ପଂଚାୟତ ପ୍ରତିନିଧିମାନେ ଆସିବାକୁ ଅସୁରକ୍ଷିତ ମଣୁଥିବାରୁ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ନିଜ ପଦବୀରୁ ସେ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି । ଏବେ ଧର୍ମଶାଳା ବ୍ଲକରେ କିଏ ପରବର୍ତୀ ଅଧ୍ୟକ୍ଷ ପଦ ହାତୋଉଛି ତାହା ଆଗକୁ ଜଣାପଡିବ ।

## ପାଉଁଶ ଇଟା ନିର୍ମାଣ ପାଇଁ କଞ୍ଚାମାଲ୍ ଯୋଗାଇବ ଜିନ୍ଦଲ୍

କେନ୍ଦ୍ରାପଡା ,(ସବ୍ୟୁ) :ଜିନ୍ଦଲ୍ ଇଣ୍ଡିଆ ପାୱାର ଲିମିଟେଡ୍ ଓ କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଦୀପା ବିଭାଗ ମିଳିତ ଆନୁକୁଲ୍ୟରେ ପାଉଁଶ ଇଟା ନିର୍ମାଣ ପାଇଁ କଂଚାମାଲ୍ ଯୋଗାଇବା ବିଷୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲାବେଳେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦୀପ କୁମାର ସାହୁ ସମ୍ମାନୀତ ଅତିଥି, କେନ୍ଦ୍ରାପଡା ଦୀପା ବିଭାଗର ସୌଭାଗ୍ୟ ରଞ୍ଜନ ମଲ୍ଲିକ ଏବଂ ବଳରାମ ସାହୁ, ଜେ.ଆଇ.ପି.ଏଲ୍‌ର ସାଧାରଣ ପରିଚାଳକ ଡକ୍ଟର ରମେଶ ଚନ୍ଦ୍ର ବିଶ୍ୱାଳ, ଓସ୍‌ମୀର ସଭାପତି ସୁକାନ୍ତ କୁମାର ଶତପଥୀ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଜିଲ୍ଲାରେ ପାଉଁଶ ଇଟା ନିର୍ମାଣ କରୁଥିବା ସମସ୍ତ ଇଟାଫ୍ୟାକ୍ଟ୍ରି ମାଲିକମାନଙ୍କୁ ଜିନ୍ଦଲ୍ କମ୍ପାନୀ ଦ୍ୱାରା କଂଚାମାଲ୍ ଅତି ସସ୍ତା ଓ ସୁବିଧାରେ ଯୋଗାଇଦେବାପାଇଁ ଆଲୋଚନା କରାଯାଇଛି। ଜିଲ୍ଲାରେ ମାଟି ନାଲି ଇଟା ନିର୍ମାଣ ଦ୍ୱାରା ପ୍ରଦୂଷଣ ହେତୁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଉଁଶ ଇଟା ନିର୍ମାଣ କରୁଥିବା ସମସ୍ତ ଇଟାଭାଟି ମାଲିକ ଉପସ୍ଥିତ ଥିଲେ।

## ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି

ରଘୁନାଥପୁର, (ସବ୍ୟୁ) ରଘୁନାଥପୁର ବ୍ଲକର ଚାଷୀମାନଙ୍କ ମୁଖ୍ୟ ସମସ୍ୟା ହେଉଛି ହଂସୁଆ ବନ୍ୟା। ଏହି ହଂସୁଆଟି ଚାଷୀମାନଙ୍କୁ ପ୍ରତିବର୍ଷ ଦୁଃଖ ଦେଇ ଆସୁଅଛି। ଆଜକୁ ୩୦ବର୍ଷ ଧରି ଚାଷୀମାନେ ହଂସୁଆ ବନ୍ୟାରୁ ଚାଷୀମାନଙ୍କୁ ରକ୍ଷା କରିବାପାଇଁ ଦାବି କରି ଆସୁଛନ୍ତି। ସେଥିପାଇଁ ଏହି ହଂସୁଆର ଶଯ୍ୟା ଖନନ ନାମରେ କୋଟି କୋଟି ଟଙ୍କା ଠିକାଦାର ଓ ଯନ୍ତ୍ରୀମାନେ ଉଠାଇ ନେଇ ମାଲେମାଲ ହୋଇଛନ୍ତି। ହଂସୁଆର ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇଛି। ଚଳିତ ବର୍ଷ ହଂସୁଆରେ ବନ୍ୟାଜଳ ପ୍ରବାହିତ ହେବା ଦ୍ୱାରା ହଂସୁଆର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇ ମାସ ମାସ ରହୁଛି। ଫଳରେ ଏହି ଚାଷଜମିରେ ଚାଷୀମାନେ ବହୁ ଖର୍ଚ୍ଚାନ୍ତ ହୋଇ କରିଥିବା ଖରିଫ ଧାନଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ହଂସୁଆର ଉଭୟପାର୍ଶ୍ୱରେ ବନ୍ଧ ନଥିବାରୁ ବନ୍ୟାଜଳ ପ୍ରବାହିତ ହେବାମାତ୍ରେ ହଂସୁଆର ଉଭୟ ପାର୍ଶ୍ୱରେ ଜଳମଗ୍ନ ହୋଇ ଯାଉଅଛି। ଏଥିପାଇଁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ବାରମ୍ବାର ଆନ୍ଦୋଳନ କରାଯାଇ ସରକାରଙ୍କ ଦାବିପତ୍ର ପ୍ରଦାନ କରାଯାଇଅଛି। ହଂସୁଆର ବନ୍ୟାଜଳ ପ୍ରବାହିତ ହେବାଦ୍ୱାରା ବରାଗୋଳ, ଗୋଠିଣା, ବିରାଟକଟକ, କୁଆମଙ୍ଗା, ବାଛୁରିଆପଡା, ବସନ୍ତା, କୋଟକଣା, ଅଢେଇକୂଳ, ନୂଆପଲେଇ, ମନ୍ଦାରପୁର, ଶାଳିଜଙ୍ଗା, ତଅଁରା, ଚିକିଣିଆଁ, ଏରଣ୍ଡପାଳ, କଳାଧାରି, ଗୁଆଳିପୁର, ଗନାଇଲୋ, ନାଲିବର, ପୁରୁଣାବସନ୍ତ ଆଦି ଗ୍ରାମର ଶହ ଶହ ଚାଷୀଙ୍କର ଶହ ଶହ ଏକର ଚାଷଜମି ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ହଂସୁଆ ନଦୀରେ ବନ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ହଂସୁଆର ଉଭୟ ପାର୍ଶ୍ୱରେ ସୁଉଚ୍ଚ ବନ୍ଧ ନିର୍ମାଣ କାର୍ଯ୍ୟ ତୁରନ୍ତ କରିବାକୁ ଏଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## ପ୍ରମୁଖ ସଚିବଙ୍କ ୨ ଦିନିଆ ଯାଜପୁର ଗସ୍ତ

ଯାଜପୁରସଦର,(ସବ୍ୟୁ) : ରାଜ୍ୟ ସରକାରଙ୍କ ଇଲୋକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ ୨ ଦିନିଆ ଯାଜପୁର ଜିଲା ଗସ୍ତରେ ଆସି ଦାନଗଦି ସ୍ଥିତ ମଲ୍ଟି ସ୍କିଲ ଡେଭଲପମେଂଟ ସେଂଟର (ବହୁମୁଖୀ ଦକ୍ଷତା ବିକାଶ କେନ୍ଦ୍ର) ପରିଦର୍ଶନ କରିଥିଲେ । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଦାନଗଦି ପରିଦର୍ଶନ କରି ସ୍ୱାସ୍ଥ୍ୟ ବିଭାଗୀୟ ଅଦ୍‌କାରୀଙ୍କ ସହିତ ଆଲୋଚନା କରିଥିଲେ । ପରେ ତ୍ରିଜଙ୍ଗା ପଂଚାୟତ ଅନ୍ତର୍ଗତ ଆମ ଅଙ୍ଗନବାଡି କେନ୍ଦ୍ର , ବିସ୍ଥାପିତ ପୁନର୍ବାସ କଲୋନୀ ଯାଇ ବିସ୍ଥାପିତ ଲୋକମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସୁବିଦା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଫୁଲଝର ଆଶ୍ରମ ବିଦ୍ୟାଳୟ, ଦାନଗଦି ଗ୍ରସ୍ତ କରି ସେଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ସହିତ ଛାତ୍ର ଓ ଛାତ୍ରୀ ନିବାସ ବୁଲି ଦେଖିଥିଲେ । ଅପରାହ୍ନରେ ମଙ୍ଗଳପୁର ସ୍ଥିତ ପ୍ରୋଜେକ୍ଟ ପାଇଲଟ୍ ସେଂଟର ରେ ଥିବା ମୌଳିକ ଟସର ବିଦ୍ୟାଗାର ପରିଦର୍ଶନ କରିବା ସହିତ ଟସର ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ସୁକିନ୍ଦା ବ୍ଲକ ଅନ୍ତର୍ଗତ ଜାମୁପଶିଠାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ (ଆମଘର) ପରିଦର୍ଶନ କରି ଅ'ବାସୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ କୋରେଇରେ ଥିବା ଏସଟିପିଆଇ(ସାପ୍ଟ ଓୟାର ପାର୍କ) ପରିଦର୍ଶନ କରିବା ସହିତ ସମସ୍ତ ସ୍ଥିତି ଅନୁଧ୍ୟାନ କରିଥିଲେ । ପ୍ରମୁଖ ଶାସନ ସଚିବଙ୍କ ସହ ଜିଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓଯୋଜନାର ଅଗ୍ରଗତି ସମ୍ପର୍କରେ ଶାସନ ସଚିବଙ୍କୁ ଅବଗତ କରାଇଥିଲେ ।

## ଜପକୁଦରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ସାଲେପୁର ,(ସବ୍ୟୁ) : ସାଲେପୁର ବ୍ଲକ ଅନ୍ତର୍ଗତ ଜପକୁଦ ଠାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନଷ୍ଠିତ ହୋଇଯାଇଅଛି । ଜେ ପି ଏମ୍ ରୋଟାରୀ ଚକ୍ଷୁ ଚିକତ୍ସାଳୟର, ସି. ଡି ଏ, କଟକ ଆନୁକୂଲ୍ୟରେ ମା ହେଲଥ୍ କେୟାର, ଜପକୁଦ ଓ ବିପି ଲାବ୍ରୋଟରି (ରକ୍ତ ନମୁନା କେନ୍ଦ୍ର)ଓ ରୋଟ୍ରାକ୍ଟ କ୍ଲବ ଅଫ ବିରୂପା ସହଯୋଗରେ ଏହି ଚକ୍ଷୁ ଚିକିତ୍ସା ଶିବିର ଜଗନ୍ନାଥ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ବିକାଶ କୁମାର ମିଶ୍ରଙ୍କ ସଂଯୋଜନାରେ ଏହି ଶିବିରରେ ୮୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୮ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ କଟକ ରୋଟାରୀ ଚକ୍ଷୁ ଚିକତ୍ସାଳୟକୁ ପଠାଗଲା ।



ଚକ୍ଷୁ ଚିକତ୍ସାଳୟ ତରଫରୁ ଶଶିକାନ୍ତ ଦାସ,ପରେଶ କୁମାର ସାହୁ, ନନ୍ଦିନୀ ନାୟକ, ମନିଷା ଭୋଇ ପ୍ରମୁଖ ଚକ୍ଷୁ ପରୀକ୍ଷା କରିବା ସହ ମାଗଣା ଔଷଧ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାଟ୍ରାକ୍ଟ କ୍ଲବ ଅଫ ବିରୂପାର ଉପଦେଷ୍ଟା ବିଶ୍ୱରଂଜନ ସାହୁ ପରିଚାଳନା କରିଥିଲେ । ଶିବିରକୁ ବିଚିତ୍ର କୁମାର ପ୍ରହରାଜ, ସୁନନ୍ଦା ମିଶ୍ର,ପ୍ରଭାତ ବେହେରା,ନଳିନୀ କାନ୍ତ ପରିଜା,କ୍ଷୀରୋଦ ଚନ୍ଦ୍ର ଶତପଥୀ, ବସନ୍ତ କୁମାର ବେହେରା, ଭାନୁ ଶଙ୍କର ବେହେରା, ଅନନ୍ତ କୁମାର ରାଉତ, ହରପ୍ରସାଦ ଶତପଥି, ଧନଞ୍ଜୟ ପାତ୍ର, ସଂଗ୍ରାମ କିଶୋର ଦାଶ, ପୁଷ୍ପାଞ୍ଜଳୀ ଦାସ, ରୋଜାଲିନ ଦାସ, ସୁଭଦ୍ରା ମିଶ୍ର, ସୋନାଲି ବେହୁରା,ଏସ୍ କେ ଅବଦୁଲ୍ ଇନ୍ତିଆସ ଖାନ୍, ଅମରେନ୍ଦ୍ର ବାରିକ ଓ ଶର୍ମିଳି ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ୭୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର, ୩ ଅଟକ

ପାଣିକୋଇଲ,(ସବ୍ୟୁ) : ପାଣିକୋଲି ଚକରେ ଆଜି ଏଏକ ଗୋରୁ ଗାଡି ଜବତ ହୋଇଛି । ଏକ ୧୮ ଚକିଆ ଟ୍ରକ (ଏଚଆର ୪୫ ବି ୯୯୯୪) ୭୦ରୁ ଉର୍ଦ୍ଧ୍ୱ ଗୋରୁ ବୋଝେଇ କରି ୧୬ ନମ୍ବର ଜାତୀୟ ରାଜପଥରେ ଆସୁଥିଲା । ବଜରଂଗ ଦଳର କିଛି ଲୋକ ଏହା ଜାଣିପାରି ତାର ପିଛା କରିବାରୁ ଟ୍ରକଟି ପାଣିକୋଇଲି ଠାରେ ଓଭରବ୍ରିଜରେ ନଯାଇ ତଳକୁ ଖସି ସଠିପୁର ଓଭରବ୍ରିଜ ତଳେ ପଶି ପୁଣି ପାଣିକୋଇଲି ଆଡକୁ ଆସିଥିଲା । ସେ ଭାବିଥିଲା ପିଛା କରୁଥିବା ଲୋକମାନେ ଓଭରବ୍ରିଜ ଉପରେ ପଳାଇବେ କିନ୍ତୁ କେହି ଟେର ପାଇବେନି । କିନ୍ତୁ ସେମାନେ ଗାଡିର ପିଛା କରି ପାଣିକୋଇଲି ହାଇସ୍କୁଲ ନିକଟରେ ଗୋଲେଇ ଉପରେ ଅଟକାଇବାକୁ ସକ୍ଷମ ହୋଇଥିଲେ । ଫଳରେ ଏସକଟ କରି ଆସୁଥିବା ବୁଲେଟ ଆରୋହୀ ଫେରାର ହୋଇଯାଇଥିଲେ । ଏତେ ପରିମାଣ ଓ ଅଭିନବ ଉପାୟରେ ଅସହାୟ ଓ ଅସୁରକ୍ଷିତ ଭାବେ ଗୋଚାଲଣ ଦେଖି ଲୋକମାନେ ଉତ୍ୟକ୍ତ ହୋଇଯାଇଥିଲେ । ଚାଳକ , ଖଲାସୀ ଓ ଗାଡି ଉପରେ ଥିବା ସହଯୋଗୀ ବ୍ୟକ୍ତିଙ୍କୁ ଧରି ନିର୍ଦ୍ଧୁମ ଛେଚିଥିଲେ । ଖବର ପାଇ ପାଣିକୋଇଲି ପୁଲିସ ପହଂଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା । ଗାଡିଟିକୁ ପୁଲିସ ଗୋଶାଳକୁ ପଠାଇବାକୁ ଚେଷ୍ଟା କରିବାରୁ ଉତ୍ୟକ୍ତ ଲୋକମାନେ ନଛାଡି ଥାନା ନିକଟକୁ ନେଇଯାଇଥିଲେ । ସେଠାରେ ଗାଡି ଅଟକାଇ ଗୋରୁ ଗୁଡିକୁ ଛାଡି ଦେଇଥିଲେ । ଫଳରେ ଲୋକମାନେ ଗୋରୁ ଗୁଡିକୁ ନେଇଥିବା ବେଳେ କିଛି ଗୋରୁ ରାଜପଥରେ ଇତସ୍ତତଃ ଭାବେ ଦୌଡୁଥିଲେ । ୧୪ଟି ଗୋରୁ ନଯାଇପାରିବାରୁ ସେମାନଙ୍କୁ ଛତିଆ ଗୋଶାଳାରେ ଚଡାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ । ଏହି ଘଟଣା ଯୋଗୁ ଦୀର୍ଘ ସମୟ ଟ୍ରାଫିକ ସମସ୍ୟା ଉପୁଜିବା ସହ ଶହ ଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ । ପୁଲିସ ଚାଳକ, ଖଲାସୀ ଓ ଗାଡି ଉପରେ ଗୋରୁଙ୍କ ସହ ଥିବା କର୍ମଚାରୀଙ୍କୁ ଡାକ୍ତରୀ ପରୀକ୍ଷା କରି ଅଟକ ରଖିବା ସହ ଗାଡିଟିକୁ ଜବତ କରି ତଦନ୍ତ ଜାରି ରଖିଛି ।

## ନିଶ୍ଚିନ୍ତକୋଇଲି ବ୍ଲକ ଅନୁଦାନ ମାହାଙ୍ଗାରେ ଖର୍ଚ୍ଚ ?

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ପାଇଁ ପଞ୍ଚମ ଏସ୍‌ଏଫ୍‌ସି ଅନୁଦାନ ମାହାଙ୍ଗା ବ୍ଲକ ଅଞ୍ଚଳର ଏକ ଢଳେଇ ରାସ୍ତାରେ ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହୋଇଛି । ବ୍ଲକ ପକ୍ଷରୁ ୧ଲକ୍ଷ ୬୧ହଜାର ୨୯୦ଟଙ୍କା ଅନୁଦାନରେ ଏକ ଢଳେଇ ରାସ୍ତା କଟିକଟା ପଞ୍ଚାୟତ ରେ ନିର୍ମାଣ କରାଯିବା କଥା ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ନୀତି ନିୟମକୁ ଲଲ୍ଲଘନ କରାଯାଇ ଏହି ଅର୍ଥକୁ ଗୋପାଳପୁର ପଞ୍ଚାୟତ ବନ୍ତଲା ରାଜସ୍ୱ ଗ୍ରାମରେ ଖର୍ଚ୍ଚ କରାଯାଇଥିବା ନେଇ ୪ନଂ ୱାର୍ଡ଼ ସଭ୍ୟ ରଂଜନ କୁମାର ମିଶ୍ର ନିଶ୍ଚିନ୍ତକୋଇଲି ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ନିର୍ମାଣ ହୋଇଥିବା ଏହି ଢଳେଇ ରାସ୍ତାଟିରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ମଧ ପ୍ରକାଶ ପାଇଛି । ନିର୍ମାଣ ହୋଇଥିବା ଏହି ଢଳେଇ ରାସ୍ତାଟି କଟିକଟା ପଞ୍ଚାୟତର ନିହାରରଂଜନ ସେନାପତିଙ୍କ ଘର ଠାରୁ ସୁବାଷ ନାୟକଙ୍କ ଘର ପର୍ଯ୍ୟନ୍ତ କରାଯିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । ହେଲେ ରାସ୍ତାଟି ମାହାଙ୍ଗା ବ୍ଲକ ଗୋପାଳପୁର ଗ୍ରାମର ଖାତା ନଂ-୪୨୦୮, ପ୍ଲଟ ନଂ-୧୨୭୬ ଓ ୧୨୬୫ରେ ନିର୍ମାଣ ହୋଇଛି । ରାସ୍ତାଟି ଯେଉଁ ସ୍ଥାନରେ ନିର୍ମାଣ କରାଯାଇଛି ତାହା ଜଣକ ବ୍ୟକ୍ତିଗତ ଜାଗା ବୋଲି ଜଣାପଡ଼ିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦିଆଯାଇ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । କାର୍ଯ୍ୟାଦେଶ ଦିଆଯିବା ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବିଡ଼ିଓଙ୍କ ପକ୍ଷରୁ ଏହାର ଜମିଜମା ସଂକ୍ରାନ୍ତ ଫିଜିବିଲିଟ୍ ଅନୁଧାନ କରାଯିବା କଥା କିନ୍ତୁ ଏହି କାର୍ଯ୍ୟରେ ତାହା କରାନଯାଇ କିଭଳି ସରକାରୀ ଅର୍ଥ ବିନିଯୋଗ ପାଇଁ ନିର୍ଦ୍ଦେଶ ଦିଆଗଲା ତାହା ତଦନ୍ତ ସାପେକ୍ଷ । ଅପରପକ୍ଷରେ କାର୍ଯ୍ୟାଦେଶ ସମୟରେ ମଧ ସମ୍ପୃକ୍ତ ଯନ୍ତ୍ରୀ ଜଣକ ପ୍ରକଳ୍ପଟିର ଟିକିନିଖି କାଗଜ ତନଖି କରିବା କଥା ହେଲେ ଏହି କାର୍ଯ୍ୟରେ କଣ ପାଇଁ କିଛି କରାଯାଇନାହିଁ ସେ ନେଇ ପ୍ରଶ୍ନ ଉଠିଛି । ଏହି ପ୍ରକଳ୍ପରେ ବିନିଯୋଗ ହୋଇଥିବା ଅର୍ଥ ସମ୍ପୂର୍ଣ୍ଣ ସରକାରୀ ନୀତିନିୟମ ଉର୍ଦ୍ଧ୍ୱରେ କରାଯାଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ୱାର୍ଡ଼ ସଭ୍ୟ ଜଣକ ଦାବି କରିଛନ୍ତି । ଏ ସମ୍ପର୍କରେ ବିଡ଼ିଓ ଦ୍ୱିବ୍ୟେନ୍ଦୁ ଦାସଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ପ୍ରକଳ୍ପର ବିଲ୍ ବନ୍ଦ କରାଯାଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ।

## ଓଳାଶୁଣୀ ପୀଠରେ ଏକାଠି ହେଲେ ପୁରୁଖା ନେତା

ବାଲିଚନ୍ଦ୍ରପୁର,(ସବ୍ୟୁ) : ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତସ୍ଥିତ ଓଳାଶୁଣୀ ସନ୍ଥ ଅରକ୍ଷିତ ଦାସ ପୀଠ ଠାରେ ପୂର୍ବତନ ବିଜେଡ଼ି ପୁରୁଖା ନେତାମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ରାଜନୈତିକ ସଭା ନୁହେଁ, ଏହା ଏକ ବନ୍ଧୁ ମିଳନ ବୈଠକ ବୋଲି ଉପସ୍ଥିତ କର୍ମକର୍ତ୍ତା ମାନେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରସନ୍ନ ପାଟସାହାଣୀ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ସ୍ଥାନୀୟ ନିର୍ବାଚନ ମଣ୍ଡଳୀର କିଛି ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ। ଉପସ୍ଥିତ ବ୍ୟକ୍ତିବିଶେଷ ମାନେ ବର୍ତ୍ତମାନ ରାଜନୈତିକ ସ୍ଥିତି ଉପରେ ନିଜ ନିଜର ବ୍ୟକ୍ତିଗତ ଅଭିଭାଷଣ ରଖିଥିଲେ। ତେବେ ଆଗାମୀ ଦିନରେ ଗୋଟିଏ ନୂଆ ସମୀକରଣ ରାଜନୈତିକ ଗୋଟିଏ ନୂଆ ସମୀକରଣ ସୃଷ୍ଟି ହେବାର ସେମାନେ ଅଭାଷ ଦେଇଥିବାର ସୂଚନା ମିଳିଥିବା ଜଣାପଡୁଛି। ଏହି କାର୍ଯ୍ୟକ୍ରମରେ ବନ୍ଧୁ ମିଳନ ଆଳରେ ଏକ ରାଜନୈତିକ ସମୀକରଣ ସୃଷ୍ଟି ହେବାର



ସୂଚନା ମିଳୁଛି। ଦଳଗତ ନିର୍ବିଶେଷରେ ଏକ ସଚ୍ଛହ ସଂଗଠନର ଆହ୍ୱାନ ଏ ବନ୍ଧୁ ମିଳନରେ ଆଭାଷ ମିଳୁଥିବାର ସୂଚନା ମିଳୁଛି। ତେବେ ରାଜନୈତିକ ସମୀକରଣରେ ଏହି ବନ୍ଧୁ ମିଳନର ବିଶେଷ ଭାବରେ ଗୁରୁତ୍ୱ ବହନ କରୁଥିବା ପରିଲିଖିତ ହେଉଛି। ଏପରି ବନ୍ଧୁ ମିଳନ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଉତ୍କଣ୍ଠା ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ ସରକାରକୁ ନେଇ ସର୍ବସାଧାରଣ କିପରି ତୃଣମୂଳ ସ୍ତରରୁ ସହଯୋଗ ପାଇପାରିବେ ସେ ନେଇ ସରକାରଙ୍କ ପାଖରେ ଦାବୀ ଉପସ୍ଥାପନା କରିଛନ୍ତି।

## ଖୋଲିବ ୩ ତାରକା ହୋଟେଲ
## ୭୦୪ ନିଯୁକ୍ତି ସୃଷ୍ଟି

ପାରାଦୀପ ,( ଜି. ପ୍ର ) :)ଜଗତସିଂହପୁର ଜିଲ୍ଲାରେ ଖୋଲିବ ତିନୋଟି ତରକା ହୋଟେଲ । ପର୍ଯ୍ୟଟନର ବିକାଶ ସହ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ । ଆଜି ରାଜ୍ୟ ସରକାର ୨୦୩୬ ସମୃଦ୍ଧ ଓଡ଼ିଶା ଭିଜନକୁ ନେଇ ରାଜ୍ୟ ସ୍ତରୀୟ ସିଙ୍ଗିଲ ୱିଣ୍ଡୋ କ୍ଲିଅରାନ୍ସ ଅଥରେଟି ତାର ୧୩୯ତମ ବୈଠକ ମାଧମରେ ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ମୋଟ ୩୩୬ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହି ତିନୋଟି ତରକା ହୋଟେଲ ମାଧମରେ ୭୦୪ଟି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ । ପଦ୍ମା ହସ୍ପିଟାଲଟି ପ୍ରାଇଭେଟ ଲିମିଟେଡ ଜଗତସିଂହପୁରରେ ଏକ ତିନି ତରକା ହୋଟେଲ ୫୯.୯୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବାକୁ ଯାଉଥିବା ବେଳେ ଏଥିରେ ୧୮୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏସଏନଏମ ହୋଟେଲ ଆଣ୍ଡ ରିସୋର୍ସ ପ୍ରାଇଭେଟ ଲିମିଟେଡ ଜଗତସିଂହପୁରରେ ୯୨.୯୩ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବାକୁ ଥିବାବେଳେ ଏଥିରେ ୧୭୩ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ଓଡିଶା ଷ୍ଟିଭଡୋର ଲିମିଟେଡ ବନ୍ଦର ନଗରୀ ପାରାଦୀପରେ ଏକ ପାଞ୍ଚ ତରକା ହୋଟେଲ ପାଇଁ ୨୧୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବାକୁ ଥିବାବେଳେ ଏଥିରେ ୩୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଜିଲ୍ଲାରେ ତିନି ।, ଚାରି ଓ ପାଞ୍ଚ ତରକା ହୋଟେଲ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବାବେଳେ ମୋଟ ୭୦୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ଏଠାକାର ବେକାରୀ ସମସ୍ୟା ଦୁରୀକରଣ ଓ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଏକ ନୂଆ ଉଦ୍ଦୀପନା ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଆଜି ସରକାରଙ୍କ ଏହି ଘୋଷଣା ପରେ ଜିଲ୍ଲାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କାର୍ଯ୍ୟଧାରାକୁ ଅନେକ ପ୍ରସଂଶା କରିଛନ୍ତି ।

# ରସିକିଆ ପୋଲିସ ଏସଆଇ ବିଶାଖାପାଟଣାରୁ ଗିରଫ

ଜଗତସିଂହପୁର,(ସବ୍ୟୁ) : ସଦର ଥାନା ଅଞ୍ଚଳ ଖଇରଙ୍ଗର ଜଣେ ନାବାଳିକାଙ୍କୁ ବାଲ୍ୟ ବିବାହ କରି ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଇଥିବା ରସିକିଆ ପୋଲିସ ଏସଆଇ ଅମିତ ପାଢୀ ଗିରଫ ହୋଇଛନ୍ତି ।ଜିଲ୍ଲା ପୋଲିସ ମୁଖ୍ୟାଳୟର ୬ ଜଣିଆ ସ୍ପେଶାଲ ସ୍କ୍ୱାର୍ଡ ୫ ଦିନ ବିଶାଖାପାଟଣା ଠାରେ ଅମିତଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି ।ଅମିତ ୪ ମାସ ହେଲା ହେବ ପୋଲିସିକୁ ଚକମା ଦେଇ ଫେରାରା ହୋଇଯାଇଥିବା ବେଳେ ବାରମ୍ବାର ସ୍ଥାନ ବଦଳାଉଥିଲେ ।ଏପରିକି ଅମିତ ନିଜର କେଶ ଓ ଦାଢି ବଢାଇ ଯେପରି କେହି ଚିହ୍ନି ନପାରିବେ ସେଥିପାଇଁ ବହୁ ସନ୍ତର୍ପଣ ସହକାରେ ବିଶାଖାପାଟଣାର ୩ଟି ମାର୍କେଟ ଅଞ୍ଚଳରେ ଘୁରି ବୁଲୁଥିଲେ ।ଗତକାଲି ଅମିତଙ୍କୁ ପୋଲିସ ଗିରଫ କରିବା ପରେ ଆଜି ସକାଳୁ ଜଗତସିଂହପୁରରେ ପହଞ୍ଚିଥିଲା ।ଅମିତଙ୍କୁ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ଏସପି ଭବାନୀ ଶଙ୍କର ଉଦଗାତା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ।ଅମିତଙ୍କ ନାମରେ କେଶ ନମ୍ବର ୨୯୦/୨୫ରେ ବିଏନଏସ ୬୪(୨),୬୫(୧), ୮୩,୮୭,୧୧୫(୨),୧୧୮(୧),୨୯୬,୩୫୧(୩),୩(୫),ପୋକସୋ ୬,ପୋକସୋ ୧୭,ବାଲ୍ୟ ବିବାହ ଆଇନ ୯ ଓ ୧୦ ଅଥବା ଅପହରଣ,ଦୁଷ୍କର୍ମ,ଯୌନ ନିର୍ଯ୍ୟାତନା ଓ ବାଲ୍ୟ ବିବାହ ଭଳି ସଙ୍ଗୀନ ଦଫା ଲାଗିଥିବା ଜଣାଯାଇଛି ।

ବାଲେଶ୍ୱର ବାଲିଆପାଳ ଥାନା ରତେଇ ଗ୍ରାମର ଅମିତ ପାଢୀ ଜଗତସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଫେସ ବୁକରୁ ପ୍ରେମ କରିଥିଲେ ।ପିଡିତା ଜଣକ ମାଟ୍ରିକ ପରୀକ୍ଷା ଦେବା ସମୟରେ ଅର୍ଥାତ ୨୦୨୩ ଜୁନ ୨୮ ତାରିଖରେ ଫେସ ବୁକରୁ ସେମାନଙ୍କ ମଧ୍ୟରେ ସଂପର୍କ ଆରମ୍ଭ ହୋଇଥିଲା ।୨୦୨୩ ଜୁଲାଇ ୩୦ରେ ଅମିତ ପିଡିତାଙ୍କୁ ଭୁବନେଶ୍ୱର ଡାକି ପ୍ରଥମ କରି ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ ହୋଇଥିଲା ।ସମୟକ୍ରମେ ଅମିତ ପୁରୀରେ କାର୍ଯ୍ୟରତ ଥିବା ବେଳେ ଏହି ସଂପର୍କ ଦିନକୁ ଦିନ ବଢିବା ସହିତ ପିଡିତାଙ୍କ ପରିବାର ଅଗୋଚରରେ ଅମିତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପିଡିତାଙ୍କୁ ନେଇ ବୁଲିବାକୁ ଯାଇଥାନ୍ତି ।ପିଡିତାଙ୍କୁ ବିବାହର ପ୍ରତିଶୃତି ଦେଇ ଅମିତ ବାରମ୍ବାର ଶାରିରୀକ ସଂପର୍କ ରଖୁଥିଲେ ।୨୦୨୪ ଜୁଲାଇ ୧୨ ତାରିଖରେ ଅମିତ ଏକ ମନ୍ଦିରରେ ପିଡିତାଙ୍କୁ ବିବାହ କରିଥିଲେ ।ପରେ ଅମିତଙ୍କ ପରିବାର ଲୋକେ ଜାଣିବା ପରେ ଏକ ହୋଟେଲରେ ପୁଣି ଥରେ ବିବାହ ବେଶ ଧୁମଧାମରେ ହେବା ସହିତ ପିଡିତାଙ୍କୁ ଅମିତଙ୍କ ପରିବାର ଲୋକେ ଘରକୁ ନେଇଥିଲେ ।ମାତ୍ର ବିବାହର କିଛି ମାସ ପରେ ପିଡିତାଙ୍କୁ ଅମିତ ଓ ତାଙ୍କ ପରିବାର ଲୋକେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ ।ଏପରିକି ପିଡିତାଙ୍କୁ ନାବାଳିକା ଦର୍ଶାଇ ଅମିତଙ୍କ ପରିବାର ଲୋକେ ଜଗତସିଂହପୁର ଘରେ ଛାଡି ଦେଇ ପଳାଇଯାଇଥିଲେ ।ଏହାକୁ ନେଇ ପିଡିତା ଜଣକ ଅମିତ ଓ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିବାରୁ କେହି ଫୋନ ଉଠାଇ ନଥିଲେ ।ଫଳରେ ପିଡିତାଙ୍କ ପରିବାର ପକ୍ଷରୁ ତାଙ୍କ ମାଆ ଜଗତସିଂହପୁର ଥାନାରେ ଅମିତ ଓ ତାଙ୍କ ପରିବାର ବିରୋଧରେ ଏତଲା ଦିଆଯାଇଥିଲା ।ଦିର୍ଘ ୪ ମାସ ପର୍ଯ୍ୟନ୍ତ ପୋଲିସ ଉକ୍ତ ଘଟଣାରେ କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲା ବୋଲି ପିଡିତାଙ୍କ ମାଆ ଅଭିଯୋଗ କରିଥିଲେ । ପୋଲିସ ଉକ୍ତ ଘଟଣାରେ କୌଣସୀ ପଦକ୍ଷେପ ଗ୍ରହଣ ନକରିବାରୁ ପିଡିତା ଓ ତାଙ୍କ ମାଆ ଗଣମାଧ୍ୟମର ସାହାର୍ଯ୍ୟ ଲୋଡିଥିଲେ ।ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଏସପି ଭବାନୀ ଶଙ୍କର ଉଦଗାତାଙ୍କ ନିର୍ଦ୍ଦେଶରେ ଏସଆଇ ଜ୍ୟୋତି ଦାଶଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ ଗଠନ କରାଯାଇ ରାଜ୍ୟ ଓ ରାଜ୍ୟ ବାହାରେ ଅମିତଙ୍କୁ ଠାବ କରାଯାଇଥିଲା ।ମାତ୍ର ଅମିତ ବାରମ୍ବାର ସ୍ଥାନ ବଦଳାଉ ଥିବାରୁ ପୋଲିସ ତାଙ୍କୁ ଧରିବାକୁ ନାକେଦମ ହୋଇଥିଲା ।ଶେଷରେ ପୋଲିସ ଅମିତଙ୍କୁ ବିଶାଖାପାଟଣାର ଏକ ମାର୍କେଟ ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଥିଲା ।ଆଜି ଅମିତଙ୍କୁ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରାଯାଇଛି ।

## ପିଏମ୍ ଆବାସ ଯୋଜନାରେ ମିଳୁନି ଘର: କୁଡ଼ିଆରେ ବିତୁଛି ଜୀବନ



କଣାସ, (ସବ୍ୟୁ): ରାଜ୍ୟ ତଥା କେନ୍ଦ୍ର ସରକାର ଅନେକ ଗରିବ ଜନ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଥିବା ବେଳେ ମୁଣ୍ଡ ଉପରେ ଛାତ ନଥିବା ସାଧାରଣ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେଉଛନ୍ତି । ହେଲେ ପୁରୀ ଜିଲ୍ଲା କଣାସ ବ୍ଲକ ବିନ୍ଧଣ ପଞ୍ଚାୟତ ଦାମୋଦରପୁର ଗ୍ରାମର ମଞ୍ଜୁଲତା ଜେନାଙ୍କ ଭଙ୍ଗା କୁଡ଼ିଆରେ ଜୀବନ ବିତୁଛି । ଖବର ନେବାରେ ଜଣାପଡିଛି ଗତ ଫନି ବାତ୍ୟାରେ ପୁରୀ ଜିଲ୍ଲାରେ ଅନେକ କ୍ଷୟକ୍ଷତି ଘଟିଥିବା ବେଳେ ଅନେକ ଲୋକେ ସହାୟତାରୁ ବଞ୍ଚିତ ହୋଇଥିଲେ । ସେବେଠାରୁ ମଞ୍ଜୁଲତା ସପରିବାରଙ୍କୁ ନେଇ ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି । ଆବାସ ଗୃହ ପାଇଁ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ କେହି ଶୁଣୁ ନଥିବା ମଞ୍ଜୁଲତା କହିଛନ୍ତି । ସ୍ୱାମୀ ଦାଦନ ଖଟି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ ହେଲେ ପକ୍କାଘର ନଥିବାରୁ ପିଲାଙ୍କୁ ନେଇ ଭଙ୍ଗା କୁଡ଼ିଆରେ ମଞ୍ଜୁଲତା ରହୁଥିଲେ । ଏବେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଘରର ମାଟି କାନ୍ଥଟି ସମ୍ପୂର୍ଣ୍ଣ ଭୁଶୁଡ଼ି ଯିବାରୁ ଖୋଲା ଘରେ ଜୀବନ କାଟୁଛନ୍ତି ମଞ୍ଜୁଲତା । ବ୍ଲକ ଉନ୍ନୟନ ଅଧିକାରୀ ଓ ପୁରୀ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି ମଞ୍ଜୁଲତା ।

# ଦାରିଦ୍ର୍ୟ ଓ ନିରକ୍ଷରତା ଦୂରୀକରଣ ଥିଲା ରାଜୀବ ଗାନ୍ଧୀଙ୍କ ସ୍ୱପ୍ନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ, ରାଜୀବ ଗାନ୍ଧୀ ଷ୍ଟଡ଼ି ସର୍କଲ ଓ ଯାଦି ମିଳିତ ସହଯୋଗରେ ରାଜୀବ ଗାନ୍ଧୀଙ୍କର ୮୧ ତମ ଜନ୍ମ ଜୟନ୍ତୀ ଓ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ଉତ୍ସବ-୨୦୨୫ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରେ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଥିଲା । ମୁଖ୍ୟଅତିଥି ଭାବରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ରାଜୀବ ଗାନ୍ଧୀ ସେବା ସମ୍ମାନ ଉତ୍ସବ ଉଦ୍ଘାଟନ କରିଥିଲେ । ଯୁବକମାନେ ସମ୍ଭାବନାର ଶକ୍ତି, ରାଜୀବ ଗାନ୍ଧୀ ଭାରତକୁ ଶୋଷଣ ଦୁର୍ନୀତି ଓ ବୈଷମ୍ୟ ମୁକ୍ତ ସମାଜ ଗଠନ କରିବାକୁ ସଂକଳ୍ପ ବଦ୍ଧ ହୋଇଥିଲେ । ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତବର୍ଷକୁ ସର୍ବଶ୍ରେଷ୍ଠ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜୀବ ଗାନ୍ଧୀଙ୍କ ଉଦ୍ୟମ ଚିର ପ୍ରଶଂସନୀୟ ଥିଲା, ଭୋଟ ହେଉଛି ଗଣତନ୍ତ୍ର ପ୍ରକ୍ରିୟାର ବଡ଼ ଅସ୍ତ୍ର । ଆଜିର ଯୁବକମାନେ ମଦ, ମାଂସ ଓ ପ୍ରଲୋଭନ ଦ୍ୱାରା ନିଜର ଅମୋଘ ଅସ୍ତ୍ରକୁ ନଷ୍ଟ ନ କରିବା ପାଇଁ ଶ୍ରୀ ଦାସ ନିଜ ଭାଷଣରେ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ରାଜୀବ ଗାନ୍ଧୀ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଭାରତ ବର୍ଷ ବିଜ୍ଞାନ ଓ ବୈଷୟିକ ଉନ୍ନତି ପାଇଁ ଯେଉଁ କାର୍ଯ୍ୟ କରିଥିଲେ ତାହା ଆଜି ଭାରତ ବର୍ଷର ଜନସାଧାରଣ ଯୁବକ ଆଜି ଉପଭୋଗ କରୁଛନ୍ତି । ଭାରତ ବର୍ଷର ମେଧାବୀ ଛାତ୍ରମାନେ ନିଜ ଦେଶ ପାଇଁ କାର୍ଯ୍ୟ ନ କରି ଅର୍ଥ ଲୋଭରେ ନିଜ ମାତୃଭୂମି ଛାଡି ବିଦେଶରେ ବସବାସ କରୁଛନ୍ତି । ସେମାନଙ୍କ ପ୍ରତିଭାକୁ ଦେଶ ସେବା କରିବା ପାଇଁ ଭୁଲିଯାଉଛନ୍ତି । ସମ୍ମାନନୀୟ ଅତିଥି ଭାବରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭାରତୀୟ ବାୟୁସେନାର ପ୍ରାକ୍ତନ ଏୟାର ଭାଇସ୍ ମାର୍ଶାଲ ମହାରାଜା ମହନ୍ତ, କଳିଙ୍ଗ ହୋମିଓପାଥି ପୂର୍ବତନ ମୁଖ୍ୟ ସମ୍ପାଦକ ଡଃ. ପବିତ୍ର ମୋହନ ସାମନ୍ତରାୟ, ବିଧାୟକ ମଙ୍ଗୁ ଖିଲ, ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ଓଡ଼ିଶା ପ୍ରଭାରୀ କରନ୍ ତାପ୍ରେଡ୍ଡାର ଯୋଗଦେଇ ରାଜୀବ ଗାନ୍ଧୀଙ୍କ ବହୁମୁଖି ପ୍ରତିଭା ବିଷୟରେ ନିଜର ଅନୁଭୂତିକୁ ବର୍ଣ୍ଣନା କରିଥିଲେ । ରାଜ୍ୟସଭାପତି ସତ୍ୟବ୍ରତ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ । ରାଜୀବ ଗାନ୍ଧୀ ଛାତ୍ର ଫୋରମର ଭଉଡ଼ ଓଡ଼ିଶା ସଂଯୋଜକ ଦେବେନ୍ଦ୍ର ଆଚାର୍ଯ୍ୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ଅଧ୍ୟାପକ ଓ ଶିକ୍ଷକ ଏନ୍.ସି.ସି.(ଏ.ଏନ୍.ଓ), ଏନ୍.ଏସ୍.ଏସ୍ ପ୍ରୋଗ୍ରାମ ଅଫିସର, ଯୁବ ରେଡ଼କ୍ରସ କାଉନ୍ସିଲର, ସ୍କାଉଟ୍ ଗାଇଡ୍ ରେଞ୍ଜର, ରୋଭର ଶିକ୍ଷକ, ସମାଜସେବୀ ଓ ରାଜ୍ୟର ୬୦ ଜଣଙ୍କୁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନରେ ମୁଖ୍ୟଅତିଥି ଓ ଅତିଥିମାନେ ସମ୍ମାନୀତ କରିଥିଲେ। ସଂଗଠନର ସଂଯୋଜକ ପ୍ରିୟବ୍ରତ ନାୟକ, ଅନିଲ କ୍ଷୁଦ୍ରାଳ ସିଂ, ଦେବେନ୍ଦ୍ର ଦାସ, ବିନୋଦ ରାଉତ, ଶିବ ପ୍ରସାଦ ଦାସ ଓ ସତ୍ୟବ୍ରତ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଂଗଠନର ସଂପାଦକ ସାଗର ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏକାଠି ହେଲେ କଳାକାର : ସରକାରଙ୍କୁ ଦିଆଯିବ ଦାବିପତ୍ର

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି କଳାକାର ମହାସଙ୍ଘ ଆହ୍ୱାନ କ୍ରମେ ବୁଧବାର ଦିନ ଏକାଠି ହୋଇଛନ୍ତି କଳାକାର । ସଭାପତି ବନମାଳୀ ରଣା ଓ ସଂଯୋଜକ କିଶୋର ଚନ୍ଦ୍ର ଦଳବେହେରାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ନବକିଶୋର ପ୍ରଧାନ, ପ୍ରଶାନ୍ତ ସାହୁ, ରାଜ କିଶୋର ପ୍ରଧାନ, ଭୀମ ସେନ ସାହୁ, ବିଜୟ କେତନ ଶତପଥୀ, ସମ୍ପାଦ, ବୃନ୍ଦାବନ ପ୍ରଧାନ କୋଷାଧକ୍ଷ, ଶ୍ରୀଧର ମିଶ୍ର, ବିଦ୍ଯାଧର ସାହୁ ସହ ସମ୍ପାଦ,ବସନ୍ତ ରଣା ପୂର୍ଣ୍ଣ ଚନ୍ଦ୍ରବେହେରା ଆଦି ବରିଷ୍ଠ କଳାକାରଙ୍କ ସହ ବହୁ କଳାକାର ସ୍ଥାନୀୟ ଦଶପଲ୍ଲା ଶିକ୍ଷକ ଭବନ ଠାରେ ଏକତ୍ରିତ ହୋଇ କଳାକାରମାନଙ୍କ ଜୀବନ ଜୀବିକା ବିଷୟରେ ଆଲୋଚନା କରିଥିଲେ । ଏହା ସହ କଳାକାର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କ ରେ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନା କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହାସହ ବୃକ୍ଷ ରୋପଣ, ଗୋପାଳନ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇ ଥିଲା।

## ରାଜ୍ୟସ୍ତରୀୟ ଗ୍ରାମୀଣ ଡାକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ଅଧିବେଶନ

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ଅଧୀନସ୍ଥ ମଠବଜାରରେ ଥିବା ରେଖାମଣ୍ଡପଠାରେ ରାଜ୍ୟସ୍ତରୀୟ ଭାରତୀୟ ଗ୍ରାମୀଣ ଡାକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ରାଜ୍ୟ ସଂଘର ବିଶିଷ୍ଟ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏଥିରେ ଅଷ୍ଟମ ବେତନ କମିଶନ,ଜି.ଡି.ଏସ କମିଟି ତଥା ସଂଘର ସଦସ୍ୟତା ସତ୍ୟାପନ ବାବଦରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ସର୍ବେଶ୍ୱର ମିଶ୍ର(ଏସଏସପିଓଏସ),ସମ୍ମାନିତ ଅତିଥି ଭାବରେ ସଚ୍ଚିଦାନନ୍ଦ ପଣ୍ଡା(ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ,କୃଷି ବିଭାଗ, କିଶୋର କୁମାର କର(ପୂର୍ବତନ ଜେନେରାଲ ସେକ୍ରେଟାରୀ,ଆର.ଏମ.ଏସ),ସଂଘର ଉପଦେଷ୍ଟା ରାଜକିଶୋର ମହାପାତ୍ର ସଭାରେ ସଭାପତିତ୍ୱ କରିଥିବାବେଳେ ଗ୍ରାମୀଣ ଡାକ କର୍ମଚାରୀ ସଂଘ ସମ୍ପାଦକ ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୂପେନ କୁମାର ମୁଦୁଲି,ବିଶନାଥ ସାହୁ,ଭୀମସେନ ବିହାରୀ,ସମ୍ଭବ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ହୋଇ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ ।

# ନାବାଳିକା ଅପହରଣ: ଯୁବତୀ ଉଦ୍ଧାର

ବାଲିପାଟଣା ,(ସବ୍ୟୁ): ବନମାଳୀପୁର ଫାଣ୍ଡି ଅଞ୍ଚଳରୁ ଦୀର୍ଘ ୧୬ ବର୍ଷ ପୂର୍ବରୁ ଜଣେ ନା ବାଳିକା ଅପହଣ ହୋଇଥିବା ବେଳେ ମଙ୍ଗଳବାର ଦିନ ପୋଲି ଜଣେ ।୩୦ବର୍ଷ ବୟସରେ ଯୁବତୀଙ୍କୁ ପୁଲିସ ଉଦ୍ଧାର କରି ପରିବାର ଲୋକଙ୍କ ଜିମାରେ ଦେଇଛି । ପୁଲିସ ସୂଚନା ଅନୁସାରେ ୨୦୧୧ ଅଗଷ୍ଟ ୨୬ ରେ ନାରଣ ମଲ୍ଲିକଙ୍କ ନାବାଳିକା ଝିଅ ( ୧୪ )ଙ୍କୁ ସମ୍ପର୍କୀୟ ଭାଇ ଓ ଅନ୍ୟ ୪ ଜଣଙ୍କ ସହ ମିଶି ବନମାଳୀପୁର ବଜାରକୁ ପରିବା ଆଣିବାକୁ ଯାଇଥିବା ବେଳେ ଯୋଜନା ବଦ୍ଧ ଭାବେ ଅପହରଣ କରିନେଇଥିଲେ । ପୁଲିସ ସେହି ବର୍ଷ ତଦନ୍ତ କରି ପିପିଲି ସାରଳାର ପୁର୍ଣ ଚନ୍ଦ୍ର ମଲ୍ଲିକ ( ୫୫ )ଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲା କିଛି ଦିନ ପରେ ରକ୍ତ ସମ୍ପର୍କୀୟ ଭାଇଙ୍କ କବଳରୁ ଖସି ଝିଅ ନିମାପଡା ଅଞ୍ଚଳରେ ଭଉଣୀ ଘରେ କିଛି ଦିନ ଆଶ୍ରୟ ନେଇ ଥିଲେ। ପରେ ଚେନାଇ ଚାକିରୀ କରିବାକୁ ଚାଲି ଯାଇଥିଲେ । ସେଠାରେ କେନ୍ଦୁଝଇ ଅଞ୍ଚଳର ସତ୍ୟା ନନ୍ଦ ପଣ୍ଡାଙ୍କ ସହ ପରିଚୟ ହୋଇଥିଲା । ପରେ ପ୍ରେମ ବିବାହ ହୋଇଥିଲା । ୨୦୨୦ ମସିହାରେ ନିଜ ନାମ ପରିବର୍ତନ କରି ପୁର୍ଣମା ମିଶ୍ର କରିଥିଲେ ।ପୁଲିସ ପାଇଁ ଅଡୁଆ ବଢ଼ି ଯାଇଥିଲା । ଏହାରି ଭିତରେ ୧୬ ବର୍ଷ ଅତିକ୍ରମ କରି ସାରିଥିଲା ।ଫାଣ୍ଡି ଦାୟିତ୍ୱ ନେବା ପରେ ଶ୍ରୀ ସାମଲ ପୁରୁଣା ଫାଇଲ ଖୋଲି ଥିଲେ ।ବିଶେଷ ସୂତ୍ରରୁ ଫୋନ ନମ୍ବର ଏବଂ କର୍ମକ୍ଷେତ୍ର ବାବଦରେ ସୂଚନା ପାଇ ଯାଇଥିଲା ପୋଲିସ ଚାକିରୀ ପ୍ରଲୋଭନ ଦେଖାଇ ଅଠାନ୍ତର ବଜାରକୁ ଆସିବା ପରାମର୍ଶ ଦେଇଥିଲା। ସେ ପୁଲିସର ମାୟା ଜାଲକୁ ବୁଝି ପାରି ନ ଥିଲେ । ମଙ୍ଗଳବାର ଦିନ ଳବାର ଦିନ ଅଠାନ୍ତର ବଜାରରୁ ସମ୍ପୃକ୍ତ ମହିଳାଙ୍କୁ ଫାଣ୍ଡି ଅଧିକାରୀ ଉଦ୍ଧାର କରିଥିଲେ । ଅଧିକ ତଦନ୍ତ ପରେ ସ୍କୁଲ ପ୍ରମାଣ ପତ୍ର ଏବଂ ଆଧାର କାର୍ଡ ଜବତ କରିଛି ୨ ଟି ରେ ଭିନ୍ନ ନାମ ଥିବା ପୁଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି ପରିବାର ଲୋକେ ଦୀର୍ଘ ଦିନ ପରେ ଝିଅକୁ ପାଇ ଉତ୍ସାହିତ ହୋଇ ପଡିଛନ୍ତି ।ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଏଯାଏଁ ପୁଲିସ ପାଇଲା ନାହିଁ ।ଏହା ଭିତରେ ୭ ଜଣ ଅଧିକାରୀ ବଦଳି ହୋଇଯାଇଛନ୍ତି। ଏବେ ଅପହୃତାଙ୍କୁ ଉଦ୍ଧାର କରି ସୁରକ୍ଷିତରେ ପରିବା ଜିମା ଦେଇଛନ୍ତି ପୋଲିସତେବେ ଫାଣ୍ଡି ବାବୁଙ୍କ ବିଚିକ୍ଷଣ ବୁଦ୍ଧିକୁ ବୁଦ୍ଧି ଜୀବି ମହଲରେ ପ୍ରଶଂସା କରାଯାଇଛି ।

## ବେସରକାରୀ କଲେଜ କର୍ମଚାରୀଙ୍କ ଆନ୍ଦୋଳନ

ନିରାକାରପୁର, (ସବ୍ୟୁ): ରାଜ୍ୟ ବେସରକାରୀ କଲେଜ ଅଧ୍ୟାପକ ,କର୍ମଚାରୀଙ୍କ ଅନୁଦାନ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିବାବେଳେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡି ଏ ଭି ମହାବିଦ୍ୟାଳୟର ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ଥିବା ଅଧ୍ୟାପକ, କର୍ମଚାରୀ ମାନେ ଅନୁଦାନ ଦାବି କରି କଲେଜ ମଧ୍ୟରେ ଅଧିକାର ଯାତ୍ରା - ୫ ରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବା ଜଣାପଡିଛି ।

## ଗଣେଶ ପୂଜା ବୈଠକ

ବାରଙ୍ଗ , (ସବ୍ୟୁ): ବାରଙ୍ଗଥାନା ପକ୍ଷରୁ ଗଣେଶପୂଜା ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ରାତିରେ ତ୍ରିଶୂଳିଆ ବଜାର ନିକଟସ୍ଥ ଏକ ଘରୋଇ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଓବାରଙ୍ଗ ଶାନ୍ତିକମିଟିର ମିଳିତ ଉଦ୍ୟମରେ ଆୟୋଜିତ ଏହି ବୈଠକରେ ବାରଙ୍ଗ ଅଞ୍ଚଳର ସମସ୍ତ ପୂଜା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଆସନ୍ତା ୨୭ ତାରିଖରେ ଗଣେଶପୂଜା ଆରମ୍ଭ ହେବାକୁ ଯାଉଛି। ଏହି ପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ସମ୍ପର୍ନ୍ନ କରିବା ନେଇ କମିଶନରେଟ ପୋଲିସ ପକ୍ଷରୁ ଜାରି କରାଯାଇ ଥିବା ବିଭିନ୍ନ ମାର୍ଗଦର୍ଶିକା ଉପରେ ପୋଲିସ ପକ୍ଷରୁ କୁହାଯାଇଥିଲା।ଏହାକୁ ଠିକଭାବେ ପାଳନ କରିବା ଦିଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।ଗଣେଷ ପୂଜାର ଭସାଣିକୁ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ପୂଜା ପରଠାରୁ ପଡୁଥିବା ଅଗଷ୍ଟ ୩୧, ସେପ୍ଟେମ୍ବର ୭ ଏବଂ ସେପ୍ଟେମ୍ବର ୧୪ ତାରିଖକୁ ନେଇ ୩ଟି ରବିବାର ମଧ୍ୟରେ ବାରଙ୍ଗ ଅଞ୍ଚଳରେ ହୋଇଥିବା ସମସ୍ତ ମେଢ଼ଗୁଡ଼ିକ ବିସର୍ଜନ କରିବା ପାଇ ସ୍ଥିର କରାଯାଇଥିଲା। ଭସାଣିକୁ ସମ୍ପୂର୍ଣ ଭାବେ ନିଶାମୁକ୍ତ କରିବା,ଗଣେଶ ମୂର୍ତିଗୁଡ଼ିକ କଦର୍ଯ୍ୟ ନକରିବା ପାଇଁ ସ୍ଥିର କରାଗଲା। ବାରଙ୍ଗ ଶାନ୍ତି କମିଟିର ସମ୍ପାଦକ ସୁରେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାରଙ୍ଗ ଶାନ୍ତି କମିଟିର ସଭାପତି ବିଜୟ ପଣ୍ଡା, ବାରଙ୍ଗ ବରିଷ୍ଟ ନାଗରିକସଂଘର ସମ୍ପାଦକ ସଂଗ୍ରାମ କେଶରୀ ମହାପାତ୍ର,ଜୋନ ଏସିପି ଶଶିକାନ୍ତ ରାଉତ,ବାରଙ୍ଗଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶାଳ, ରବିନାରାୟଣ ପରିଡ଼ା, ସଞ୍ଜୟ କୁମାର ହାଂସଦା, ଜ୍ୟୋସ୍ନା ପଟ୍ଟନାୟକ, ଅଶୋକ କୁମାର ଦାସ, ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ।ଏସଆଇ ରବିନାରାୟଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ୭ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ ଗୃହର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ



ନିମାପଡା,(ସବ୍ୟୁ): ବୁଧବାର ଦିନ ନିମାପଡା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ୭ଟି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଶିଳାନ୍ୟାସ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ନିମାପଡ଼ା ବ୍ଲକ ଅନ୍ତର୍ଗତ ବୁଧେଇ ପ୍ରାଥମିକ ବିଦ୍ୟାଳୟ, କୋପିନ୍ଦା ପାଟଳୀଗାଁ ପ୍ରାଥମିକ ବିଦ୍ୟାଳୟ, ନହନ୍ତରା ପ୍ରାଥମିକ ବିଦ୍ୟାଳୟ, ଏକମକୋଣା ପ୍ରାଥମିକ ବିଦ୍ୟାଳୟ, ସଲଙ୍ଗ ପ୍ରାଥମିକ ବିଦ୍ୟାଳୟ, ଖୋଲଣା ପ୍ରାଥମିକ ବିଦ୍ୟାଳୟ, କୁରୁକୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ନୂତନ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ ।

ବିଭିନ୍ନ ସ୍ଥାନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା, ସମ୍ମାନୀତ ଅତିଥିଭାବେ ଏନ୍ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଜେପି ନେତା ଯତୀନ୍ଦ୍ର ସ୍ୱାଇଁ, ସରପଞ୍ଚ ସଚିଦାନନ୍ଦ ରାଉତରାୟ, ମଣ୍ଡଳ ସଭାପତି ସନ୍ତୋଷ ପରିଡା, ଧନଞ୍ଜୟ ମହାପାତ୍ର, ବିଡିଓ ଡଃ. ଅଭିଜିତ ଷଡଙ୍ଗୀ, ତହସିଲାର ମନୋଜ କୁମାର ପ୍ରଧାନ, ବିଇଓ କୈଳାଶ ଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିଥିଲେ ।

## କୋଣାର୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପର୍ଯ୍ୟଟନ ସଚିବ
## ଖୁବଶୀଘ୍ର ନୂଆ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ

କୋଣାର୍କ,(ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ କୋଣାର୍କ ଉନ୍ନୟନ କାର୍ଯ୍ୟ, ସୂର୍ଯ୍ୟମନ୍ଦିର ଲାଇଟ ଆଣ୍ଡ ସାଉଣ୍ଡ ସୋ, ଯାତ୍ରୀନିବାସ ମରାମତି,କୋଣାର୍କ ଅର୍ବାନ ହାଟ ପୁନଃରୁଦ୍ଧାର ନିମନ୍ତେ ସମୀକ୍ଷା କରିଛନ୍ତି। ସୂର୍ଯ୍ୟମନ୍ଦିର ଦକ୍ଷିଣ ପୂର୍ବ ପାର୍ଶ୍ୱରେ ୮ଟି ଅତ୍ୟାଧୁନିକ ପ୍ରୋଜେକ୍ଟର ମାଧ୍ୟମରେ ଲାଇଟ ଆଣ୍ଡ ସାଉଣ୍ଡ ସୋ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ତିନୋଟି ଭାଷାରେ ପର୍ଯ୍ୟଟକମାନେ ଏହାକୁ ଉପଭୋଗ କରିବେ। ୩ଶହରୁ ଅଧିକ ପର୍ଯ୍ୟଟକ ବସିବା ଭଳି ଚେୟାର ବ୍ୟବସ୍ଥା କରାଯିବ। ସନ୍ଧ୍ୟା୬ଟା ୩୦ରୁ ୭ଟା ୧୦ ଏବଂ ୭ଟା ୩୦ରୁ ୮ଟା ୧୦ପର୍ଯ୍ୟନ୍ତ ଦୁଇଟି ସୋ ଚାଲିବ। ଗ୍ରୀଷ୍ମ ଦିନରେ ସମୟ ପରିବର୍ତ୍ତନ କରାଯିବ। ଏହା ଆସନ୍ତା ସେପ୍ଟେମ୍ବର ୧୫ସୁଧା ଶେଷ ହେବାର ଲକ୍ଷ ରହିଛି । ପ୍ରଥମେ ଯାତ୍ରୀନିବାସ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିଥିଲେ। ପରେ ଅର୍ବାନ ହାଟ ପୁନରୁଦ୍ଧାର ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଅର୍ବାନହାଟକୁ କିଭଳି ପର୍ଯ୍ୟଟକମାନେ ଆସି ଅଧିକ ସମୟ ଅତିବାହିତ କରିବେ ସେନେଇ ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ,ଏଏସଆଇ ସର୍କଲ ସୁପରିଟେଣ୍ଡେଟ ଡଃ ଡିବି ଗଡ଼ନାୟକ,ତହସିଲଦାର ଅନିଲ କୁମାର ମହାନ୍ତି,କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ବାଲି ବୋଝେଇ ହାଇୱା

ବାରଙ୍ଗ ,(ସବ୍ୟୁ): ବୁଧବାର ଭୋର ସମୟରେ ବେଲଗଛିଆ ଗ୍ରାମ ନିକଟରେ ଏକ ବେଆଇନ ବାଲି ବୋଝେଇ ହାଇୱା ଓଲଟି ପଡିଛି। ପ୍ରକାଶ ଯେ,ବୁଧବାର ବଡ଼ିଭୋର ସମୟରେ ବାରଙ୍ଗ ତହସିଲ ଅନ୍ତର୍ଗତ ବେଲଗଛିଆ ଗ୍ରାମ ପଞ୍ଚାୟତର ଜୟପୁର ଗ୍ରାମମୁଣ୍ଡ କାଠଯୋଡ଼ିନଦୀ ପଠାରୁ ବେଆଇନ ଭାବେ ବାଲି ଉଠାଇ ଓଡି ୦୨ଏଜେ ୦୫୫୪ ନମ୍ବର ହାଇୱାଟି ତ୍ରିଶୂଳିଆ ଅଭିମୁଖେ ଆସୁଥିଲା।ଦୃତ ଗତିରେ ଆସୁଥିବା ବେଳେ ବେଲଗଛିଆ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ନଦୀବନ୍ଧ କଡକୁ ଓଲଟି ପଡ଼ିଥିଲା। ଘଟଣାପରେ ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକମାନଙ୍କଠାରୁ ଖବରପାଇ ବାରଙ୍ଗ ଥାନାପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ହାଇୱା ଗାଡ଼ିକୁ ଜବତ କରିଛି ।


## ବାଇକ୍ ଚୋର ଗିରଫ

ବାରଙ୍ଗ,(ସବ୍ୟୁ): ପାର୍କିଂରୁ ବାଇକ ଚୋରି କରିନେଇଯିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ବୁଧବାର ଦିନ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରି ଚୋରି ବାଇକ କୁ ଜବତ କରିଛି। ଗିରଫ ଚୋର ଜଣଙ୍କ ଦାଡା ଭୋଇସାହି ମହାବୀର ଲେନରେ ରହୁଥିବା ଦିଗବିଜୟ ପଟ୍ଟନାୟକ(୪୩)। ପ୍ରକାଶଯେ, ସୂର୍ଯ୍ୟକାନ୍ତ ନାଥ ନାମକ ବ୍ୟକ୍ତି ନନ୍ଦନକାନନଥାନା ଅନ୍ତର୍ଗତ ରଘୁନାଥପୁରଠାରେ ଥିବା ସ୍କୋଡ଼ାସୋରୁମରେ ଚାକିରୀ କରନ୍ତି ।ମଙ୍ଗଳବାର ଦିନ ସୂର୍ଯ୍ୟକାନ୍ତ ନିଜ ମୋଟରସାଇକେଲକୁ ଉକ୍ତ ସୋରୁମ କଡ଼ରେ ପାର୍କିଂ କରି ଭିତରେ ଡ୍ୟୁଟି ସମ୍ପାଦନ କରୁଥିଲେ । ରାତି ୮ଟାବେଳେ ସୁଯୋଗ ଦେଖି ଦିଗବିଜୟ କୌଶଳକ୍ରମେ ପୁରୁଣାଗାଡି ଚାବିର ସହାୟତାରେ ମୋଟରସାଇକେଲକୁ ସେଠାରୁ ଚୋରିକରି ନେଇଯାଇଥିଲେ ।

ବାଇକ ଚୋରୀ ସମ୍ପର୍କରେ ଜଣାପଡ଼ିବା ପରେ ସୂର୍ଯ୍ୟକାନ୍ତ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ୧୯୦/୨୫କେସ ନମ୍ବରରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।ଥାନା ଅଧିକାରୀ ଦୟାନିଧି ନାୟକ ଏକ ବିଶସ୍ତସୂତ୍ରରୁ ଖବରପାଇ ବାରଙ୍ଗ ଥାନା ଅନ୍ତର୍ଗତ ବଙ୍ଗାଳୀସାହିରେ ଚଢଉକରି ଦିଗବିଜୟ ପଟ୍ଟନାୟକ ଓରଫ ଲକିଙ୍କୁ କାବୁ କରିବା ସହ ତାଠାରୁ ଚୋରି ବାଇକ ଜବତ କରିଥିଲେ । ଦିଗବିଜୟଙ୍କ ନାମରେ ପୂର୍ବରୁ ମଧ୍ୟ ଭୁବନେଶରର ବିଭିନ୍ନ ଥାନାରେ ୪ ଗୋଟି ଚୋରୀ ମାମଲା ରହିଥିବା ବେଳେ, କଟକ ସଦରଥାନାରେ ମଧ୍ୟ ଗୋଟିଏ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

## ସୌର ଶକ୍ତି ଚାଳିତ ସ୍ଥାୟିତ୍ୱରେ ଓଡ଼ିଶା ଅଗ୍ରଣୀ

ଅକ୍ଷୟ ଉର୍ଜା ଦିବସରେ ଆମେ ଅକ୍ଷୟ ଶକ୍ତି ଏବଂ ସ୍ଥାୟୀତ୍ୱ ପ୍ରତି ଭାରତର ଅଟଳ ପ୍ରତିବଦ୍ଧତା ଉତ୍ସବ ପାଳନ କରୁଛୁ । ସୂର୍ଯ୍ୟ ହେଉଛନ୍ତିନିରନ୍ତର ଶକ୍ତିର ଉତ୍ସ ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତର ଚାବିକାଠି । ଆଜି ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ଭଳିଦୂରଦର୍ଶୀ ଉଦ୍ୟମ ମାଧ୍ୟମରେ ଏହି ଭବିଷ୍ୟତ ଆଉ ଏକ ସୁଦୂର ସ୍ୱପ୍ନ ନୁହେଁ ବରଂ ପ୍ରତ୍ୟେକ ଭାରତୀୟ ପରିବାର ପାଖରେ ପହଂଚିଥିବାଏକ ବାସ୍ତବତା। ଭାରତର ଶକ୍ତି ସ୍ୱାଧୀନତା ଯାତ୍ରାରେ ପିଏମ ସୂର୍ଯ୍ୟ ଘର ଯୋଜନା ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଆକର୍ଷଣୀୟ ଆର୍ଥିକ ସମର୍ଥନ ସହିତ ଏହା ରୁଫ ଟପ ସୋଲାର ଶକ୍ତିକୁ ସାଧାରଣ ନାଗରିକଙ୍କ ପାଇଁ ଅନୁକୂଳ କରିଛି । ଉଦାହରଣ ସ୍ୱରୂପ, ଏକ ୩ କିଲୋୱାଟ୍ ବ୍ୟବସ୍ଥା ପାଇଁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଠାରୁ ୭୮,୦୦୦ ଟଙ୍କାର ଅନୁଦାନ ଏବଂ ଓଡ଼ିଶା ସରକାରଙ୍କ ଠାରୁ ଅତିରିକ୍ତ ୬୦,୦୦୦ ଟଙ୍କାରଅନୁଦାନ ମିଳୁଛି । ଏହିଭଳି ଆର୍ଥିକ ସମର୍ଥନ ପରିବାରଗୁଡ଼ିକର ପାରମ୍ପରିକ ଗ୍ରିଡ୍ ଶକ୍ତି ଉପରେ ନିର୍ଭରତା ହ୍ରାସ ନିଶ୍ଚିତ କରୁଥିବା ବେଳେ ସ୍ୱଚ୍ଛ, ଅକ୍ଷୟ ଶକ୍ତିର ପ୍ରସାର ମଧ୍ୟ କରୁଛି । ପ୍ରାକୃତିକ ସମ୍ପଦ ପାଇଁ ଜଣାଶୁଣା ଓଡ଼ିଶା ଏକ ସୌର-କେନ୍ଦ୍ରିତ ଏବଂ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରୁଥିବା ରାଜ୍ୟ ଭାବରେ ଉଭା ହେଉଛି । ଶିଳ୍ପରୁ ଆରମ୍ଭ କରି ଗୃହ ଗୁଡ଼ିକ ପର୍ଯ୍ୟନ୍ତ ସବୁ ସ୍ଥାନରେ ସୌର ଶକ୍ତିର ବ୍ୟବହାର ଜଳବାୟୁ ପରିବର୍ତ୍ତନକୁ ରୋକିବା, କାର୍ବନ ନିର୍ଗମନ ହ୍ରାସ କରିବା ଏବଂ ଏକ ଶକ୍ତି-ସୁରକ୍ଷିତ ଭବିଷ୍ୟତ ଗଠନ କରିବା ପାଇଁ ଆମର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରୁଛି । ବର୍ଷ ସାରାପ୍ରଚୁର ସୂର୍ଯ୍ୟ କିରଣ ପାଉଥିବା ଓଡ଼ିଶା ଏହି ସବୁଜ ଶକ୍ତି ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ । ଏହି ଦୃଷ୍ଟିକୋଣକୁ ବାସ୍ତବତାରେ ପରିଣତ କରିବା ପାଇଁ, ସରକାର ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ଅଧୀନରେ ୟୁଟିଲିଟିଲେଡ୍ ଆଗ୍ରିଗେସନ୍ (ୟୁଏଲ୍ଏ) ମଡେଲ୍ ଚାଲୁ କରିଛନ୍ତି । ୟୁଏଲ୍ଏ ଯୋଜନା ମାଧ୍ୟମରେ ବର୍ତ୍ତମାନ ୧ କିଲୋୱାଟ୍ ଚୁକ୍ତିନାମା ଚାହିଦା ଥିବା ଘରୋଇ ଉପଭୋକ୍ତାମାନେ ନିଜ ଘରେ ସର୍ବନିମ୍ନ ଆର୍ଥିକ ବୋଝ ସହିତ ରୁଫ ଟପ ସୋଲାର ବ୍ୟବସ୍ଥା ସ୍ଥାପନ କରିପାରିବେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନୁଦାନ ପରେ ଜଣେ ଉପଭୋକ୍ତା ମାତ୍ର ୫୦୦୦ ଟଙ୍କା ଏବଂ ଜେନେରେସନ୍ ମିଟରର ମୂଲ୍ୟ ଦେଇପ୍ରତି ମାସରେ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ସ୍ୱଚ୍ଛ ସବୁଜ ବିଦ୍ୟୁତ୍ ଉପଭୋଗ କରିପାରିବେ । ପାଞ୍ଚ ବର୍ଷର ମାଗଣା ରକ୍ଷଣାବେକ୍ଷଣ ଏବଂ ୨୫ବର୍ଷରୁ ଅଧିକ ବର୍ଷର ଆୟୁଷ ସହିତ ଏହା କେବଳ ଏକ ଆର୍ଥିକ ସଞ୍ଚୟ ନୁହେଁ ବରଂ ସ୍ଥାୟୀତ୍ୱରେ ଏକ ଦୀର୍ଘକାଳୀନ ନିବେଶ । ସୌର ଶକ୍ତିର ପ୍ରତିଶ୍ରୁତି ସହିତ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ । ପ୍ରତ୍ୟେକ ଛାତ ଯାହା ସୌର ଶକ୍ତି ଗ୍ରହଣ କରୁଛି ତାହା ଶକ୍ତି ସ୍ୱାଧୀନତା, କାର୍ବନ ଫୁଟପ୍ରି ହ୍ରାସ ଏବଂ ଆମ ପିଲାମାନଙ୍କ ପାଇଁ ଏକ ସବୁଜ ଭବିଷ୍ୟତ ଆଡକୁ ଏକ ପଦକ୍ଷେପ । ଟିପିସିଓଡିଏଲ ଏହି ପରିବର୍ତ୍ତନର ନେତୃତ୍ୱ ନେଉଥିବାରୁ ଆମେ ଗର୍ବିତ । ଏହି ଅକ୍ଷୟ ଉର୍ଜା ଦିବସରେ, ଆସନ୍ତୁ ଆମେ ନିଶ୍ଚିତ ହେବା ଯେ ସ୍ଥାୟୀତ୍ୱ ଏକ ବିକଳ୍ପ ନୁହେଁ ବରଂ ଏକ ଜରୁରୀ ଦାୟିତ୍ୱ । ଓଡ଼ିଶାରେ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ଏବଂ ୟୁଏଲ୍ଏ ମଡେଲ୍ ଭଳି ପଦକ୍ଷେ ଗ୍ରହଣ କରି ଆମେ ଆମର ଘରଗୁଡିକୁ ଶକ୍ତି ଘରରେ ପରିଣତ କରିପାରିବା, ଆମର ରାଜ୍ୟକୁ ନବୀକରଣୀୟ ଶକ୍ତିରେ ଏକ ଅଗ୍ରଣୀ ଏବଂ ଆମର ରାଷ୍ଟ୍ରକୁ ସ୍ଥାୟିତ୍ୱରେ ଏକ ଆଲୋକ ସ୍ତମ୍ଭରେ ପରିଣତ କରିପାରିବା ।



ଅରଭିନ୍ଦ ସିଂହ,
ସିଇଓ, ଟିପିସିଓଡିଏଲ

# ଓଡ଼ିଶାରେ ବକ୍ସାଇଟ୍‌ର ସମସ୍ୟା
# ଭାରତକୁ ନିଜର ଭବିଷ୍ୟତ ନିଜେ କାହିଁକି ତିଆରି କରିବାକୁ ପଡିବ!

ଭୁବନେଶ୍ୱର,(ସବ୍ୟୁ): ଭାରତର ୭୯ତମ ସ୍ୱାଧୀନତା ଦିବସରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମନିର୍ଭରତା ପ୍ରତି ଦେଶର ପ୍ରତିବଦ୍ଧତାକୁ ପୁନଃଦୋହରାଇ ଦେଶକୁ ସ୍ମରଣ କରାଇ ଦେଇଛନ୍ତି ଯେ 'ସ୍ୱାୟତତା କେବଳ ଆମଦାନୀ-ରପ୍ତାନି, ଟଙ୍କା, ପାଉଣ୍ଡ କିମ୍ବା ଡଲାର ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଆମର ନିଜସ୍ୱ ଶକ୍ତି ଏବଂ କ୍ଷମତା ସହିତ ଜଡିତ । ଆତ୍ମ ସମ୍ମାନ (ସ୍ୱାଭିମାନ)ର ଭିତିଭୂମି ଭାବରେ ଆତ୍ମନିର୍ଭରତା କିମ୍ବା ସ୍ୱାବଲମ୍ବନ ପାଇଁ ତାଙ୍କର ଆହ୍ୱାନ ଏକ ଦେଶପ୍ରେମର ସ୍ୱରରେ ଜଡିତ ।

ପ୍ରଧାନମନ୍ତ୍ରୀ ମୋଦି ସମ୍ବଳ ସୁରକ୍ଷା ଏବଂ ରଣନୈତିକ ସ୍ୱାୟତତାର ଗୁରୁତ୍ୱକୁ ଗୁରୁତ୍ୱାରୋପ କରୁଥିବା ବେଳେ, ଭାରତର ଖଣିଜ କ୍ଷେତ୍ର ଏକ ସ୍ପଷ୍ଟ ବିରୋଧାଭାସ ଉପସ୍ଥାପନ କରେ । ଆଲୁମିନିୟମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ, ବିଶ୍ୱର ପଞ୍ଚମ ବୃହତମ ବକ୍ସାଇଟ୍ ଉତ୍ପାଦକ ହେବା ସତ୍ତ୍ୱେ, ଭାରତ ବାର୍ଷିକ ଲକ୍ଷ ଲକ୍ଷ ଟନ୍ ଖଣିଜ ଆମଦାନୀ କରିଚାଲିଛି । ଯଦିଓ ଘରୋଇ ବକ୍ସାଇଟ୍ ଉତ୍ପାଦନ ସ୍ଥିର ଭାବରେ ବୃଦ୍ଧି ପାଇଛି, ଆର୍ଥିକ ବର୍ଷ ୨୦୨୪-୨୫ ରେ ୨୪.୭ ନିୟୁତ ଟନ୍ ରେ ପହଞ୍ଚିଛି, ଆମଦାନୀ ମଧ୍ୟ ବୃଦ୍ଧି ପାଇଛି - ସେହି ସମୟ ମଧ୍ୟରେ ଏହା ୪.୫ ନିୟୁତ ଟନ୍ ରୁ ଅଧିକ ହୋଇଛି ।

ଏହା ମୁଖ୍ୟତଃ ଖଣି ନିଲାମରେ ବିଳମ୍ବ ଏବଂ ଭୂମି ଅଧିଗ୍ରହଣ ବାଧା ଯୋଗୁଁ ହୋଇଛି, ବିଶେଷକରି ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟରେ। ଭାରତରେ ଆନୁମାନିକ ୫ ବିଲିୟନ ଟନ୍ ବକ୍ସାଇଟ୍ ଅଛି, ଯାହା ବିଶ୍ୱର ଜଣାଶୁଣା ଗଚ୍ଛିତର ୮% ଅଟେ, ତଥାପି କେବଳ ୧୩% ଅନୁସନ୍ଧାନ କରାଯାଇ ନିଷ୍କାସନଯୋଗ୍ୟ ଗଚ୍ଛିତରେ ପରିଣତ କରାଯାଇଛି । ଏହାର ସମ୍ପୂର୍ଣ୍ଣ ବିପରୀତରେ, ତୁଳନାତ୍ମକ ଭାବରେ କମ୍ ଗଚ୍ଛିତ ସହିତ ଚୀନ୍ ବିଶ୍ୱର ପ୍ରମୁଖ ଆଲୁମିନିୟମ୍ ଉତ୍ପାଦକ ଭାବରେ ଉଭା ହୋଇଛି, ଯେତେବେଳେ ଭାରତ ବିଶ୍ୱ ବକ୍ସାଇଟ୍ ଉତ୍ପାଦନର କେବଳ ୬% ଅବଦାନ ରଖେ ।

ଏହି କମ୍ ବ୍ୟବହାରର ପରିଣାମ ବାଣିଜ୍ୟ ତଥ୍ୟରେ ସ୍ପଷ୍ଟ । ୨୦୨୩-୨୪ ଆର୍ଥିକ ବର୍ଷରେ, ଭାରତର ବକ୍ସାଇଟ୍ ଆମଦାନୀ ଆମଦାନୀ ବିଲ୍ ୨୦୧୨-୧୩ ଆର୍ଥିକ ବର୍ଷରେ ୩୬୯ ଲକ୍ଷ ଟଙ୍କାରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୨୧୦୦ କୋଟିରୁ ଅଧିକକୁ ବୃଦ୍ଧି କରିଥିଲା । ଆମଦାନୀ ଉପରେ ନିରନ୍ତର ନିର୍ଭରଶୀଳତା ଦେଶକୁ ମୂଲ୍ୟ ବୃଦ୍ଧି, ଯୋଗାଣ ଶୃଙ୍ଖଳା ବାଧା ଏବଂ ରପ୍ତାନିକାରୀ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଭୂରାଜନୈତିକ ଲାଭର ସମ୍ମୁଖୀନ କରାଏ । ଆତ୍ମନିର୍ଭରତା ପାଇଁ ଚେଷ୍ଟା କରୁଥିବା ଏକ ଦେଶ ପାଇଁ, ଏହି ବିରୋଧାଭାସ ତୁରନ୍ତ ସଂଶୋଧନ ଦାବି କରେ ।

ଆଲୁମିନିୟମ୍, ଯାହାକୁ ପ୍ରାୟତଃ 'ଭବିଷ୍ୟତର ଧାତୁ' କୁହାଯାଏ, ପ୍ରତିରକ୍ଷା, ଭିତିଭୂମି, ନବୀକରଣୀୟ ଶକ୍ତି ଏବଂ ବୈଦ୍ୟୁତିକ ଗତିଶୀଳତା ଭଳି କ୍ଷେତ୍ର ପାଇଁ ଅପରିହାର୍ଯ୍ୟ। ଏହାର ହାଲୁକା, କ୍ଷୟ-ପ୍ରତିରୋଧୀ ଏବଂ ପରିବାହୀ ଗୁଣ ଏହାକୁ ବିଭିନ୍ନ ପ୍ରୟୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଥାଏ । ତଥାପି, ଆମଦାନୀ ହୋଇଥିବା ବକ୍ସାଇଟ୍ ଉପରେ ଭାରତର ବଢୁଥିବା ନିର୍ଭରଶୀଳତା ଏହି ରଣନୈତିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ଏହାର ମହତ୍ୱାକାଂକ୍ଷାକୁ ଦୁର୍ବଳ କରିଦିଏ ।

ଗତି ଶକ୍ତି, ସ୍ମାର୍ଟ ଭିତିଭୂମି ଏବଂ ରେଳ ପ୍ରସାରଣ ଭଳି ପଦକ୍ଷେପ ଅଧୀନରେ ବଡ଼ ଧରଣର ଭିତିଭୂମି ବିକାଶ ଦ୍ୱାରା ପରିଚାଳିତ ଏକ ବିକାଶଶୀଳ ଭାରତରେ ଆଲୁମିନିୟମ ବ୍ୟବହାର ନିରନ୍ତର ବୃଦ୍ଧି ପାଉଛି । ଏହା ସହିତ, ଆଲୁମିନିୟମ ବ୍ୟବହାର ମଧ୍ୟ ବୈଦ୍ୟୁତିକ ଯାନବାହାନର ଚାହିଦା ବୃଦ୍ଧି ଦ୍ୱାରା ପରିଚାଳିତ ହେବ ଯେଉଁଠାରେ ଆଲୁମିନିୟମ ହାଲୁକା ଫ୍ରେମ୍ ଏବଂ ବ୍ୟାଟେରୀ ଆବରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ନବୀକରଣୀୟ ଶକ୍ତି ପ୍ରକଳ୍ପର ଅଭିବୃଦ୍ଧି, ବିଶେଷକରି ସୌର ଏବଂ ପବନ ସ୍ଥାପନ, ମଧ୍ୟ ଚାହିଦାରେ ଅବଦାନ ରଖୁଛି, ଯେପରି ପ୍ରତିରକ୍ଷା ଏବଂ ମହାକାଶ କ୍ଷେତ୍ରରେ ବଢୁଥିବା ଆବଶ୍ୟକତା, ଯେଉଁଠାରେ ଆଲୁମିନିୟମର ଶକ୍ତି-ପ୍ରତି-ଓଜନ ସୁବିଧା ଅପରିହାର୍ଯ୍ୟ ।

ଅନୁମାନ ଦର୍ଶାଉଛି ଯେ ଆଗାମୀ ବର୍ଷଗୁଡ଼ିକରେ ବକ୍ସାଇଟ୍ ଚାହିଦା ବର୍ତ୍ତମାନର ୨୦ ଏମଟିପିଏ ରୁ ୨୯ ଏମଟିପିଏ କୁ ବୃଦ୍ଧି ପାଇବ। ବେଦାନ୍ତର ଲାଞ୍ଜିଗଡ଼ ରିଫାଇନାରୀ, ନାଲକୋର କୋରାପୁଟ ପ୍ଲାଣ୍ଟ ଏବଂ ହିଣ୍ଡାଲକୋର ରାୟଗଡ଼ା ସୁବିଧାରେ ପ୍ରସାରଣ କେବଳ ସ୍ଥିର ଘରୋଇ ଯୋଗାଣର ଆବଶ୍ୟକତାକୁ ବୃଦ୍ଧି କରିବ । ନୂତନ ଘରୋଇ ଖଣି ଖୋଲିବା ବିନା, ଭାରତ ଖର୍ଚ୍ଚ ଦକ୍ଷତା ଏବଂ ଯୋଗାଣ ସୁରକ୍ଷା ଉଭୟକୁ ବଳିଦାନ ଦେଇ ଆମଦାନୀ ଉପରେ ବର୍ଦ୍ଧିତ ଭାବରେ ନିର୍ଭର କରିବାକୁ ବାଧ ହେବ ।

ଯଦି ଆଲୁମିନିୟମରେ ଆତ୍ମନିର୍ଭରତାର ଏକ ଭୌଗୋଳିକ ଠିକଣା ଅଛି, ତେବେ ତାହା ହେଉଛି ଓଡ଼ିଶା । ଏହି ରାଜ୍ୟରେ ଭାରତର ୫୦% ରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ଅଛି, ଯାହା କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଏବଂ ସୁନ୍ଦରଗଡ଼ରେ କେନ୍ଦ୍ରିତ । ଏହି ସଂରକ୍ଷଣଗୁଡ଼ିକ ବିଶ୍ୱର ସର୍ବୋଚ୍ଚ ଗ୍ରେଡର, ତଥାପି ଅମଲାତାନ୍ତ୍ରିକ ବାଧା, କ୍ଲିୟରାନ୍ସ ବିଳମ୍ବ ଏବଂ ନୀତିଗତ ଭୁଲ ସମନ୍ୱୟ ଯୋଗୁଁ ଏଗୁଡ଼ିକ ବ୍ୟବହାର ହୋଇପାରୁନାହିଁ । ଓଡ଼ିଶାର ସଂରକ୍ଷଣକୁ ଅନଲକ୍ କରିବା ହେଉଛି ଭାରତର ରଣନୈତିକ ସ୍ୱାୟତତାକୁ ସୁରକ୍ଷା ଦେବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ।

ଘରୋଇ ଉତ୍ପାଦନ ସହିତ ଆମଦାନିକୁ ପ୍ରତିସ୍ଥାପିତ କରିବା ଦ୍ୱାରା ଦେଶକୁ ବାର୍ଷିକ ଟ.୨,୦୦୦ କୋଟିରୁ ଅଧିକ ସଞ୍ଚୟ କରାଯାଇପାରିବ । ଏହା ୨.୪ ନିୟୁତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ, ବିଶେଷକରି ଅନୁନ୍ନତ ଆଦିବାସୀ ଅଞ୍ଚଳରେ ଯେଉଁଠାରେ ନିଯୁକ୍ତି ସୁଯୋଗ କମ୍ ଅଛି । ଖଣି ଏବଂ ସମ୍ପୃକ୍ତ ଶିଳ୍ପଗୁଡ଼ିକର ବିକାଶ ୧୦,୦୦୦ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ସଶକ୍ତ କରିବ, ମୂଲ୍ୟ ଶୃଙ୍ଖଳାରେ ବହୁ-ବିଲିୟନ ଡଲାରର ନିବେଶକୁ ଆକର୍ଷିତ କରିବ ଏବଂ ଭାରତକୁ ଆଲୁମିନିୟମ ଏବଂ ମୂଲ୍ୟଯୁକ୍ତ ଉତ୍ପାଦର ଏକ ଜାଲ ରପ୍ତାନିକାରୀ ଭାବରେ ସ୍ଥାନିତ କରିବ । ଏପରି ପରିବର୍ତ୍ତନ କେବଳ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବ ନାହିଁ ବରଂ ଭାରତର ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ ।

ବାସ୍ତବରେ, ଓଡ଼ିଶାରେ ବକ୍ସାଇଟ୍ ଖଣି କେବଳ ଏକ ରାଜ୍ୟସ୍ତରୀୟ ଆର୍ଥିକ ସୁଯୋଗ ନୁହେଁ, ଏହା ଏକ ଜାତୀୟ ରଣନୈତିକ ଜରୁରୀ ।

ଭାରତ ଅନେକ ଖଣି ସଂସ୍କାର ପ୍ରଚଳନ କରିଛି, ଯେଉଁଥିରେ ସଂଶୋଧନ ଆଇନ ୨୦୨୩, ଖଣିଜ ବ୍ଲକଗୁଡ଼ିକର ନିଲାମ-ଆଧାରିତ ଆବଣ୍ଟନକୁ ସ୍ଥାନାନ୍ତର ଏବଂ ସମ୍ପ୍ରଦାୟ ବିକାଶକୁ ସମର୍ଥନ କରିବା ପାଇଁ ଜିଲ୍ଲା ଖଣିଜ ଫାଉଣ୍ଡେସନ ପ୍ରତିଷ୍ଠା ଅନ୍ତର୍ଭୁକ୍ତ । ତଥାପି, କାର୍ଯ୍ୟାନ୍ୱୟନ ହ୍ରାସ ପାଇବାରେ ଲାଗିଛି । କ୍ଲିୟରାନ୍ସ ପ୍ରକ୍ରିୟା ପ୍ରାୟତଃ ବର୍ଷ ବର୍ଷ ଧରି ଲମ୍ବିଥାଏ, ଯାହା ଖଣିଗୁଡ଼ିକର ସମୟାନୁସାରେ କାର୍ଯ୍ୟକ୍ଷମତାକୁ ବାଧା ଦିଏ। ସେହି ସମୟରେ, ଉନ୍ନତ ଖଣିଜ ଅନୁସନ୍ଧାନରେ ଭାରତର ନିବେଶ ଅପର୍ଯ୍ୟାପ୍ତ ରହିଛି, ଯାହା ଅବ୍ୟବହୃତ ସଂରକ୍ଷଣର ସଠିକ୍ ମୂଲ୍ୟାଙ୍କନକୁ ସୀମିତ କରିଥାଏ । କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ନୀତିଗତ ସମନ୍ୱୟର ଅଭାବ, ରଣନୈତିକ ସମ୍ବଳଗୁଡ଼ିକୁ ଅନଲକ୍ କରିବା ପାଇଁ ପ୍ରୟାସକୁ ଆହୁରି ଜଟିଳ କରିଥାଏ ।

ଏହି ବ୍ୟବଧାନର ଫଳାଫଳ ସ୍ପଷ୍ଟ । ଭାରତ ବିଶ୍ୱର ଅଷ୍ଟମ ବୃହତମ ବକ୍ସାଇଟ୍ ସମ୍ବଳ ଆଧାର ରଖିଛି, ତଥାପି ଏହା ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରେ ଯାହା ଏହା ପୂର୍ବରୁ ପ୍ରଚୁର ପରିମାଣରେ ରଖିଛି । ଏହି ବିରୋଧାଭାସ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣକୁ ଦୁର୍ବଳ କରେ ଯାହାକୁ ପ୍ରଧାନମନ୍ତ୍ରୀ ନିରନ୍ତର ଭାବରେ ଗୁରୁତ୍ୱ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରିବା ପାଇଁ, ଭାରତକୁ ବକ୍ସାଇଟ୍ କ୍ଷେତ୍ର ପାଇଁ ଏକ ସ୍ପଷ୍ଟ ଏବଂ କାର୍ଯ୍ୟକ୍ଷମ ରୋଡମ୍ୟାପ୍ ଗ୍ରହଣ କରିବାକୁ ପଡିବ । ଏହା ଏକ ସରଳୀକୃତ ଆତ୍ମ-ପ୍ରମାଣୀକରଣ ପ୍ରକ୍ରିୟା ମାଧ୍ୟମରେ ଏକକ-ୱିଣ୍ଡୋ କ୍ଲିୟରାନ୍ସ ମେକାନିଜିମ୍ ସ୍ଥାପନ କରି କ୍ଲିୟରାନ୍ସକୁ ତ୍ୱରାନ୍ୱିତ କରିବା ଏବଂ ବିଦ୍ୟମାନ ଖଣିଗୁଡ଼ିକର ପ୍ରସାର ସହିତ ଆରମ୍ଭ ହୁଏ ।

ଦୃଢ଼ ସରକାରୀ-ବେସରକାରୀ ସହଭାଗୀତା ଏବଂ ସାଟେଲାଇଟ୍ ଇମେଜିଂ ଏବଂ ଏଆଇ-ଚାଳିତ ସର୍ଭେ ଭଳି ଆଧୁନିକ ଉପକରଣ ବ୍ୟବହାର ମାଧ୍ୟମରେ ଅନୁସନ୍ଧାନକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ । ଗ୍ରାମୀଣ ସମ୍ପ୍ରଦାୟଗୁଡ଼ିକୁ ସ୍ଥାନୀୟ ବିକାଶ ପାଇଁ ଉଦ୍ଦିଷ୍ଟ ଘରୋଇ ଖେଳାଳିମାନଙ୍କଠାରୁ ଲାଭର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶତ ସହିତ ଅଂଶୀଦାର ଭାବରେ ନିୟୋଜିତ କରାଯିବା ଉଚିତ, ବିଶେଷକରି ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତିଭୂମି ଏବଂ କୃଷି କ୍ଷେତ୍ରରେ ଉନ୍ନତି ପାଇଁ । ଖଣି କ୍ଷେତ୍ରର ଭୌତିକ ଭିତିଭୂମି, ରାସ୍ତା, ବିଦ୍ୟୁତ୍ ଏବଂ ଲଜିଷ୍ଟିକ୍ସ ହବ୍ ସମେତ, ଇନପୁଟ୍ ଖର୍ଚ୍ଚ ହ୍ରାସ କରିବା ଏବଂ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ଦ୍ରୁତ ବିକାଶ ଆବଶ୍ୟକ । ନିୟାମକ ସ୍ଥିରତା, ପୂର୍ବାନୁମାନଯୋଗ୍ୟ କର ଏବଂ ନିବେଶକ-ଅନୁକୂଳ ନୀତିଗୁଡ଼ିକ ଏହି କ୍ଷେତ୍ରରେ ଦୀର୍ଘକାଳୀନ ପୁଞ୍ଜି ଆକର୍ଷିତ କରିବାରେ ସାହାଯ୍ୟ କରିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱାଧୀନତା ଦିବସ ଭାଷଣରେ ଆତ୍ମନିର୍ଭରତା ହେଉଛି ଆତ୍ମ ସମ୍ମାନର ପ୍ରକୃତ ମାପକାଠି ବୋଲି ଗୁରୁତ୍ୱାରୋପ କରାଯାଇଥିଲା । ଭାରତର ପୁନରୁତ୍ଥାନଶୀଳ ଆର୍ଥିକ ଅଭିବୃଦ୍ଧି, ଶକ୍ତି ପରିବର୍ତ୍ତନ ଏବଂ ପ୍ରତିରକ୍ଷା ପ୍ରସ୍ତୁତି, ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର ପାଇଁ ଆଲୁମିନିୟମ ଅପରିହାର୍ଯ୍ୟ । ତଥାପି, ଆମଦାନୀ ହୋଇଥିବା ବକ୍ସାଇଟ୍ ଉପରେ ଭାରତର ବର୍ଦ୍ଧିତ ନିର୍ଭରଶୀଳତା ଏକ ବିଡ଼ମ୍ବନା ଯାହା ଦେଶ ଆଉ ସହ୍ୟ କରିପାରିବ ନାହିଁ ।

ଏହି ବିରୋଧାଭାସକୁ ଓଲଟାଇ ଦେବାର ଚାବିକାଠି ଓଡ଼ିଶା ପାଖରେ ଅଛି । ଏହାର ବିଶାଳ ବକ୍ସାଇଟ୍ ଭଣ୍ଡାର ଶିଳ୍ପକୁ ଶକ୍ତି ପ୍ରଦାନ କରିବା, ସମ୍ପ୍ରଦାୟକୁ ଉନ୍ନତ କରିବା, ବୈଦେଶିକ ମୁଦ୍ରା ସଂରକ୍ଷଣ କରିବା ଏବଂ ଭାରତର ରଣନୈତିକ ସ୍ୱାୟତତାକୁ ସୁରକ୍ଷିତ କରିବା ପାଇଁ ସମ୍ଭାବନା ରଖିଛି । ପ୍ରଶ୍ନ ଏହା ନୁହେଁ ଯେ ଭାରତ କାର୍ଯ୍ୟ କରିବା ଉଚିତ କି ନାହିଁ, ବରଂ ଏହି ସମ୍ଭାବନାକୁ ଅନଲକ୍ କରିବା ପାଇଁ କେତେ ଶୀଘ୍ର ଆଗକୁ ବଢ଼ିପାରିବ ତାହା । ଆହ୍ୱାନ ସ୍ପଷ୍ଟ, ସମୟ ଏବେ ଆସିଛି, ଖଣି ଖୋଲିବା, ଓଡ଼ିଶାକୁ ଅନଲକ୍ କରିବା ଏବଂ ଭାରତକୁ ସଶକ୍ତ କରିବା ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୨୦)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ ।**
**ଅବିଭକ୍ତଂ ବିଭିକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ।। ୨୦ ।।**

( ତତ୍ର ଜ୍ଞାନସ୍ୟ ସାତ୍ତ୍ୱିକାଦି ତ୍ରୈବିଧମାହ ତ୍ରିଭିଃ)– ଯେନ (ଜ୍ଞାନେନ) ବିଭକ୍ତେଷୁ (ପରସ୍ପରଭିନ୍ନେଷୁ) ସର୍ବଭୂତେଷୁ (ବ୍ରହ୍ମାଦିସ୍ଥାବରାନ୍ତେଷୁ) ଅବିଭକ୍ତଂ (ଅନଶ୍ୟନ୍ତଂ) ଏକଂ ଅବ୍ୟୟଂ ( ନିର୍ବିକାରଂ) ଭାବଂ (ପରମାତ୍ମତତ୍ତ୍ୱଂ) ଈକ୍ଷତେ (ଆଲୋକୟତି), ତତ୍ ଜ୍ଞାନଂ ସାତ୍ତ୍ୱିକଂ ବିଦ୍ଧି (ଜାନୀହି) ।।୨୦ ।।

# ନ୍ୟାୟିକ ବ୍ୟବସ୍ଥା ଉପରେ ସମସ୍ତଙ୍କ ଦୃଷ୍ଟି

ନ୍ୟାୟ ପାଇବାକୁ ହେଉ ବା ଅଧିକାର ହାସଲ ଲାଗି ଦାବି କରିବାକୁ ହେଉ, ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଶିକ୍ଷିତ ଲୋକେ ବିଚାର ବିଭାଗ ତଥା ବିଚାର ପ୍ରକ୍ରିୟା ଉପରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ରଖିଥିବା ପରିଲକ୍ଷିତ ହୋଇଥାଏ । ନିକଟ ଅତୀତରେ ଆହ୍ଲାବାଦ ହାଇକୋର୍ଟର ଜଣେ ବିଚାରପତି ଜଷ୍ଟିସ ଯଶଓ୍ୱନ୍ତ ବର୍ମା, ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ବାସଗୃହରୁ ବହୁ ପରିମାଣର ଟଙ୍କା ଅର୍ଦ୍ଧଦଗ୍ଧ ଅବସ୍ଥାରେ ମିଳିବା ଘଟଣା ପ୍ରାୟ ସମସ୍ତଙ୍କୁ ଚକିତ କରିଥିଲା । ଏତେ ଟଙ୍କାର ହିସାବ ସମ୍ଭବତଃ ସେ ଦେଇ ପାରି ନଥିଲେ । ତାଙ୍କୁ ଏପରି ଘଟଣା ବି ଅଡୁଆରେ ପକାଇଥିଲା । ସେ ମାମଲା ସରିନାହିଁ । ବରିଷ୍ଠ ଆଇନଜୀବୀ କପିଲ ସିବଲ ସର୍ବୋଚ୍ଚ ଅଦାଲତରେ ଜଷ୍ଟିସ ବର୍ମାଙ୍କ ବିଷୟରେ ଉଲ୍ଲେଖ କରି ମାମଲାଟି ଜରୁରୀ ହୋଇଥିବାରୁ ତାହାକୁ ତାଲିକାଭୁକ୍ତ କରିବାକୁ ଚାହିଁଥିଲେ । ଭାରତର ପ୍ରଧାନ ବିଚାରପତି ବି.ଆର୍. ଗଓ୍ୱାଇ ଏହି ମାମଲାରେ ନିଜକୁ ଦୂରେଇ ରଖି ବରିଷ୍ଠ ଆଇନଜୀବୀ ଶ୍ରୀ ଶିବଲଙ୍କୁ କହିଥିଲେ ଯେ ଜଷ୍ଟିସ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯିବାକୁ ଯେଉଁ କମିଟି ଗଠିତ ହୋଇଥିଲା, ସେଥିରେ ସେ ସଦସ୍ୟ ଥିବାରୁ ଏହି ମାମଲାର ବିଚାର ନକରି ନିଜକୁ ସେ ଦୂରେଇ ରଖିବେ ବୋଲି କହିଥିଲେ । ପ୍ରକୃତରେ ପ୍ରଧାନ ବିଚାରପତି ଶ୍ରୀ ଗଓ୍ୱାଇଙ୍କର ଏପରି କାର୍ଯ୍ୟ ପ୍ରଶଂସନୀୟ ବୋଲି ମନେ ହୋଇଥାଏ ।

ସେହିପରି ଭାରତର ରାଷ୍ଟ୍ରପତି ରେଫରେନ୍ସର (ବିଚାରାର୍ଥ ପ୍ରେରଣ) ଶୁଣାଣି କରି ପ୍ରକାଶ କରିଛନ୍ତି ଯେ ଗତ ଏପ୍ରିଲ ୧୨ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ରାଜ୍ୟପାଳଙ୍କ ଦ୍ୱାରା ପାରିତ ହୋଇଥିବା ବିଧେୟକଙ୍କୁ ମଞ୍ଜୁରୀ ପ୍ରଦାନ କରିବା ଲାଗି ସମୟସୀମା ଧାର୍ଯ୍ୟ କରିଥିବା ଆଦେଶକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରିପାରିବେ ନାହିଁ । ସେ ପୁଣି କହିଛନ୍ତି ଯେ ଏ କ୍ଷେତ୍ରରେ ଅଦାଲତ କେବଳ ପରାମର୍ଶଦାତା ଭୂମିକାରେ କାର୍ଯ୍ୟ କରିବେ ଏବଂ ତାମିଲନାଡୁର ଡିଏମ୍‌କେ ସରକାର ଓ ରାଜ୍ୟପାଳ ଆର୍.ଏନ୍ ରବିଙ୍କ ସହ ଜଡ଼ିତ ମାମଲାରେ ଅଦାଲତ ଅପିଲରେ ବସିବେ ନାହିଁ । ଅବଶ୍ୟ ସମ୍ବିଧାନର ଧାରା ୧୪୩ ( ଯାହା ରାଷ୍ଟ୍ରପତିଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଇନଗତ ବିଷୟ ଉପରେ ସୁପ୍ରିମକୋର୍ଟଙ୍କ ସହ ପରାମର୍ଶ କରିବାର କ୍ଷମତା ପ୍ରଦାନ କରିଥାଏ) ଉପରେ ଏହି ସାମ୍ବିଧାନିକ ଖଣ୍ଡପୀଠର ଜଣେ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଆମେମାନେ ମତାମତ ବା ପରାମର୍ଶ ଦେଇ ପାରିବୁ, କିନ୍ତୁ ରାୟକୁ ଖାରଜ କରି ପାରିବୁ ନାହିଁ । ଫଳରେ ଏ ବିଷୟଟି ମଧ୍ୟ ସାଧାରଣରେ ଓ ଶିକ୍ଷିତ ମହଲରେ ଏକ ବିବଦମାନ ବିଷୟ ବୋଲି ମନେ ହୋଇଛି ।

ସର୍ବୋଚ୍ଚ ଅଦାଲତରେ ଜଣେ ଭୂତପୂର୍ବ ପ୍ରଧାନ ବିଚାରପତି ପି.ବି. ଗଜେନ୍ଦ୍ରଗଡ଼କର ଏକଦା କହିଥିଲେ, ବୁଦ୍ଧିମାନ ବିଚାରପତିମାନେ ସେମାନଙ୍କ କାର୍ଯ୍ୟାଳୟର ମର୍ଯ୍ୟାଦା ରକ୍ଷା ପାଇଁ ଜନସାଧାରଣଙ୍କୁ ପ୍ରଦାନ କରୁଥିବା ରାୟ ଗୁଣାତ୍ମକ, ନିରପେକ୍ଷ ଓ ନିର୍ଭୟଯୁକ୍ତ ହେବା ଉଚିତ । ( ନ୍ୟାୟିକ ନିଯୁକ୍ତି– ସଂସ୍କାରର କାର୍ଯ୍ୟସୂଚୀ, ଲେଖକ ଅନୀଲ ଦିବାନ, 'ହିନ୍ଦୁ' ଦୈନିକ ଇଂରାଜୀ ସମ୍ବାଦପତ୍ରର ଅଷ୍ଟମ ପୃଷ୍ଠା, ଡିସେମ୍ବର ୧୭, ୨୦୦୯) ।

୧୯୫୧ ମସିହାରେ ଭାରତୀୟ ସମ୍ବିଧାନର ନବମ ଅନୁଚ୍ଛେଦ (Ninth Schedule) ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଦ୍ୱାରା ପ୍ରଣୀତ ୨୫୦ ଗୋଟି ଆଇନକୁ ସୁରକ୍ଷା କବଚ ମଧ୍ୟରେ ରଖା ଯାଇଥିଲା । ସେ ସବୁ ଆଇନ ଉପରେ ସର୍ବୋଚ୍ଚ ଅଦାଲତ ମଧ୍ୟ କିଛି କରିପାରୁ ନଥିଲେ । ଏବେ ସେହିସବୁ ଆଇନର ସଂଖ୍ୟା ବୃଦ୍ଧି ପାଇ ୨୮୪ ହୋଇଥିବା ଜଣାଯାଇଛି ।

ଉଲ୍ଲେଖନୀୟ ଯେ ଏକଦା 'ମଣ୍ଡଳ କମିଶନ' ସଂକ୍ରାନ୍ତୀୟ ଏକ ମାମଲାର ବିଚାର କରି ସର୍ବୋଚ୍ଚ ଅଦାଲତ ବା ସୁପ୍ରିମ କୋର୍ଟ ସବୁ ପ୍ରକାର ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଆଦେଶ ଦେଇଥିଲେ । ମାତ୍ର ତତ୍କାଳୀନ ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କର ସେହି ଆଦେଶକୁ ନମାନି ଚାକିରି ଓ ନାମଲେଖା କ୍ଷେତ୍ରରେ ସଂରକ୍ଷଣର ସୀମାକୁ ୫୦ ଭାଗ ପରିବର୍ତ୍ତେ ୬୯ ଭାଗ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ଏବଂ କାଳେ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବେ ବୋଲି ତାମିଲନାଡୁର ସରକାର ସମ୍ବିଧାନର ନବମ ଅନୁଚ୍ଛେଦର ଢ଼ାଲକୁ ଏଥିପାଇଁ ବ୍ୟବହାର କରିଥିଲେ । ଅବଶ୍ୟ ଏହାର ବିଚାର ବିଭାଗୀୟ ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ତାଗିଦା କରି ଦେଇଥିଲେ ।

ସଂସଦଦ୍ୱାରା ପ୍ରଣୀତ ଆଇନର ବୈଧତା ଉପରେ ବିଚାର କରିବା ପାଇଁ ସର୍ବୋଚ୍ଚ ଅଦାଲତ ବା ସୁପ୍ରିମକୋର୍ଟ ଚାହିଁଥାଏ । ଅନେକ ସମୟରେ ତାହା ସମ୍ଭବ ହୋଇଥାଏ, ହୋଇ ବି ନଥାଏ । ତେବେ ନ୍ୟାୟିକ ବ୍ୟବସ୍ଥା ବା ବିଚାର ବିଭାଗ ଉପରେ ସମସ୍ତଙ୍କର ଦୃଷ୍ଟି ଥାଏ ।

## ଭାବ ବନ୍ଧନ

**ଭଗବାନ ସବୁ ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ, କିନ୍ତୁ ସେ ଭକ୍ତର ଭାବ ବନ୍ଧନରେ ସଦା ଯୁକ୍ତ**

***ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଇତିହାସର କରୁଣ ଅଧ୍ୟାୟ: ମାଥିଲି ଗୁଳିକାଣ୍ଡ



ଡ. ପରେଶ ରଥ

ଆଜି ମାଥିଲି ଗୁଳିକାଣ୍ଡ ଦିବସ । ଓଡ଼ିଶା ଇତହାସରେ ଏକ ଅବିସ୍ମରଣୀୟ ଦିନ । ବ୍ରିଟିଶ ସରକାରକୁ ଭାରତରୁ ତଡିବା ପାଇଁ ଜାତିର ଜନକ ମହାତ୍ମା ଗାନ୍ଧି ୧୯୪୨ ମସିହା ଅଗଷ୍ଟ ମାସରେ ଭାରତ ଛାଡ ଆନ୍ଦୋଳନର ଯେଉଁ ଘୋଷଣା କଲେ, ସେହି ଆନ୍ଦୋଳନର ନିଆଁ ଦେଶସାରା ବ୍ୟାପି ଚାଲିଲା । ତାହାର ବିଶେଷ ପ୍ରଭାବ ପଡିଥିଲା କୋରାପୁଟ (ଓଡ଼ିଶା)ର ପୁରପଲ୍ଲୀରେ । ସ୍ୱାଧୀନତା ଓ ବଣ ଜଙ୍ଗଲ, ନଦୀ, ପର୍ବତକୁ ଭଲ ପାଉଥିବା ଆଦିବାସୀଙ୍କ ମନରେ ଏହା ବିଶେଷ ପ୍ରଭାବ ପକାଇଲା । ଅସହଯୋଗ ଆନ୍ଦୋଳନରେ ବ୍ରିଟିଶ ସରକାରଙ୍କ ଟିକସ ଆଦିବାସୀ ଅର୍ଥନୈତିକ ପରିସ୍ଥିତିକୁ ଅତି ମାତ୍ରାରେ ଆଘାତ ଦେଇଥିଲା । ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ଆଦିବାସୀ ସଂଗ୍ରାମୀ ବୀର ଲକ୍ଷ୍ମଣ ନାୟକ କୋରାପୁଟ ମାଥିଲି ଥାନାକୁ ଘେରାଉ କରିଥିଲେ । ପୋଲିସ ଓ ସଂଗ୍ରାମୀମାନଙ୍କ ମଧ୍ୟରେ ଗୁଳିଚାଳନା ହୋଇଥିଲା । ଲକ୍ଷ୍ମଣଙ୍କୁ ଦୋଷୀ ସାବ୍ୟସ୍ତ କରି ପରେ ଫାଶୀ ଦଣ୍ଡାଦେଶ ଦେଲେ । ସେ ଶହୀଦ ହେଲେ । ଅଗଷ୍ଟ ୨୧ ଥିଲା ଏହି ଗୁଳିକାଣ୍ଡ ଦିବସ ଏବଂ ଓଡିଶା ତଥା କୋରାପୁଟବାସୀଙ୍କ ଗର୍ବ, ଗୌରବ ଓ ବଳିଦାନର ଦିବସ ।

ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଦୋହରାଇଲେ ୧୯୪୨ ମସିହା ଅଗଷ୍ଟ ୧୫ ତାରିଖରେ ଜୟପୁର ତାଲୁକା ଓ ଥାନା ଘେରାଉ ହେଲା । ସେହିଦିନ ଠାରୁ ଲକ୍ଷ୍ମଣ ପୋଲିସର ନଜର ବନ୍ଦୀରେ ରହିଲେ ।

ଏହି ସ୍ୱାଧୀନତା ସଂଗ୍ରାମର ସେନାପତି ହେଲେ ଲକ୍ଷ୍ମଣ ନାୟକ । ତାଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ମାସ ୨୧ ତାରିଖରେ ସଂଗ୍ରାମୀମାନେ ମାଥିଲି ଥାନା ଘେରାଉ କଲେ । ସେ ଦିନ ମାଥିଲି ସାପ୍ତାହିକ ହାଟରେ ସଭାକରି ସବୁ ସଂଗ୍ରାମୀ ଯେତେବେଳେ ଥାନା ଘେରାଉ କଲେ ପୋଲିସ ବାହିନୀ ଭୟଭୀତ ହୋଇଗଲେ । ଏଥିରେ ସଂଗ୍ରାମୀମାନଙ୍କର ଆନ୍ଦୋଳନ ରୋକିବା ପୋଲିସ ପାଇଁ କାଠିକର ପାଠ ହେଲା । ଲାଠି ଚାର୍ଜ ଏବଂ ପୋଲିସ ଗୁଳିରେ ଫରେଷ୍ଟ ଗାର୍ଡ ରାମାୟା ମୃତ୍ୟୁବରଣ କଲେ ।

ପୋଲିସ ରାମାୟାର ମୃତ୍ୟୁରେ ଲକ୍ଷ୍ମଣ ନାୟକଙ୍କୁ ମିଥ୍ୟାରେ ଦୋଷୀ ସାବ୍ୟସ୍ତ କଲେ । ଅନେକ ଆନ୍ଦୋଳନକାରୀ ଅଚେତ ହୋଇ ପଡିରହିଲେ । ଲକ୍ଷ୍ମଣ ନାୟକ ମଧ୍ୟ ଅଚେତ ଅବସ୍ଥାରୁ ଚେତା ଫେରିବା ପରେ ସେହ ଅଞ୍ଚଳରୁ ଫେରି ଆସି ରାମଗିରି ଜଙ୍ଗଲରେ ଆତ୍ମଗୋପନ କଲେ । ପୋଲିସ ଲକ୍ଷ୍ମଣଙ୍କ ସମସ୍ତ ସହଯୋଗୀ ଓ ତାଙ୍କ ଗ୍ରାମବାସୀଙ୍କୁ ଅନେକ ଯନ୍ତ୍ରଣା ଦେବାରୁ ଲକ୍ଷ୍ମଣ ଅଗଷ୍ଟ ୨୮ ତାରିଖରେ ନିଜ ଗାଁକୁ ଫେରିଆସିଲେ । ସେପ୍ଟେମ୍ବର ମାସ ୨ ତାରିଖରେ ପୋଲିସ ଲକ୍ଷ୍ମଣଙ୍କୁ ଗିରଫ କଲା । ଲକ୍ଷ୍ମଣଙ୍କ ବିରୋଧରେ ମୋକଦ୍ଦମା ଚାଲିଲା । ପ୍ରଥମେ ତାଙ୍କୁ କୋରାପୁଟ ଜେଲର ୨୪ ନଂ ସେଲ୍‌ରେ ଏବଂ ପରେ ବ୍ରହ୍ମପୁର ଜେଲକୁ ପଠାଗଲା । ମକଦ୍ଦମା ବିଚାରରେ ତାଙ୍କୁ ଫାଶୀ ଦଣ୍ଡାଦେଶ ହେଲା । ୧୯୪୩ ମସିହା ମାର୍ଚ୍ଚ ମାସ ୨୯ ତାରିଖରେ ଲକ୍ଷ୍ମଣଙ୍କୁ ଫାଶୀ ଦିଆଗଲା । ସେ ଶହୀଦ ହେଲେ ଏବଂ ସେହି ଦିବସକୁ ସ୍ମରଣ ରଖିବା ପାଇଁ ଜୟପୁର ପୌର ପରିଷଦ ଟାଉନ୍ ହଲ୍‌ର ନାମକରଣ ସେଇ ଅନୁଯାୟୀ କରାଯାଇଛି ।



ଆଜି ଅଗଷ୍ଟ ମାସ ୨୧ ତାରିଖକୁ ଇତିହାସ ପୃଷ୍ଠାରେ ମାଥିଲି ଗୁଳିକାଣ୍ଡ ଦିବସ ଭାବେ ସ୍ମରଣ କରାଯାଉଛି ଏବଂ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି । କିନ୍ତୁ କୋରାପୁଟ ଶହୀଦ ପୀଠ ତେନ୍ତୁଳିଗୁମ୍ମା ଗ୍ରାମର ଅନେକ ସମସ୍ୟା ରହିଛି । ୧୯୫୨ ମସିହାରେ ତେନ୍ତୁଳିଗୁମ୍ମାଠାରେ ଶହୀଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ପ୍ରାୟ ୨୫୦ ସଂଖ୍ୟା ବିଶିଷ୍ଟ ଛାତ୍ରଛାତ୍ରୀଙ୍କ ଏହି ବିଦ୍ୟାଳୟ ଯଦିଓ କୋରାପୁଟ ଜିଲ୍ଲା ଅନ୍ତର୍ଗତ, କୋରାପୁଟରୁ ଏଠାକୁ ସିଧାସଳଖ ଯୋଗାଯୋଗ ନାହିଁ । ମାଲକାନଗିରି ଜିଲ୍ଲାରୁ ଏହା ସଂଯୁକ୍ତ ।

ଏଣୁ ବିଦ୍ୟାଳୟରେ କୋରାପୁଟ ଜିଲ୍ଲାର ଶତକଡା ୪୦ ଭାଗ ଏବଂ ମାଲକାନଗିରି ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଶତକଡା ୬୦ ଭାଗ ପାଠ ପଢୁଛନ୍ତି । କୋରାପୁଟ ଜିଲ୍ଲାର କୁମ୍ଭୀକାର ଗ୍ରାମ ନିକଟରେ ନଦୀରେ ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଦୂରତା କମିବା ସହ କୋରାପୁଟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ଗରିଷ୍ଠତା ବଢିବ ଏବଂ ଏହି ଅଞ୍ଚଳ ପାଖାପାଖି ୧୨ ଗୋଟି ଗ୍ରାମର ଛାତ୍ରଛାତ୍ରୀ ଶିକ୍ଷା ଲାଭ ପାଇ ଉପକୃତ ହେବେ । ଅଞ୍ଚଳର ପାନୀୟ ଜଳ ଯୋଗାଣ ପାଇଁ ମଧ୍ୟ ଏକ ବୃହତ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଅଛି । ତେନ୍ତୁଳିଗୁମ୍ମାର ଆଶ୍ରମ ବିଦ୍ୟାଳୟକୁ ମହାବିଦ୍ୟାଳରେ ପରିଣତ କରାଗଲେ, ଏହି ଅଞ୍ଚଳର ଅନେକେ ଉଚ୍ଚ ଶିକ୍ଷା ପାଇପାରିବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସୂର୍ଯ୍ୟ ନାରାୟଣ ସାବତ ଆଶା ପ୍ରକାଶ କରନ୍ତି ।

ଆଜି ଦିନରେ ମାଥିଲି ଗୁଳିକାଣ୍ଡ ଦିବସ ପାଳନ କରି ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଜନ୍ମ ସ୍ଥାନ ଶହୀଦ ପୀଠ ତେନ୍ତୁଳିଗୁମ୍ମା ଗ୍ରାମର ଉନ୍ନତିକରଣ କରାଗଲେ ଶହୀଦଙ୍କ ପାଇଁ ତାହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।

**ଏସୋସିଏଟ୍ ପ୍ରଫେସର**
**ଇିଷ୍ଲେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ,କୋରାପୁଟ**
**ମୋ–୯୪୩୭୧ ୮୧୫୯୯**

**ଆଦିବାସୀ ସଂଗ୍ରାମୀ ବୀର ଲକ୍ଷ୍ମଣ ନାୟକ କୋରାପୁଟ ମାଥିଲି ଥାନାକୁ ଘେରାଉ କରିଥିଲେ । ପୋଲିସ ଓ ସଂଗ୍ରାମୀମାନଙ୍କ ମଧ୍ୟରେ ଗୁଳିଚାଳନା ହୋଇଥିଲା । ଲକ୍ଷ୍ମଣଙ୍କୁ ଦୋଷୀ ସାବ୍ୟସ୍ତ କରି ପରେ ଫାଶୀ ଦଣ୍ଡାଦେଶ ଦେଲେ । ସେ ଶହୀଦ ହେଲେ । ଅଗଷ୍ଟ ୨୧ ଥିଲା ଏହି ଗୁଳିକାଣ୍ଡ ଦିବସ ଏବଂ ଓଡିଶା ତଥା କୋରାପୁଟବାସୀଙ୍କ ଗର୍ବ, ଗୌରବ ଓ ବଳିଦାନର ଦିବସ ।**

## ଜଗତସିଂହପୁର ଡାଏରି-୬

# ଅଚକ୍ଷୁର ଦୃଷ୍ଟି



ସଂଗ୍ରାମ ମହାପାତ୍ର

ସମୟ ରାତି ଗୋଟାଏ । 'ଜନ୍ମଭୂମିର ଯୋଦ୍ଧାମାନେ' ପୁସ୍ତକ ପାଇଁ ମୁଁ ଲେଖା ଆରମ୍ଭ କରିଥାଏଁ । ସେପ୍ଟେମ୍ବର ମାସ, ପ୍ରକୋଷ୍ଠରେ ନିରବତା । ଏକାଗ୍ର ଚିତ୍ତରେ ମୁଁ ଭାବୁଥାଏ କପିଳେନ୍ଦ୍ର ଦେବଙ୍କ ସମୟ, ଦାକ୍ଷିଣାତ୍ୟ ଅଭିଯାନ, ତାଙ୍କ ସାମ୍ରାଜ୍ୟ, ବୀରତ୍ୱ, ଦର୍ପ–ଏମିତି କେତେ କ'ଣ ! ହଠାତ୍ ନାକରେ ଅଗରୁ ଓ ଚନ୍ଦନର ମହ ମହ ବାସ୍ନା ମୋତେ ରୁନ୍ଧି ପକାଇଲା । ମୁଁ କିଛି କ୍ଷଣ ପାଇଁ ପ୍ରକୃତିସ୍ଥ ହୋଇ ନାକକୁ ହାତରେ ଦଳି ପୁନଶ୍ଚ ଲେଖାରେ ମନୋନିବେଶ କଲି ।

ପୃଷ୍ଠାଏ ଲେଖିଛି କି ନାହିଁ, ପୂର୍ବ ଠାରୁ ଅଧିକ ତୀବ୍ର ମହ ମହ ବାସ୍ନାରେ ମୁଁ ଯେପରି ଶ୍ୱାସରୁଦ୍ଧ ହୋଇଗଲି ! ଲେଖାରୁ ମନ ଫେରାଇ ଶୟନ ପ୍ରକୋଷ୍ଠ କଡରେ ଥିବା ଠାକୁର ଘର କବାଟ ଖୋଲି ଦେଖିଲି ! କାହିଁ କୌଣସି ଧୂପବତୀ ଜଳୁ ନାହିଁ କି, ଅଗରୁ ଶିଶି ଖୋଲାନାହିଁ କି ଚନ୍ଦନ ପେଡିରେ ଘୋରା ହୋଇ ବି ନାହିଁ ! ପୂର୍ବରୁ ମନରେ ଭାବି ନେଇଥିଲି ଯେ ପତ୍ନୀ ବୋଧହୁଏ ସନ୍ଧ୍ୟା ଆଳତୀ ପରେ ଅଗରବତୀ ନ ଲିଭାଇ ଠାକୁର ଘର କବାଟ ଆଉ ଦେଇ ନ ଥିବେ ! ସେହି ବାସ୍ନାଟା ଠାକୁର ଘର ଫାଙ୍କ ଦେଇ ଶୟନ ପ୍ରକୋଷ୍ଠରେ ପ୍ରବେଶ କରୁଛି ! କାହିଁ ସେପରି ତ କିଛି ନାହିଁ ! ମୁଁ ଏହାକୁ ଗୁରୁତ୍ୱ ନ ଦେଇ ଫେରିଆସି ଶୟନ ପ୍ରକୋଷ୍ଠରେ ପଡିଥିବା ଚୌକିରେ ବସି ପୂର୍ବବତ୍ ଲେଖା ଆରମ୍ଭ କଲି । ଆଉ ଏକ ପୃଷ୍ଠା ଲେଖିଛି କି ନାହିଁ ପୁଣି ସେହି ଅଗରୁ ଓ ଚନ୍ଦନର ସୁଗନ୍ଧରେ ନାକ ରୁନ୍ଧି ହେଲା । ଏଥର ମୁଁ ଆଶ୍ଚର୍ଯ୍ୟ ହେବା ସହ ଭୟ କଲି । ଭାବିଲି ଏହା କୌଣସି ବିଷଧର ସର୍ପ ବା ଲୁକ୍କାୟିତ ରାତ୍ରିଚର ପ୍ରାଣୀର ଦେହର ବାସ୍ନା ହୋଇପାରିଥାଏ ! କାରଣ କେଉଁ ଦିନରୁ ଶୟନ ପ୍ରକୋଷ୍ଠରେ ଛାତ ଉପରେ ଏକ ବିରାଟ ବେଲ ଗଛ ଦଣ୍ଡାୟମାନ ।

ମଝିରେ ମଝିରେ ନିଶାର୍ଦ୍ଧରେ ପାଚିଲା ବେଲ ଛାତରେ ପଡି ବାଣ ଫୁଟିଲା ଭଳି ଶବ୍ଦସଦୃଶ ମନେହୁଏ । ଲେଖା ଛାଡି ସାମନା କବାଟ ଖୋଲି ପୋର୍ଟିକୋ ଓ କ୍ଷୁଦ୍ର ଘାସ ଗାଲିଚାର ଉଦ୍ୟାନକୁ ନିରେଖି ଚାହିଁଲି । ନିଶାର୍ଦ୍ଧର ନିରବତା ସହ ନିଅନ ଆଲୋକର ବିଚ୍ଛୁରଣରେ ସେପରି କିଛି ଦୃଷ୍ଟିଗୋଚର ହେଲା ନାହିଁ । ବିଶାଳ ଦେବଦାରୁ ଗଛର ଶୀର୍ଷ ପବନର ସ୍ପର୍ଶରେ ମୃଦୁ ହଲଚଲ ହେଉଛି ।

କିଛି କ୍ଷଣ ଛିଡା ହୋଇ କବାଟ ବନ୍ଦ କରି ପୁନଶ୍ଚ ଶୟନ ପ୍ରକୋଷ୍ଠକୁ ଫେରି ଲେଖାରେ ପୂର୍ବବତ୍ ମନୋନିବେଶ କରିବାକୁ ଚାହିଁବା ମାତ୍ରକେ, ପୁନଶ୍ଚ ସେହି ସୁଗନ୍ଧ ମୋତେ ବ୍ୟତିବ୍ୟସ୍ତ କରିପକାଇଲା । ଶୟନରତା ପତ୍ନୀଙ୍କୁ ଗାଢ଼ ନିଦରୁ ଉଠାଇ ଏପରି ଗନ୍ଧ ତାଙ୍କୁ ଜଣାପଡୁଛି କି ବୋଲି ଜାଣିବାକୁ ଚାହିଁଲି । ନିଦୁଆ ଆଖିରେ ସେ ବିରକ୍ତ ହେବା ସହିତ ମନା କଲେ ।

ମୋତେ ପଢା ଟେବୁଲ ଲ୍ୟାମ୍ପ ଲିଭାଇ ଶୋଇବାକୁ ଉପଦେଶ ଦେବା ସହ ଠାକୁର ଘର ଖୋଲି ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ କରିବାକୁ କହିଲେ । କହିବା ବାହୁଲ୍ୟ, ମୋର ଶୈଶବ କାଳରେ ଜେଜେଙ୍କ ସହ ମୁଁ ପାଇକା ନଦୀକୁ ଗାଧୋଇବାକୁ ଯାଏ । ଜେଜେଙ୍କ ନାମ ଥିଲା ଧର୍ମାନନ୍ଦ ଓ ବାସ୍ତବିକ ସେ ମଧ୍ୟ ବଡ ଧର୍ମପରାୟଣ ଲୋକ ଥିଲେ । ନଈରେ ଗାଧୋଇ ସାରି ପାପୁଲିରେ ଜଳ ଟେକି ସୂର୍ଯ୍ୟଙ୍କୁ ପ୍ରାର୍ଥନା ପୂର୍ବକ 'ଜବାକୁସୁମ ସଂକାଶଂ କାଶ୍ୟପେୟ ମହାଦ୍ୟୁତିଂ' ଗାନ କରି ସ୍ନାନ ସାରି ଶ୍ଲୋକ ଗାଇ ଗାଇ ଘରକୁ ଫେରନ୍ତି । ମୁଁ କିଛି ବୁଝିପାରେ ନାହିଁ । କେବଳ ଗୋଟିଏ ଧାଡି ମନେ ରହିଥାଏ 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁଃମେ' । ଯୌବନାବସ୍ଥାରେ ଜାଣିଲି ଜେଜେ ସେତେବେଳେ 'ଜଗନ୍ନାଥ ଅଷ୍ଟକମ୍'ବାଟରେ ଗାଇ ଗାଇ ଘରକୁ ଫେରନ୍ତି । ପ୍ରତ୍ୟେକ ଦିନ ସ୍ନାନ ସାରି ମହାପ୍ରଭୁଙ୍କ ପାଖରେ 'ଜଗନ୍ନାଥ ଅଷ୍ଟକମ୍' ଗାନ କରି ମୁଁ ଅଫିସ ବାହାରେ ବା କୌଣସି କାର୍ଯ୍ୟ କରେ । ପ୍ରତ୍ୟେକ ବର୍ଷ ରଥଯାତ୍ରା ପରଦିନ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ ଦର୍ଶନ କରି ଆମେ ସପରିବାର ଘରକୁ ଫେରୁଁ ।

ଏହି କିଛି ବର୍ଷ ହେବ ମାତ୍ରାଧିକ୍ୟ ସରକାରୀ କାର୍ଯ୍ୟ ଯୋଗୁଁ କରି ପାରି ନାହିଁ । ଅବଶ୍ୟ ଜଗତସିଂହପୁରରେ ସିଦ୍ଧଳ ରଥଯାତ୍ରାରେ ଜିଲ୍ଲାପାଳ ଠାକୁର ରାଜା ହୋଇ ଛେରାପହଁରା କରିବାର ପରମ୍ପରାଟିଏ ଅଛି । ଠାକୁର ଘର ଖୋଲି ମହାପ୍ରଭୁଙ୍କୁ ହାତ ଯୋଡି ପ୍ରଣାମ କରି ଶୋଇବାକୁ ଗଲାବେଳେ ମନରେ କି ଅଭୂତପୂର୍ବ ଆନନ୍ଦ ! ମହାପ୍ରଭୁଙ୍କର କି ଅଦ୍ଭୁତ ମାୟା ଓ କି ରହସ୍ୟମୟ ସନ୍ଦେଶ ! ଏପରି ସୁଗନ୍ଧ ପରଦିନ ଅଫିସରେ ପ୍ରାୟ ଏଗାରଟା ଯାଏଁ ରହି ଆପେ ଉଭେଇଗଲା । ମାତ୍ର କିଛି ଦିନ ପରେ ସପରିବାର ଯାଇ ଶ୍ରୀମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରି ଫେରିଲୁ ।

ଏପରି ଘଟଣାଟି ଆଜିଯାଏଁ ମୋ ମନରେ ରହସ୍ୟ ତଥା ଶକ୍ତିଶାଳୀ ଦିବ୍ୟ ପ୍ରେରଣାର ସନ୍ଦେଶ ଭାବରେ ରହି ଆସିଛି । କାହିଁ କେତେ ବର୍ଷରୁ ନେତ୍ରୋତ୍ସବ ଦିନ ଆମ ଘରେ ମହାପ୍ରଭୁଙ୍କ ଷୋଡଶ ଉପଚାର ପୂଜା ମଧ୍ୟ ହୋଇଆସୁଛି । ଏପରି ସୁଗନ୍ଧର ସୂକ୍ଷ୍ମ ଅନୁଭୂତି ସତରେ କେତେ ପ୍ରାଣବନ୍ତ ! ଶୈଶବ ଠାରୁ ପୌଢାବସ୍ଥା ଯାଏଁ ଜୀବନ ଯାତ୍ରାରେ ଏଭଳି ଏକ ଶାଶ୍ୱତ ଅନୁଭବ କ'ଣ ଅଚକ୍ଷୁର ଦୃଷ୍ଟି ! ଅନୁସନ୍ଧିତ୍ସୁ ଆଧ୍ୟାତ୍ମିକ ମନର ଏକ ଦିବ୍ୟ ଆବିଷ୍କାର !

*(କ୍ରମଶଃ)*

**ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ,**
**ଓଡ଼ିଶା, ବ୍ରହ୍ମପୁର**

**ଏପରି ଘଟଣାଟି ଆଜିଯାଏଁ ମୋ ମନରେ ରହସ୍ୟ ତଥା ଶକ୍ତିଶାଳୀ ଦିବ୍ୟ ପ୍ରେରଣାର ସନ୍ଦେଶ ଭାବରେ ରହି ଆସିଛି । କାହିଁ କେତେ ବର୍ଷରୁ ନେତ୍ରୋତ୍ସବ ଦିନ ଆମ ଘରେ ମହାପ୍ରଭୁଙ୍କ ଷୋଡଶ ଉପଚାର ପୂଜା ମଧ୍ୟ ହୋଇଆସୁଛି । ଏପରି ସୁଗନ୍ଧର ସୂକ୍ଷ୍ମ ଅନୁଭୂତି ସତରେ କେତେ ପ୍ରାଣବନ୍ତ ! ଶୈଶବ ଠାରୁ ପୌଢାବସ୍ଥା ଯାଏଁ ଜୀବନ ଯାତ୍ରାରେ ଏଭଳି ଏକ ଶାଶ୍ୱତ ଅନୁଭବ କ'ଣ ଅଚକ୍ଷୁର ଦୃଷ୍ଟି ! ଅନୁସନ୍ଧିତ୍ସୁ ଆଧ୍ୟାତ୍ମିକ ମନର ଏକ ଦିବ୍ୟ ଆବିଷ୍କାର !**

# କିଛି ବଚନ ମୌନରେ ହୋଇଥାଏ

ମନୋଜ କୁମାର ବେହେରା

କିଛି ବଚନ ମୌନ ହୋଇଥାଏ କିନ୍ତୁ ଏହାକୁ ଯୁଗ ଯୁଗ ପର୍ଯ୍ୟନ୍ତ ନିର୍ବାହ କରାଯାଏ । ଆପଣ ଜନକପୁରର ସେହି ମଣ୍ଡପରେ ଛିଡା ହୋଇଛନ୍ତି ଯେଉଁଠି ଦିଶା ଅଟକି ଯାଇଛି । ଯେଉଁଠି ପୁଷ୍ପ ବର୍ଷାର ଗନ୍ଧରେ ଗଙ୍ଗାର ଶୁଦ୍ଧ ଜଳରେ ମିଳେଇ

ଅମୃତବାଣୀ

ଯାଇଛି । ଯେଉଁଠି ପ୍ରତ୍ୟେକ ଆଖି ନରମି ଯାଇଛି ଆଉ ପ୍ରତ୍ୟେକ ଆତ୍ମା ସାକ୍ଷୀ ହୋଇ ରହିଛି ।

ଅଗ୍ନିକୁଣ୍ଡର ପାଖରେ ସୀତା ଆଉ ରାମ ପରିକ୍ରମା କରୁଥିଲେ କିନ୍ତୁ ସେଠି ଯେମିତି ବେଦ ମଧ୍ୟ ମୌନ ହୋଇ ରହିଥିଲା । ଆଉ ସେତେବେଳେ ସୀତାଙ୍କ ଆଖିରେ ଗୋଟିଏ ପ୍ରଶ୍ନ ଝଲକୁ ଥିଲା ।

'ପ୍ରଭୁ ଯଦି ଗୋଟିଏ ଦିନ ଏମିତି ଆସିବ ଯେତେବେଳେ ଆପଣ ନା' କିଛି କରି ପାରିବେ ନା' ମୁଁ କିଛି ଶୁଣି ପାରିବି,' ସେତେବେଳେ କ'ଣ ଆପଣଙ୍କ ଆତ୍ମା ମୋତେ ଚିହ୍ନିବାକୁ ଲାଗିବ? ରାମ କିଛି କହିଲେ ନାହିଁ । କିନ୍ତୁ ଗୋଟିଏ କ୍ଷଣ ପାଇଁ ତାଙ୍କର ଦୃଷ୍ଟି ଗଭୀରତାରେ ସୀତାଙ୍କ ଉପରେ ଖେଳିଗଲା ।

ଆଉ ତା'ପରେ ଗୋଟିଏ ମୌନ ବଚନ ଜନ୍ମ ନେଲା ।

ଯାହା ନା'ଶାସ୍ତ୍ରରେ ଲେଖାଗଲା ନା'ଇତିହାସରେ କୁହାଗଲା । କିନ୍ତୁ ଆଜି ପର୍ଯ୍ୟନ୍ତ ତାହାର ନିର୍ବାହ କରାଯାଉଛି । କ'ଣ ଏହି ବଚନ ସାଧାରଣ ନଥିଲା ? କାହିଁକି ଏହି ବାଣୀକୁ ନର୍ବାହ କରିବା ପାଇଁ ରାମ ଆଉ ସୀତାଙ୍କୁ ଯୁଗ–ଯୁଗ ପର୍ଯ୍ୟନ୍ତ ଅଲଗା ରହିବାକୁ ପଡିଲା । ଯେତେବେଳେ



ରାମ ବନବାସକୁ ଗଲେ ସେତେବେଳେ ବନ୍ଧନର ନିର୍ବାହ କରୁଥିଲେ ।

ଯେତେବେଳେ ସୀତା ଅଗ୍ନି ପରୀକ୍ଷା ଦେଲେ ସେଠାରେ ମୌନ ଜୀବିତ ଥିଲା । ଆଉ ଯେତେବେଳେ ଧରିତ୍ରୀ ମା'ସୀତାଙ୍କୁ ନିଜ ଭିତରକୁ ନେଇଗଲେ ରାମ କୌଣସି ଶପଥ ଦେଇ ନଥିଲେ । କାହିଁକି ସେହି ମୌନ ବଚନରେ ସବୁକିଛି ଥିଲା । କିନ୍ତୁ କଥା ଏଠାରେ ଶେଷ ହୋଇ ନଥିଲା । ଏହି ବଚନକୁ ନିର୍ବାହ କରିବା ପାଇଁ ରାମ ଆଉ ସୀତା ଆଜି ବି କୌଣସି ଜାଗାରେ ଜନ୍ମ ନେଇଥିବେ ।

କେବେ ଭକ୍ତ ଆଉ ଭକ୍ତି ହୋଇକରି, କେବେ ପ୍ରତୀକ୍ଷା ଆଉ ଦର୍ଶନ ହୋଇକରି ଆଉ କେବେ ମୌନ ପୀଡା ଆଉ ଅର୍ନ୍ତମନର ଡାକ ହୋଇ କରି ହୁଏତ ।

ଏହା କେବଳ ଗୋଟିଏ ବଚନ ନୁହେଁ,ଏହା ଯୁଗ ଯୁଗରୁ ଚାଲି ଆସିଥିବା ମୌନ ସଂକଳ୍ପ ଅଟେ । ଯାହା ପ୍ରତ୍ୟେକ ଜନ୍ମରେ ନିର୍ବାହ କରାଯାଏ ।

**ପ୍ଲଟ ନମ୍ବର–୨୧୭/ପି,**
**ବାୟାବାବା ମଠ ଲେନ୍,**
**ୟୁନିଟ୍–୯(ଫ୍ଲାଟ),**
**ଭୁବନେଶ୍ୱର–୨୨**
**ମୋ–୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩୦ ଦିନ...

ସରକାର ଚଳାଇବା କି ଠିକ୍ କି ନାହିଁ ସେ ନିଷ୍ପତ୍ତି ଜନତାଙ୍କୁ ନେବାକୁ ପଡ଼ିବ । ଏହାଛଡା କେନ୍ଦ୍ରଶାସିତ ଅଞ୍ଚଳ ସରକାର ସଂଶୋଧନ ବିଲ୍ ଜମ୍ମୁ-କାଶ୍ମୀର ପୁନର୍ଗଠନ ବିଲ୍ ଆଗତ କରାଯାଇଛି । ୩ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଦିଆଯାଇଛି । ବିଲ୍‌କୁ ବିରୋଧ କରି ରାହୁଲ ଗାନ୍ଧି କହିଥିଲେ ଯେ ଏହି ବିଲ୍‌ରେ ଥିବା ପ୍ରସ୍ତାବ ଦେଶକୁ ମଧ୍ୟଯୁଗକୁ ନେଇଯିବ । ମଧ୍ୟଯୁଗ ସମୟରେ ଯେଭଳି ରାଜା ଯାହାକୁ ଯେତେବେଳେ ଚାହୁଁଥିଲେ ବାହାର କରିଦେଉଥିଲେ ସେଭଳି ସ୍ଥିତି ସୃଷ୍ଟି ହେବ । ଯଦି କିଏ କୌଣସି ଅଭିଯୋଗର ସମ୍ମୁଖୀନ ହୁଏ ଓ ଇଡି ତାଙ୍କୁ ଗିରଫ କରେ ତେବେ ଗଣତାନ୍ତ୍ରିକ ଉପାୟରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ୩୦ ଦିନ ମଧ୍ୟରେ ବାହାର କରିଦିଆଯାଇପାରିବ । ଏଭଳି ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହେଁ । ଯେଉଁମାନେ ସମ୍ବିଧାନ ଉପରେ ଆକ୍ରମଣ କରୁଛନ୍ତି ସେମାନେ ଏବେ ତା'ର ରକ୍ଷା କଥା କହୁଛନ୍ତି ବୋଲି ରାହୁଲ କହିଥିଲେ । ବିରୋଧୀ ମେଣ୍ଟ ପକ୍ଷରୁ ଏହି ବିଲ୍‌କୁ ଦମନାତ୍ମକ ନୀତି ବୋଲି ବର୍ଣ୍ଣନା କରିବା ସହ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ସରକାରକୁ ଅସ୍ଥିର କରିବା ପାଇଁ ଉଦ୍ଦିଷ୍ଟ ବୋଲି ମତ ରଖିଛନ୍ତି । କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ବିଲ୍‌କୁ ତୀବ୍ର ବିରୋଧ କରି କହିଥିଲେ ଯେ ଏହା ସମ୍ବିଧାନ ବିରୋଧୀ । ଏହା ସମ୍ବିଧାନର ମୌଳିକ ନୀତିକୁ ଉଲ୍ଲଂଘନ କରୁଛି । ବର୍ତ୍ତମାନର କେନ୍ଦ୍ର ଗୃହମନ୍ତ୍ରୀ ମଧ୍ୟ ଗିରଫ ହୋଇଥିଲେ । ସେ ନୈତିକତା କାରଣରୁ ପଦ ଛାଡିଥିଲେ କି? ସାଂସଦଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ମୁଲତବୀ ରଖାଯାଇଥିଲା । ଶାହା କହିଥିଲେ ଯେ ଯେତେବେଳେ ସେ ମିଛ ମାମଲାରେ ଜେଲ୍ ଯାଇଥିଲେ ନୈତିକତା ଦୃଷ୍ଟିରୁ ପଦବୀରୁ ଇସ୍ତଫା ଦେଇଥିଲେ । ଆମେ ଏତେ ନିର୍ଲ୍ଲଜ ନୁହେଁ ଯେ ଆମେ ଚାହୁଁଛୁ ନୈତିକତାର ମୂଲ୍ୟ ବୃଦ୍ଧି ପାଉ । ସୂଚନାଯୋଗ୍ୟ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରୀୱାଲ ୬ ମାସ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ୨ ମାସ ଓ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମାସେରୁ ଉର୍ଦ୍ଧ୍ୱ କାଳ ଜେଲ୍‌ରେ ରହିଥିଲେ । ଯଦିଓ ହେମନ୍ତ ସୋରେନ୍ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ, ଅନ୍ୟ ଦୁଇଜଣ ଇସ୍ତଫା ଦେଇନଥିଲେ ।

## ନବୀନଙ୍କ...

ଦାସ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଆଜି ସନ୍ଧ୍ୟାରେ ନବୀନ ଫୋନ୍ କରି ଧନ୍ୟବାଦ ଜଣାଇଛନ୍ତି ।

## ସବୁ...

ବ୍ୟବହାର କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ସ୍କୁଲ କଲେଜର ଆସବାବପତ୍ର, ପୋଷାକ ଇତ୍ୟାଦିକୁ ଓଡିଶା ଏମ.ଏସ.ଏମ.ଇ ମାନଙ୍କରୁ କିଣିବା ପାଇଁ ଆଲୋଚନା ହୋଇଥିଲା । ଏହା ଫଳରେ ଏମ.ଏସ.ଏମ.ଇ କ୍ଷେତ୍ରର ଏହି ଉଦ୍ୟୋଗ ଗୁଡିକୁ ଉପଯୁକ୍ତ ପ୍ରୋତ୍ସାହନ ମିଳିପାରିବ । ଏମ.ଏସ.ଏମ.ଇ କ୍ଷେତ୍ରରେ ଅଧିକ ରପ୍ତାନୀ ଓ ଆମଦାନୀ ସୁବିଧା ପାଇଁ ଉଭୟ ସମୁଦ୍ରପଥ ଓ ଆକାଶପଥରେ କାର୍ଗୋ ସୁବିଧା ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

ଏମ.ଏସ.ଏମ.ଇ କ୍ଷେତ୍ରକୁ ବ୍ୟାଙ୍କ ଗୁଡିକ ପକ୍ଷରୁ ଯେପରି ଅଧିକ ଋଣ ମିଳିବ ଏବଂ ଋଣ ପ୍ରଦାନ ପ୍ରକ୍ରିୟା ଯେପରି ସରଳ ଓ ସୁବିଧାଜନକ ହେବ, ସେଥିପାଇଁ ବିଭାଗ ଦୃଷ୍ଟି ଦେବାକୁ ଏବଂ ଏ ସଂପର୍କରେ ନିରନ୍ତର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପିଏମ୍ ବିଶ୍ୱକର୍ମା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା, କ୍ଲଷ୍ଟର ବେସ୍‌ଡ ପ୍ରୋଜେକ୍ଟ ଗୁଡିକୁ ଅଧିକ ପ୍ରୋତ୍ସାହନ ଦେବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

ସୂଚନାଯୋଗ୍ୟ ଯେ ଭାରତ ସରକାରଙ୍କ ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଏମ.ଏସ.ଏମ.ଇ ରାଜ୍ୟରେ କାର୍ଯ୍ୟକ୍ଷମ ଅଛନ୍ତି ଏବଂ ଏହା ମାଧ୍ୟମରେ ୮୭ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିଛି ।

ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଏମ.ଏସ.ଏମ.ଇ ବିଭାଗର କମିଶନର-ତଥା-ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡୀ ଏବଂ ନିର୍ଦ୍ଦେଶକ ଆବୋଲି ସୁନିଲ ନରୱାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଉପ-ରାଷ୍ଟ୍ରପତି...

ଯାଇ ମହାତ୍ମା ଗାନ୍ଧିଙ୍କ ସମେତ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ । ଶ୍ରୀ ରାଧାକ୍ରିଷ୍ଣନ୍ ପୂର୍ବରୁ ଲୋକସଭାର ସଦସ୍ୟ ଥିବାବେଳେ ଝାଡଖଣ୍ଡ ଓ ତେଲେଙ୍ଗାନାର ରାଜ୍ୟପାଳ ଭାବେ କାର୍ଯ୍ୟ କରିଛନ୍ତି । ତାମିଲନାଡୁ ବିଜେପିର ମଧ୍ୟ ସେ ସଭାପତି ଥିଲେ । ବର୍ତ୍ତମାନ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ କାର୍ଯ୍ୟରତ ଥିଲେ ।

## ଷ୍ଟାଣ୍ଡାର୍ଡ...

ଯେପରି ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବେ, ସେଥିପାଇଁ ସରକାର ଏସବୁ ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ପଦ୍ମଶ୍ରୀ...

ମାଳା ଦେବୀଙ୍କ ପୁତ୍ର ଭାବେ ବିନୋଦ ଜନ୍ମଗ୍ରହଣ କରିଥିଲେ। ପାଠପଢା ଛାଡି ନିଜ କୌଳିକ ବୃତ୍ତିକୁ ଆପଣାଇ ଥିଲେ। ବାପାଙ୍କ ସେଲୁନରେ କାମ କରିବା ଆରମ୍ଭ କରିଥିଲେ। ସେହିପରି ୧୦ବର୍ଷ ବୟସରେ ବଲାଙ୍ଗୀର ପ୍ରସିଦ୍ଧ ରାମଜୀ ନାଟକ ପାର୍ଟିରେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ। ୧୯୫୩ରେ ସମ୍ବଲପୁର ସହରକୁ ଆସି କର୍ମଭୂମି ଭାବେ ବାଛି ନେଇଥିଲେ। ବୈଦ୍ୟନାଥ ଛକ ନିକଟରେ ନିଜର ସେଲୁନ କରି ସାହିତ୍ୟ ସର୍ଜ୍ଜନା ସୃଷ୍ଟି କରୁଥିଲେ। ସେଠାରେ କଲମ ଓ କଇଁଚିର ସମନ୍ୱୟ ଦେଖିବାକୁ ମିଳୁଥିଲା। ଗୁରୁ ଅରୁଣ ପ୍ରସନ୍ନ ସେଠଙ୍କ ପ୍ରେରଣାରେ ସମ୍ବଲପୁରୀ ଭାଷାରେ ଲେଖିବା ଆରମ୍ଭ କରିଥିଲେ। ସମୟକ୍ରମେ ଏହି ସେଲୁନ ସାହିତ୍ୟ ଓ ସଂସ୍କୃତି ପ୍ରେମୀଙ୍କ ମିଳନ କେନ୍ଦ୍ରରେ ପରିଣତ ହୋଇଥିଲା। ବହୁ ସାରସ୍ୱତ ସାଧକମାନେ ସେଲୁନକୁ ଆସୁଥିଲେ। ସେଠାରେ ଘଣ୍ଟାଘଣ୍ଟା ଧରି ସାହିତ୍ୟ ସମ୍ପର୍କରେ ଚର୍ଚ୍ଚା ଓ ଆଲୋଚନା ହେଉଥିଲା।

ସମ୍ବଲପୁରୀ ଗୀତି କବିତା ତାଙ୍କ ଅଳ୍ପ ଦିନରେ ପ୍ରସିଦ୍ଧି ଆଣି ଦେଇଥିଲା। ୧୯୬୫ ମସିହାରେ ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ଗୀତିକାର ଭାବେ ସ୍ୱୀକୃତି ପାଇଥିଲେ। ୨୦୨୪ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ସେ ଅନେକ ରାଜ୍ୟସ୍ତରୀୟ ସାହିତ୍ୟ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଥିଲେ। ୨୦୦୮ ରେ ରାଜ୍ୟ ସରକାର ସାରଳା ପୁରସ୍କାର, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସାରଦା ପ୍ରସନ୍ନ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପଶ୍ଚିମ ଓଡିଶା ସଂସ୍କୃତି ସମ୍ମାନ, ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ ଭଳି ୪୫ଟି ସମ୍ମାନରେ ସମ୍ମାନିତ ହୋଇଥିଲେ।

ବିଶିଷ୍ଟ ସାହିତ୍ୟିକ ବିନୋଦ ଆକାଶବାଣୀ କଟକ ଓ ସମ୍ବଲପୁର କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ। ଏ ନନୀ ସୁଲୋଚନା, ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋ ଜୀବନ, ବାଜୁଚେ ମାନ୍ଦଲ, ଗଲା ରାତି ଝୁମୁରାର ସୁରେ, ରଥର ଚକା ଚାଲେ ଘିଡି ଘିଡି ଭଳି ସୁପରହିଟ୍ ସମ୍ବଲପୁରୀ ଗୀତ ରଚନା କରିଥିଲେ। ସେହିପରି ଓଡିଆ ଚଳଚିତ୍ର ସମର୍ପଣ, ଆଦିବାସୀ, ପର ସ୍ତ୍ରୀ ଏବଂ ସମ୍ବଲପୁରୀ ଚଳଚିତ୍ର ଚିନି ପାଇଁ ମଧ୍ୟ ଗୀତ ରଚନା କରିଥିଲେ। ଏଥିସହ ଉଖୀ, ମୁଇଁ ନାଇଁ ମରେ, ଅଲାର, ଚିହ୍ନା, ଭରନା ଭଳି ୧୨ଗୋଟି ସମ୍ବଲପୁରୀ ନାଟକ ଓ ଗୀତିନାଟ୍ୟ ରଚନା କରିଥିଲେ। ୧୯୮୦ରେ ରଚିତ ପୂର୍ଣ୍ଣାଙ୍ଗ ନାଟକ ଉଖୀର ସଫଳତା ତାଙ୍କୁ ସାରା ଓଡିଶାରେ ନୂତନ ପରିଚୟ ପ୍ରଦାନ କରିଥିଲା। ତାଙ୍କ ପଛରେ ସେ ତାଙ୍କ ପୁଅ, ବୋହୂ ଓ ନାତି ନାତୁଣୀଙ୍କୁ ଛାଡି ଯାଇଛନ୍ତି । ସ୍ଥାନୀୟ ରାଜଘାଟ ଠାରେ ଅପରାହ୍ନରେ ପୋଲିସର ଗାର୍ଡ ଅଫ ଅନର ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବିଶ୍ୱଜିତ୍ ପଶାୟତ ମୁଖାଗ୍ନି ଦେଇଥିଲେ ।

## ସିଙ୍ଗଲୱିଣ୍ଡୋରେ...

ପୁଞ୍ଜି ବିନିଯୋଗ କରିବ । ସେହିଭଳି ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ୩ ପ୍ରକଳ୍ପରେ ୩୬୩ କୋଟି ଟଙ୍କା ଖର୍ଚ୍ଚ ହେବ । ବାୟୋ ଫୁଏଲ କ୍ଷେତ୍ରରେ ସୁନ୍ଦରଗଡରେ ୫୦ କୋଟି, ଇସ୍ପାତ ଓ ଆନୁଷଙ୍ଗିକ ଶିଳ୍ପ ଲାଗି ଦୁଇଟି ପ୍ରକଳ୍ପ ପ୍ରତିଷ୍ଠା କରାଯିବ । ବେଟାବିଲ୍ଟ ଟେକ୍ନୋଲୋଜି ପକ୍ଷରୁ ସୁନ୍ଦରଗଡରେ ୧୩୧.୫୫ କୋଟି, କୋଣାର୍କ ଇସ୍ପାତ ପକ୍ଷରୁ ଝାରସୁଗୁଡାରେ ୯୯୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବ । ଜଗନ୍ନାଥ କ୍ୟାରେଜ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଅନୁଗୁଳରେ ଭିତ୍ତିଭୂମି ଓ ଲଜିଷ୍ଟିକ୍ କ୍ଷେତ୍ରରେ ୧୧୧.୯୦ କୋଟି, ସ୍ୟାପେଣ୍ଟ ରିସର୍ଚ୍ଚ ପକ୍ଷରୁ ଅନୁଗୁଳରେ ୭୦ କୋଟି, ଖୋର୍ଦ୍ଧାରେ ବୈଦ୍ୟୁତିକ ଯାନ ପାଇଁ ୩୩୦ କୋଟି ପୁଞ୍ଜି ବିନିଯୋଗ କରାଯିବ । ସେହିଭଳି ଡିଜିଟାଲ ଓ ଆଇଟି କ୍ଷେତ୍ର, ଖାଦ୍ୟ ଓ ବ୍ରେଭେରେଜ କ୍ଷେତ୍ର ଲାଗି ମଧ୍ୟ ପାଖାପାଖି ୧୦୦୦ କୋଟି ଟଙ୍କା ପୁଞ୍ଜି ନିବେଶ କରାଯିବ ।

## ଡିଜିପିଙ୍କୁ...

ତଦନ୍ତର ସ୍ଥିତିକୁ ନେଇ ବିସ୍ତୃତ ରିପୋର୍ଟ ଦେବା ପାଇଁ । ଜାତୀୟ ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରି ଘଟଣାର ହସ୍ତକ୍ଷେପ କରିବାକୁ ନେଇ ସବୁ ମହଲରୁ ପ୍ରଶଂସା କରାଯାଇଛି ।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ଶୋକ

ସମ୍ବଲପୁର,(ସବ୍ୟ): ଓଡିଶାର ବିଶିଷ୍ଟ ସାହିତ୍ୟ ସାଧକ ବିନୋଦ ପଶାୟତଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି। ଆଜି ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ସ୍ଥାନୀୟ ସେନପାର୍କ ସ୍ଥିତ ବାସଭବନ ଓ ରାଜଘାଟରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେଠାରେ ରୀତିନିତୀ ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜିଲ୍ଲା ପ୍ରଶାସନ, ପୋଲିସ, ରାଜନେତା, ସାହିତ୍ୟିକ ଓ ସାମାଜିକ କର୍ମୀ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ନିଜ ଶୋକ ପ୍ରକଟ କରି କହିଛନ୍ତି ଯେ ସମ୍ବଲପୁରର ପ୍ରସିଦ୍ଧ ନାଟ୍ୟକାର, କବି ଓ ଲେଖକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗ ଶୁଣି ମୁଁ ମର୍ମାହତ। ସମ୍ବଲପୁରୀ ସାହିତ୍ୟର ପରିଚୟକୁ ସମ୍ପୂର୍ଣ୍ଣ ଭାରତ ଭୂମିରେ ପ୍ରଚାର କରିବାରେ ତାଙ୍କ ଅବଦାନ ଅତୁଳନୀୟ ଅଟେ। ତାଙ୍କ ବିୟୋଗ ସାହିତ୍ୟ, ସଂସ୍କୃତି ପାଇଁ ଏକ ବିରାଟ ଶୂନ୍ୟସ୍ଥାନ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗ ଆମ ସାହିତ୍ୟ ଓ ସଂସ୍କୃତି ପାଇଁ ଅପୂରଣୀୟ କ୍ଷତି। ଅମର ଆତ୍ମାର ଶାନ୍ତି କାମନା କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ଦୁଃଖ ସହିବା ପାଇଁ ଭଗବାନ ଶକ୍ତି ପ୍ରଦାନ କରନ୍ତୁ।

ସ୍ୱର୍ଗତ ପଶାୟତ ଦଶନ୍ଧୀ ଦଶନ୍ଧୀ ଧରି ସମ୍ବଲପୁରୀ ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଅମୂଲ୍ୟ ଯୋଗଦାନ ରଖି ସେ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସମ୍ବଲପୁରୀ ସାହିତ୍ୟକୁ ନୂଆ ଉଚ୍ଚତାରେ ପହଞ୍ଚାଇବାରେ ତାଙ୍କର ଯୋଗଦାନ ଅତୁଳନୀୟ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକଟ କରି କହିଛନ୍ତି ଯେ କବି, ନାଟ୍ୟକାର ଓ ସାହିତ୍ୟିକ ବିନୋଦ ପଶାୟତଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗ ଦୁଃଖଦ ବିଷୟ। ଦୀର୍ଘବର୍ଷ ଧରି ସମ୍ବଲପୁରୀ ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ଯେ ବିନୋଦ ବାବୁ ସଂସ୍କୃତି ଓ ପରମ୍ପରାର ଜୀବନବ୍ୟାପୀ ବାର୍ତ୍ତାବହ ଥିଲେ। ତାଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି। ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟର ସାହିତ୍ୟ ଓ କଳା କ୍ଷେତ୍ରରେ ବିନୋଦ ବାବୁଙ୍କ ଅବଦାନ ଅତୁଳନୀୟ। ସେ ଏକାଧାରରେ ସାହିତ୍ୟିକ, ଲେଖକ, ଅଭିନେତା ଓ ନାଟ୍ୟକାର ଭାବେ ସ୍ମରଣୀୟ ହୋଇ ରହିବେ। ସେହିପରି ପୂର୍ବତନ ବିଧାୟକ ଇଂ. ରୋହିତ ପୂଜାରୀ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ବିଦ୍ୟାଳୟରେ ଶତ ପ୍ରତିଶତ ଉପସ୍ଥାନ ବୃଦ୍ଧି ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, (ସବ୍ୟ) : ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ସଦର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, ମହାଦେଇ ଯୋଡାଠାରେ ବିଦ୍ୟାଳୟମାନଙ୍କରେ ଶତ ପ୍ରତିଶତ ଉପସ୍ଥାନ ବୃଦ୍ଧି ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇଂ ବିଘ୍ନେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାୟୀ ଲୋକ ଅଦାଲତର ପ୍ରଧାନ କାର୍ଯ୍ୟ ଓ ଉପସ୍ଥାନ କମ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସଚେତନତା ମାଧ୍ୟମରେ ଉପସ୍ଥାନ ବୃଦ୍ଧି ସମ୍ବନ୍ଧୀୟ ବିଭିନ୍ନ ଉପାୟ ବର୍ଣ୍ଣନା କରି ପ୍ରାଧିକରଣର ଭୂମିକା ସଂପର୍କରେ ଅବଗତ କରାଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ଶଶିରେଖା ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ଉକ୍ତ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇ ଶିବିର ପରିଚାଳନା କରିଥିଲେ । ଅତିରିକ୍ତ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଓମକାର ଅନେଓ୍ୱଶ ସରକାରଙ୍କ ବିଭିନ୍ନ ଯୋଜନା ଓ ପରିସଂଖ୍ୟାନ ଉପରେ ଅଭିବ୍ୟକ୍ତି ପ୍ରଦାନ କରିଥିବାବେଳେ ୨ ଜଣ ଛାତ୍ରୀଙ୍କ ସହ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ପାଠ ଛାଡି ଘରେ ରହୁଥିବା ଜଣେ ଛାତ୍ରୀ ଓ ୨ ଜଣ ଛାତ୍ର ତାଙ୍କ ଅଭିଭାବକଙ୍କ ସହ ବିଦ୍ୟାଳୟରେ ପାଠ ପଢା ଆରମ୍ଭ କରିଥିଲେ । ଏହି ସଭାରେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ,କଲ୍ୟାଣୀ ନାୟକ,ସ୍ୱିପା ସୁହାସିନୀ ସେଠୀ,ମୁମୀ ମୁଣ୍ଡା,ଶିକ୍ଷକ ଶ୍ରୀକାନ୍ତ ନାଏକ,ସତ୍ୟବ୍ରତ ମିଶ୍ର,ସଲମା ବାସ୍କେ ଉପସ୍ଥିତ ରହି ସଭା ପରିଚାଳନାରେ ସହାୟତା କରିଥିଲେ । ଉକ୍ତ ସଭାରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଦୃଷ୍ଟିରେ ଯଦି କେହି ୬ ରୁ ୧୪ ବର୍ଷର ପୁଅ ଝିଅ ବିଦ୍ୟାଳୟକୁ ନଯାଇ ଘରେ ରହନ୍ତି ତୁରନ୍ତ ବିଦ୍ୟାଳୟ କିମ୍ବା ଆଇନସେବା ପ୍ରାଧିକରଣରେ ଜଣାଇବାକୁ ସମ୍ମତି ପ୍ରଦାନ କରିଥିଲେ ।

# ସଂଯୋଗୀ ସାହିତ୍ୟ ସଂସଦର ସାଙ୍ଗଠନିକ ବୈଠକ

ଢେଙ୍କିକୋଟ, (ସବ୍ୟ): କୁଣ୍ଡାପିଠା ଘଟଗାଁ କେନ୍ଦୁଝରର ଆଗାମୀ ବାର୍ଷିକ ଉତ୍ସବ ଉପଲକ୍ଷେ ସଂଯୋଗୀ ସଜଫୁଲ କାର୍ଯ୍ୟାଳୟ ପରିସରରେ ସଂଯୋଗୀ ସାହିତ୍ୟ ସଂସଦର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଉପେନ୍ଦ୍ର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠାନର କର୍ମକର୍ତ୍ତା କମଳାକାନ୍ତ ମିଶ୍ର, ସନ୍ତୋଷ କୁମାର ପତି, ସରୋଜ କୁମାର ସେନାପତି, ଜ୍ୟୋତ୍ସ୍ନାରାଣୀ ଦାଶ,ସ୍ମିତାରାଣୀ ରାଉତ ଏବଂ ସଂପାଦକ ବାବୁଲାଲ ପଲେଇ ଯୋଗଦେଇ ଆଗାମୀ ବାର୍ଷିକ ଉତ୍ସବ ପାଳନ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ୨୦୨୬ ମସିହା ଜାନୁଆରି ୧୧ ତାରିଖ ରବିବାର ଦିନ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ସ୍ଥିର କରାଯାଇଛି । ଉକ୍ତ ମାସରେ ସ୍ୱର୍ଗତ ନୃସିଂହ ପ୍ରସାଦ ମହାନ୍ତିଙ୍କ ଶ୍ରାଦ୍ଧ ଦିବସ ପଡୁଥିବାରୁ ସଂଜୀବନୀ ସାହିତ୍ୟ ସଂସଦ ଭଣ୍ଡାର ସଂପାଦକ ଡମ୍ବରୁଧର ମହାନ୍ତଙ୍କ ପ୍ରସ୍ତାବ ବିଚାରକୁ ନିଆଯାଇ ତାହା ସେହି ଦିନ ପାଳନ କରିବା ନିମନ୍ତେ ପ୍ରସ୍ତାବ ରଖାଗଲା । ତାଙ୍କ ଅନୁଗାମୀ ମାନଙ୍କ ସହ ଆଲୋଚନା କରି ସ୍ୱର୍ଗତ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ନିରତା କବିତା ପତ୍ରିକା -ଫୁଲ ମଧ୍ୟ ଲୋକାର୍ପଣ କରାଯିବା ପାଇଁ ପ୍ରସ୍ତାବ ନିଆଗଲା । ବାର୍ଷିକ ଉତ୍ସବ ଉପଲକ୍ଷେ ଅତିଥି ମନୋନୟନ ଓ ୩୦ ଗୋଟି ଜିଲ୍ଲାରରୁ ୩୦ ଜଣ ସାରସତ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଣୁ ସାରସ୍ୱତ ସ୍ରଷ୍ଟାମାନଙ୍କ ନାମ ତାଲିକା ଆସନ୍ତା ସେପ୍ଟେମ୍ବର ମାସ ୩୦ ତାରିଖ ସୁଦ୍ଧା ଦେବାକୁ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ସଂପାଦକ ଶ୍ରୀ ପଲେଇ ଅନୁରୋଧ କରିଥିଲେ । କେନ୍ଦୁଝର ଜିଲ୍ଲାର ବରିଷ୍ଠ ଶିକ୍ଷାବିତ ଓ ସାହିତ୍ୟିକ କୈଳାସ ଚନ୍ଦ୍ର ତନ୍ତୀ ଅନୁଷ୍ଠାନର ଆଜୀବନ ସଦସ୍ୟ ଗ୍ରହଣ କରିବା ଏବଂ ହରିଚନ୍ଦନପୁର ବ୍ଲକର ସାହିତ୍ୟିକା ତଥା ସଂଗଠିକା ସୁଜାତା ଗୁପ୍ତା,ମୁଖପତ୍ର ସଂଯୋଗୀ ସଜଫୁଲର ପୃଷ୍ଠପୋଷକ ଗ୍ରହଣ କରି ଥିବାରୁ ଉକ୍ତ ବୈଠକରେ ସ୍ୱାଗତ ଓ ଅଭିନନ୍ଦନ ଜଣାଇବା ସହିତ ଉଚ୍ଚ ପ୍ରଶଂସା କରାଯାଇଛି ।

ଏହି ଅବସରରେ ପ୍ରତି ଦୁଇ ମାସରେ ଥରେ ଡିଜିଟାଲ ରୂପେ ପ୍ରକାଶ ପାଉଥିବା ନିରତା କବିତା ପତ୍ରିକା ଫୁଲ କୁ କର୍ମକର୍ତ୍ତା ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି । ପ୍ରକାଶ ଥାଉ କି ସମାଜରେ ଏକ ସଚେତନତା ସୃଷ୍ଟି କରିବା ସହିତ ବୃକ୍ଷ ରୋପଣକୁ ଉତ୍ସାହିତ କରିବା ନିମନ୍ତେ ଏହି ସଂଖ୍ୟାର ପ୍ରସଂଗ ରଖାଯାଇଥିଲା ଗଛ ଲଗାଇବା କାହା ପାଇଁ । ଏହି ସଂଖ୍ୟାର ଓଡ଼ିଶାର ପ୍ରାୟ ୨୮ ଜିଲ୍ଲାର ସ୍ରଷ୍ଟା ମାନଙ୍କ ଲେଖା ସ୍ଥାନିତ ହୋଇଛି ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
NATIONAL HIGHWAY CIRCLE, KEONJHAR
b-11
E-mail:-senhkeonjhar@gmail.com

OFFICE ORDER

FOR BID IDENTIFICATION NO.- CCEKC-02/2024-25

Letter no- 1259 Date- 18.08.2025

Due to some unavoidable circumstances, the Bid Identification no-CCEKC-02/2024-25 for the work "S/R to NH-53 from Km 176.400km to 244.100 km such as repair to distressed patches with Bituminous Concrete for the year 2024-25" **is hereby cancelled.**

Sd/- CHIEF CONSTRUCTION ENGINEER
N.H. CIRCLE, KEONJHAR.
OIPR: 34145/11/0009/2526

AFFIDAVIT

By virtue of an affidavit sworn before Executive Magistrate, Erasama dated, 14.07.2025 I, Pradip Padhihary Address- At- Gobindapur, P.O- Dhinkia, P.S- Abhayachandpur, Dist-Jagatsinghpur, Odisha, Pin code no- 754141 declare that I have changed my son's/ daughter's name from Sai Satyaswaruo Padhihari (old name) to Sai Satyasworup Padhihary (new name ). Henceforth, he / she shall be known as Sai Satyasworup Padhihary (new name) for all purposes.

Sai Satyasworup Padhihary
(Applicant name)

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
CAD- 1522
ଫୋନ୍ : (୦୬୭୪) ୨୩୯୩୫୨୪
ଏପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://.oshb.org.

ପତ୍ର ସଂଖ୍ୟା : ୧୭୧ **ବିଜ୍ଞାପନ** ତା : ୧୧.୦୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ - ଏସ୍‌ଏଫ୍-୧-୪୩୦-ସି (SF-1-430-C), ଶ୍ରୀ ସତ୍ୟସାଇ ଏନ୍‌କ୍ଲେଭ, ଆଇଗିଣିଆ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଶ୍ରୀ ଶକ୍ତି ସ୍ୱରୂପ, ପିତା- ଡ. ଗୋକୁଳାନନ୍ଦ ସାହୁ, ସା- ଘର ନଂ ଏଚ୍.ଡି-୧, ଗୋପବନ୍ଧୁ ନଗର, ଛେଣ୍ଡ କଲୋନୀ, ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଶକ୍ତି ସ୍ୱରୂପ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅବଲୀଣ ଆଧାରରେ ଶ୍ରୀମତୀ ସଙ୍ଗୀତା ମହାପାତ୍ର, ସ୍ୱାମୀ- ମନୋଜ କୁମାର ଦାଶ, ସା/ପୋ- ଉରଧା, ଥାନା- ଗୋବିନ୍ଦପୁର, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR: 13030/11/0815/2526

NOTICE

By virtue of an affidavit sworn before Executive Magistrate Daspalla, dt. 20.08.2025, I, Madhuri Ghadei ,W/o-Krushna Chandra Ghadei of village Baulabandha (Tangisahi), PO- Baulabandha, P.S- Banapur, Dist- Khurda, State- Odisha, Pin- 752034 declare that I have changed my name from Krushna Ghadei to Madhuri Ghadei. Henceforth, I shall be known as Madhuri Ghadei for all purposes.

Madhuri Ghadei
(New Name)

E-Mail I.D.-eepwdcuttack@gmail.com
Tel./ Fax No.(0671 )-2304128
B- 432
OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK
GOVERNMENT OF ODISHA ('e' PROCUREMENT NOTICE)
Bid Identification No. S.E. CTC(R&B)-29 of 2025-26

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Road work as mentioned below.
2. No. of Work :- **1 No.**
3. Nature of work :- **Road work.**
4. Class of Contractor :- **"B" Class**
5. Tender Paper Cost :- **Rs.10000/- (Online)**
6. Available of bid documents in the website :- **From 25/08/2025 to 5PM of 08/09/2025**
7. Date of Opening of Bid :- **11AM of 09/09/2025**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/- (Er. Md. Shahbaz)
Superintending Engineer,
Cuttack (R&B) Division No.I
OIPR: 34091/11/0095/2526

AFFIDAVIT

I, Pankaj Kumar Agrawal, S/O- Satyanarayan Agrawal resident of AT/PO.- Rairangpur, Ward No- 06, Dist- Mayurbhanj, Odisha, Pin- 757043 declare by this affidavit No.- 53, dtd- 19.08.2025 that now onwards I shall be known as **Pankaj Kumar Agarwal, S/O- Satyanarayan Agarwal** for all future purposes.
Sd/- Pankaj Kumar Agarwal

E-mail ID: eepwddeogarh@gmail.com
B- 424
OFFICE OF THE SUPERINTENDING ENGINEER
DEOGARH (R&B) DIVISION, DEOGARH
INVITATIONS FOR BIDS (IFB)

Letter No. 2254 Dtd. 19.08.2025
Invitation for Bids
Bid Identification **No. SE PWD DGR No. 11 of 2025-26**

| | | |
|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single cover system in ONLINE MODE only, for Construction of Road works as detailed below. | |
| 2. | Nature of work | Road works |
| 3. | No. of works | Road 07 Nos. |
| 4. | Bid Cost. | Rs. 6000/-& 10000/- |
| 5. | Class of Contractor | "D", "C" & "B" Class |
| 6. | Availability of Bid Documents in the website | From dt. 26.08.2025 to 17:00 hours of dt. 04.09.2025 |
| 7. | Date of Opening of Technical Bid | Dt. 06.09.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum/ corrigendum / cancellation of tender can also be seen in the said website only. | |

OIPR: 34061/11/0013/2526 Sd/- Superintending Engineer, Deogarh (R&B) Division

e-mail-eerwss_kpt@rediffmail.com, Ph.No. 06852-250281 (Off), Ph.No. 06852-250680 (Res), Fax.No.06852-251098.
O- 618
GOVERNMENT OF ODISHA
OFFICE OF THE SUPERINTENDING ENGINEER, RWSS DIVISION, KORAPUT
National Competitive Bidding Through E-Procureinent
Tender Identification No.10/SE/RWSS/KPT/2025-26/16.08.2025

The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website **www.tenderorissa.gov.in** separately for the works.

| | | |
|---|---|---|
| 1 | Nature of work. | Power supply to PWS Projects |
| 2 | Estimated Cost. | Varies from 6.28 Lakhs to 9.73 lakhs |
| 3 | Total Nos of works | 4 nos. |
| 4 | Tender cost | Rs. 4,000.00 |
| 5 | Class of Contractor. | HT, (Elect) |
| 6 | Availability of Bid document in the web site | Dt. 25.08.2025 at 17.00 hours to 03.09.2025 up to 17.00 hours. |
| 7 | Date of Seeking clarification. | During the Office hours of 25.08.2025 to 02.09.2025 |
| 8 | Date of Opening of Bid. | Dt. 04.09.2025 at 11.00 AM |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in** Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Sd/- Addl. Chief Engineer,
RWS&S Division, Koraput
OIPR: 25034/11/0045/2526

# ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ସୋର,(ସବ୍ୟ) : ସୋର ବ୍ଲକ ଅନନ୍ତପୁର ସ୍ଥିତ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭରଶୀଳ ସୋର,ବାହାନଗା ଓ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ଶତାଧିକ ଲୋକ ୮ ଦଫା ବିଶିଷ୍ଟ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଦାବି ଗୁଡିକ ମଧ୍ୟରେ ଖାଲି ପଡିଥିବା ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ପୁରଣ,ପ୍ରଣାଳୀଗତ ଉନ୍ନୟନ,ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ପୁରୁଣା ଘରକୁ ଭାଙ୍ଗିବା,ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ଯୋଜନା କେନ୍ଦ୍ରକୁ ପୁନଃ ସ୍ଥାପନ,୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା,ବିଦ୍ୟୁତ ଅସୁବିଧା କାରଣରୁ ୩ ଫେଜର ବିଦ୍ୟୁତ ସଂଯୋଗ କରିବା,ସଚେତନତା ଓ ମାନବିକତାପୂର୍ଣ୍ଣ ବ୍ୟବହାର,ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବା ଦାବି ନେଇ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ମିଳିତ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମେଲ ମାଧ୍ୟମରେ ପଠାଇବା ସହିତ ବିଭିନ୍ନ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଆଗାମୀ ୩୦ତାରିଖ ମଧ୍ୟରେ ଏହି ସମସ୍ୟାର ସମାଧାନ ନହେଲେ ୩୦ ତାରିଖ ଠାରୁ ଅନନ୍ତପୁର ଡାକ୍ତରଖାନା ପରିସରରେ ଗଣଧାରଣା ଦିଆଯିବ ବୋଲି କୁହାଯାଇଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନୂଆଖାଇ ପାଇଁ

# ନୂତନ 'ତିହାର ଗହଣା' କଲେକସନ୍ ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ଅଗ୍ରଣୀ ଓ ପ୍ରତିଷ୍ଠିତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନୂଆଖାଇ ଅବସରରେ ଗତ ୨୦ ତାରିଖ ଦିନ ଏହାର ବଲାଙ୍ଗୀର ଶାଖା ଠାରେ ନୂତନ ଗ୍ରହଣ 'ତିଆର କଲେକସନ' ଉନ୍ମୋଚିତ ହୋଇଯାଇଛି । ନୂଆଖାଇ ଅବସରରେ ନୂତନ ବସ୍ତ୍ର ଓ ଗହଣା ପରିଧାନର ଏକ ପୁରାତନ ପରମ୍ପରା ରହି ଆସିଛି । ଧନ ଯେଉଁ ଭଳି ପ୍ରାଥମିକ ଅବସ୍ଥାରେ ହାଲୁକା, ଶୁକ୍ଷ୍ମ ଏବଂ ସୁବର୍ଣ୍ଣ ବର୍ଣ୍ଣର ପରସ୍ପରେ ଏକ ନୂତନତାର ଅନୁଭୂତି ପ୍ରଦାନ କରିଥାଏ । ଠିକ୍ ସେହିଭଳି ଅରୁନ୍ଧତୀ ଜୁଏଲର୍ସର ନୂତନ 'ତିହାର' କଲେକସନ ଅନ୍ୟ ଗହଣା ତୁଳନାରେ ୪୦% ହାଲୁକା ହେବା ସହ ଏହାର ପ୍ରତିଟି ଡିଜାଇନ୍‌ରେ ନୂଆଖାଇର କଳା, ସଂସ୍କୃତିର ଝଲକ ଓ ଆକର୍ଷଣୀୟ ଲୁକ୍ ଉପସ୍ଥିତ ଗ୍ରାହକ ବନ୍ଧୁଙ୍କ ଦୃଷ୍ଟିଆକର୍ଷଣ କରିଥିଲା । ଅରୁନ୍ଧତୀର ସମସ୍ତ ଶାଖାର ଉପଲବ୍ଧ ନୂଆଖାଇର ଏହି ସ୍ୱତନ୍ତ୍ର 'ତିହାର କଲେକସନ୍' ଗ୍ରାହକ ବନ୍ଧୁଙ୍କ ପ୍ରଥମ ପସନ୍ଦ ପାଲଟିବ ବୋଲି ଅରୁନ୍ଧତୀ ଜୁଏଲର୍ସ କର୍ତ୍ତୃପକ୍ଷ ବେଶ ଆଶାବାଦୀ ଅଛନ୍ତି । ସମସ୍ତ ଗ୍ରହକ ବନ୍ଧୁ ତୁହାର କଲେକସନ୍‌ର ଆନନ୍ଦ ନେବା ସହ ଆଗାମୀ ଦିନରେ ମଧ ଅରୁନ୍ଧତୀ ଜୁଏଲର୍ସ ଅନେକ ନୂତନ ଡିଜାଇନ୍ ନେଇ ଆସିବା ସହ ସବୁ ବର୍ଗର ଗ୍ରାହକ ବନ୍ଧୁଙ୍କୁ ସୁହାଇଲା ଭଳି ଅଫର ନେଇ ଆସିବ ବୋଲି ଅରୁନ୍ଧତୀ ପରିବାର ତରଫରୁ ସୂଚନା ଦିଆଯାଇଛି । ଅରୁନ୍ଧତୀ ଜୁଏଲର୍ସ ଚଳିତ ନୂଆଖାଇ ଅଫର ମାଧ୍ୟମରେ ହୀରାଗହଣାର ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦,୦୦୦ ଟଙ୍କା ଫ୍ଲାଟ ଡିସକାଉଣ୍ଟ ସହ ଫ୍ରି- ଗୋଲ୍ଡ କଏନ୍ ପ୍ରଦାନ ଏବଂ ପ୍ରିମିୟର ରେଞ୍ଜର ସୁନା ଗହଣାର ଗଢ଼ା ମଜୁରୀରେ ଫ୍ଲାଟ ୫୦% ରିହାତି, ସୁନା ଗହଣା କ୍ରୟରେ ଦୁଇଟି ଇନ୍‌ଷ୍ଟଲମେଣ୍ଟ ଭଳି ଆକର୍ଷଣୀୟ ଅଫର ସୀମିତ ଅବଧି ମଧ୍ୟରେ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ ରହିଛି ।



## ଖାଉଟି କମିଶନଙ୍କ କାର୍ଯ୍ୟାଳୟରେ ଖାଲି ପଡ଼ିଛି ଅନେକ ପଦବୀ

# ୬ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ

କଟକ,(ସବ୍ୟୁ): ଦୀର୍ଘ ୮ମାସ ଧରି ଖାଲି ପଡ଼ିଥିବା ସମସ୍ତ ଷ୍ଟେନୋ ପଦବୀ ପୂରଣ ହେଉନଥିବାରୁ ରାଜ୍ୟ ଖାଉଟି ବିବାଦ ସମାଧାନ କମିସନଙ୍କ କାର୍ଯ୍ୟାଳୟ ଅଚଳ ହୋଇପଡ଼ିଛି । ଷ୍ଟେନୋ ସମେତ ଅନ୍ୟାନ୍ୟ ପଦବୀ ପୂରଣ ପାଇଁ ଆଗତ ମାମଲାର ଶୁଣାଣି ଅବସରରେ ହାଇକୋର୍ଟ ଆଜି ଭୀଷଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତିଛ ଆସନ୍ତା ୬ମାସ ମଧ୍ୟରେ ଷ୍ଟେନୋ ସମେତ ଅନ୍ୟାନ୍ୟ ସମସ୍ତ ପଦବୀ ତୁରନ୍ତ ପୂରଣ କରିବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସମସ୍ତ ଜିଲ୍ଲାରେ ଥିବା ଜିଲ୍ଲା ଖାଉଟି ଅଦାଲତରେ ଷ୍ଟେନୋ ସମେତ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି । ସୋନାଲୀ ସ୍ୱାଇଁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଖାଉଟି ତଥା ଉପଭୋକ୍ତାମାନେ ଯଦି କୌଣସି ପ୍ରକାର ଠକେଇର ଶିକାର ହୁଅନ୍ତି ତାହେଲେ ବିଭିନ୍ନ ଜିଲ୍ଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥାନ୍ତି । ଜିଲ୍ଲା ଖାଉଟି ଅଦାଲତରୁ ନିରାଶ ହେଲେ ଖାଉଟିମାନେ ଏହାର ଉପର ଫୋରମ୍ ରାଜ୍ୟ ଖାଉଟି ବିବାଦ ସମାଧାନ କମିସନଙ୍କୁ ଅପିଲ୍ରେ ଯାଇଥାନ୍ତି । ରାଜ୍ୟ ଖାଉଟି ଫୋରମରେ ଏବେ ହଜାରହଜାର ସଂଖ୍ୟାରେ ମାମଲା ବିଚାର ପାଇଁ ପଡ଼ିରହିଛି । ଗୋଟେ ଖାଉଟି ମାମଲା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ନିୟମ ରହିଛି । କିନ୍ତୁ ଜିଲ୍ଲାଠାରୁ ରାଜ୍ୟ ଖାଉଟି ବିବାଦ ସମାଧାନ କମିସନଙ୍କ କାର୍ଯ୍ୟାଳରେ ବହୁ ପଦବୀ ଖାଲିରହିଛି । ବିଶେଷକରି ଷ୍ଟେନୋ ଭଳି ଏକ ଗୁରୁତ୍ୱପୂର୍ଣ ପଦବୀରେ ଗତ ଜାନୁଆରୀ ୧୦ତାରିଖରୁ ଜଣେ ବି କେହି ନାହାନ୍ତି । ରାଜ୍ୟ ଖାଉଟି କମିସନଙ୍କ କାଯ୍ୟାଳୟରେ ମୋଟ ୫ଟି ଷ୍ଟେନୋ ପଦବୀ ରହିଛି । ଜଣକ ପରେ ଜଣେ ଅବସର ନେବା ପରେ ଶେଷରେ ଗତ ଜାନୁଆରୀରେ ଏକମାତ୍ର ଷ୍ଟେନୋ ଅବସର ଗ୍ରହଣ କରିଥିଲେ । ଏହାପରେ କମିସନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି । ଷ୍ଟେନୋଙ୍କ ଅଭାବରୁ ପ୍ରେସିଡେଣ୍ଟ ଏବଂ ସଦସ୍ୟମାନେ ନିଜେ ଅର୍ଡର ଟାଇପ କରିବାକୁ ବାଧ ହେଉଛନ୍ତି । ଉକ୍ତ ଷ୍ଟେନୋ ଅବସର ଗ୍ରହଣ କରିବା ପରେ କମିସନର ପ୍ରେସିଡେଣ୍ଟ ବାରମ୍ବାର ରାଜ୍ୟ ସରକାରଙ୍କୁ ଚିଠି ଲେଖି ଉକ୍ତ ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଏଥିସହ ଖାଲି ପଡ଼ିଥିବା ଅନ୍ୟାନ୍ୟ ପଦବୀ ମଧ ପୂରଣ ପାଇଁ ଚିଠିରେ କୁହାଯାଇଥିଲା । କିନ୍ତୁ ଏହି ଚିଠିପ୍ରତି ରାଜ୍ୟ ସରକାର କର୍ଣ୍ଣପାତ ନକରିବାରୁ ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଆଜି ମାମଲାର ଶୁଣାଣି ଅବସରରେ ରାଜ୍ୟ ସରକାରଙ୍କ ଏଭଳି ମାନସିକତାକୁ ନେଇ ଭୀଷଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଖାଲି ପଡ଼ିଥିବା ସମସ୍ତ ପଦବୀ ୬ମାସ ମଧ୍ୟରେ ପୂରଣ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ରାଜ୍ୟ ଖାଉଟି କମିସନ ହେଉ ଅବା ଜିଲ୍ଲା ଖାଉଟି କମିସନ କାର୍ଯ୍ୟାଳୟରେ ଯଦି କୌଣସି ପଦବୀ ଫାଙ୍କା ପଡ଼ିବାକୁ ଯାଉଥିବ ବର୍ଷ ଆରମ୍ଭରୁ ଉକ୍ତ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ହାଇକୋର୍ଟ ଏହି ଅବସରରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଘରୋଇ ମେଡିକାଲ କଲେଜରେ 'ଫିସ୍' ବୃଦ୍ଧି ସମ୍ପର୍କରେ ସ୍ପଷ୍ଟିକରଣ



ଭୁବନେଶ୍ୱର,(ସବ୍ୟୁ): ଘରୋଇ ମେଡ଼ିକାଲ କଲେଜରେ ଫିସ୍ ବୃଦ୍ଧି ସମ୍ପର୍କରେ ହାଇଟେକ୍ ମେଡ଼ିକାଲ କଲେଜ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଏହି ଫି ବୃଦ୍ଧି ନିଷ୍ପତ୍ତି କୌଣସି ଘରୋଇ ମେଡିକାଲ କଲେଜଙ୍କର ନିଜସ୍ୱ ନିଷ୍ପତ୍ତି ନୁହେଁ, ବରଂ ଏହା ଓଡିଶା ସରକାରଙ୍କର 'ଫିସ୍ ଷ୍ଟ୍ରକ୍ଚର କମିଟି' ଦ୍ୱାରା ନିର୍ଦ୍ଧାରଣ କରାଯାଇ ରାଜ୍ୟ ସରକାରଙ୍କୁ ସୂଚିତ କଲା ପରେ ତାହା 'ଓଜେଇ'କୁ ଯାଇଛି ଏବଂ ଓଜେଇ ସେହି ସଂପର୍କିତ ବିବରଣୀ ତାଙ୍କ ୱେବ୍‌ସାଇଟରେ ପ୍ରଦର୍ଶନ କରି ୨୦୨୫-୨୬ ପାଇଁ ଦେୟ ନିର୍ଦ୍ଧାରଣ ସୂଚିତ କରିଛନ୍ତି । ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କଲେଜ ପକ୍ଷରୁ ସ୍ପଷ୍ଟ କରାଯାଇଛି । କୁହାଯାଇଛି ଯେ, ଘରୋଇ ମେଡିକାଲ କଲେଜରେ 'ଫିସ୍' ବୃଦ୍ଧି ସମ୍ପର୍କରେ ଆବିଭାବକମାନେ ଜାଣିବାକୁ ଚାହିଁଛନ୍ତି । ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ଘରୋଇ ଭେଷଜ ମହାବିଦ୍ୟାଳୟମାନେ ବିଶେଷ ଭୂମିକା ନିର୍ବାହ କରିଆସିଛନ୍ତି । ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି ଯେ, ଓଡିଶାର ବିଭିନ୍ନ ଭେଷଜ ମହାବିଦ୍ୟାଳୟମାନେ ୨୦୨୫-୨୬ ଡାକ୍ତରୀ ଶିକ୍ଷା ପାଇଁ ବିଦ୍ୟାର୍ଥୀମାନଙ୍କର ଫିସ୍ ବୃଦ୍ଧି ପାଇଛି । ଓପିଇଆଇ ଆକ୍ଟ ୨୦୦୭ ଅନୁସାରେ ପ୍ରତି୩ ବର୍ଷରେ ଥରେ ପରିବର୍ଦ୍ଧିତ ହେବା କଥା କିନ୍ତୁ ସମସ୍ତ ଘରୋଇ ଭେଷଜ ମହାବିଦ୍ୟାଳୟମାନେ ଦୀର୍ଘ ୭ ବର୍ଷ ଧରି ଫିସ୍ ଷ୍ଟ୍ରକ୍ଚର କମିଟି ପାଖରେ ଆବେଦନ କରି ଆସୁଥିଲେ ମଧ ତାହା କୌଣସି କାରଣରୁ ହୋଇପାରିନଥିଲା । ତାହା ଏ ବର୍ଷ ବର୍ଦ୍ଧିତ ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ସରକାରଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଫିସ୍ ଷ୍ଟ୍ରକ୍ଚର କମିଟି ଏହାକୁ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଏହାକୁ ନିର୍ଦ୍ଧାରଣ କରିଛନ୍ତି । ୨୦୨୫-୨୬ ପାଇଁ ଯେଉଁ ଫିସ୍ ପରିମାଣକୁ ନିର୍ଦ୍ଧାରଣ କରାଯାଇଛି ।

## ଏମିତି ଚାଲିଛି ଡେଙ୍ଗୁ ପ୍ରତିରୋଧ...

# ସବୁ ଆଡ଼େ କୁଢ କୁଢ ଅଳିଆ, ଜମୁଛି ଆବର୍ଜନା ଜଳ

ଖୋର୍ଦ୍ଧା,୨୦୮(ଲଳିତ ମୋହନ ମହାପାତ୍ର): ଜୁଆଡ଼େ ଅନାଇବ କୁଢ କୁଢ ଅଳିଆ ଆବର୍ଜନା, ଜାତୀୟ ରାଜପଥ ପାର୍ଶ୍ୱରେ ଗ୍ୟାରେଜ ସମ୍ମୁଖରେ ମାଳ ମାଳ ଅବ୍ୟବହୃତ ଟାୟାର ଗଦା ହୋଇଛି।ସ୍ୱରେଜ ଅବସ୍ଥା ତାହା ଠାରୁ ବଳକା । ଜଳ ନିଷ୍କାସନ ବ୍ୟବସ୍ଥା ସବୁସ୍ଥାନରେ ଠିକ୍‌ଭାବରେ ନ ଥିବାରୁ ଅସରାଏ ବର୍ଷା ହେଲେ ବର୍ଷାଜଳ ଦିନ ଦିନ ଧରି ଜମି ରହୁଛି । ଡ୍ରେନରେ ମଶା ତେଲ ପଡୁନି । ଡେଙ୍ଗୁ ପ୍ରତିରୋଧ କେବଳ କାଗଜ ପତ୍ରରେ ଚାଲିଛି । କିଛି ସ୍ଥାନରେ ଅଳିଆ ଆର୍ବଜନା ପାଣି ବିଭିନ୍ନ ଜଳାଶୟରେ ମିଶିବା ଫଳରେ ତାହା ସଂସ୍ପର୍ଶରେ ଆସୁଥିବା ଗୋ-ପାଳିତ ଜନ୍ତୁଙ୍କ ନିମନ୍ତେ ବିପଦ ସୃଷ୍ଟି କରୁଛି ।ଜିଲ୍ଲାରେ ଚଳିତ ବର୍ଷ ଏଯାବତ ପ୍ରାୟ ୩୨୭ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି । ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ସହରାଂଚଳ ଓ ଗ୍ରାମାଂଚଳରେ ପ୍ରାୟ ୯୩ଜଣ ରହିଛନ୍ତି । ମାତ୍ର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିଦ ଭାଙ୍ଗିନଥିବା ବେଳେ ଆଗକୁ ଏହାର ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ରହିଛି । ବର୍ଷା କୁ ଦେଖି ପ୍ରଶାସନ ପୌରପରିଷଦର ପରିମଳ ଉପରେ ଗୁରୁତ୍ୱଦେଉଛି । ପ୍ରତି ଡ୍ରେନ ସଫା ସମେତ ଖାଲୁଆ ଅଂଚଳ ସମତୁଲ କରିବାକୁ ଅଂଟା ଭିଡିଛି । କିନ୍ତୁ ଖାଲୁଆ ଜଗାକୁ ସମତୁଲ କରିବା ତ' ଦୂର ର କଥା ବରଂ ସହରରେ ଅଧିକାଂଶ ଡ୍ରେନ ସଫା କରିବା ଦିଗରେ ପୌରପରିଷଦର ଆନ୍ତରିକତା କମ୍ ପରିଲକ୍ଷିତ ହେଉଛି । ପୁରୁଣା ମେଡ଼ିକାଲ ରୋଡ଼୍, ବଡ଼ବଜାର ଦେଇ ଯାଇଥିବା ଡ୍ରେନ ଜବରଦଖଲ ହୋଇଥିବା ବେଳେ ଅସରାଏ ବର୍ଷା ହେଲେ ବର୍ଷାଜଳ ରାସ୍ତାରେ ଲହଡ଼ି ମାରୁଛି । ଗୁରୁଜଙ୍ଗ ଏବଂ ମୁକୁନ୍ଦପ୍ରସାଦ ତଳିଆ ଅଂଚଳରେ ଅଳିଆ ଆବର୍ଜନା ଜମା ରହୁଥିବା ବେଳେ ବହୁ ଡ୍ରେନରେ ଜଳ ନିଷ୍କାସନ ଠିକଣା ଭାବେ ହେଉନଥିବା ପରିଲକ୍ଷିତ ହେଉଛି । ସେହିପରି ପଲ୍ଲା ହନୁମାନ ମନ୍ଦିର ଆଡୁ ଆସିଥିବା ଡ୍ରେନ୍ ଟିକୁ ଅସମ୍ପୂର୍ଣ୍ଣ ଭାବରେ କଂଟା ଛକ ଠାରେ ଛାଡି ଦିଆଯାଇଛି, ଫଳରେ ବର୍ଷା ଜଳ ସେହିବାଟ ଦେଇ ଲୋକେଶ୍ୱର ମନ୍ଦିର ସମ୍ମୁଖ ରାସ୍ତା ରେ ପ୍ରବାହିତ ହେବା ଦ୍ୱାରା ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ଧର୍ମୀୟ ଭାବନା ପ୍ରତି କୁଠାରଘାତ କରୁଛି ।



ସେହିପରି ଜାତୀୟ ରାଜପଥ ଠାରୁ ସହର ମଧ୍ୟରେ ଥିବା ଗ୍ୟାରେଜ ସମ୍ମୁଖରେ ମାଳ ମାଳ ଟାୟାର ଜମା ହେବା ଦେଖାଯାଇଛି । ଛତୁ ଫୁଟିବା ପରି କବାଡ଼ିଆ ଗୋଦାମ ଏବଂ ଖଟୁରା ବ୍ୟବସାୟୀ ମୁକୁନ୍ଦପ୍ରସାଦ, ନୟାଗଡ଼ରୋଡ଼୍, ପ୍ରାଣୀଧନ ଚିକିତ୍ସାଳୟ, ନୂଆବସଷ୍ଟାଣ୍ଡ, ତୋଟାପଡ଼ା ପ୍ରଭୃତି ସ୍ଥାନରେ ଥିବାବେଳେ ସେଠାରେ ପାହାଡ଼ ପରି ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟାନ୍ୟ ଜିନିଷ ଗଦା ହୋଇରହୁଛି । ଯାହାଫଳରେ ମାସ ମାସ ଧରି ଏଠାରେ ବର୍ଷାଜଳ ଜମା ହେବା ଫଳରେ ଏଡ଼ିସ୍ ମଶା ଜନ୍ମହେବା ର ସମ୍ଭାବନା ମଧ ରହିଛି ।ସେହିପରି ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ, ବୁଢୀବଗିଚା, ନୂଆବସଷ୍ଟାଣ୍ଡ ନିକଟ ଖାଲ, ଚଣ୍ଡିଚୁଆ, ଭାଲିଆବାଡି ଶିଶୁମନ୍ଦିର ନିକଟ ଓ ଶିଳ୍ପାଂଚଳ ପରିତ୍ୟକ୍ତ ଖଣି ଅଂଚଳରେ ଦିନ ଦିନ ଆବର୍ଜନା ପାଣି ଜମି ରହୁଛି । ଯାହା ଫଳରେ ଏଠାରେ ମଶାଙ୍କ ଏକ୍ତିଶାଳ ପାଲଟିଛି । ଏ ଅଂଚଳରୁ ଜଳ ନିଷ୍କାସନ ହେଉନଥିବାରୁ ସ୍ଥାନୀୟ ଅଂଚଳରେ ମଶାଙ୍କ ପାଦୁର୍ଭାବ ବଢୁଥିବାବେଳେ ଡେଙ୍ଗୁ ଆଶଙ୍କାରେ ଦିନ କାଟୁଛନ୍ତି ଲୋକେ । ତେଣୁ ଏ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ଗୁରୁତ୍ୱଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଗୋଟିଏ ପାର୍ଶ୍ୱରେ ସ୍ୱାସ୍ଥ୍ୟ ବିଭାଗ ଡେଙ୍ଗୁ ରୋଗୀ ସଚେତନତା ଏବଂ ପରିମଳ ଉପରେ ଗୁରୁତ୍ୱଦେଉଥିବା କହୁଥିବାବେଳେ ବାସ୍ତବରେ ସହରର ପରିମଳ ବ୍ୟବସ୍ଥାକୁ ଦେଖିଲେ ଡେଙ୍ଗୁ ପ୍ରତିରୋଧ କ୍ଷେତ୍ରରେ ପ୍ରଶାସନର କେତେ ଆନ୍ତରିତକା ରହିଛି ତାହା ଏଥିରୁ ସହଜରେ ଅନୁମେୟ ।

## କଳିଙ୍ଗ ସେନାର ସଭାପତି ଭାବେ ହେମନ୍ତ ରଥ ପୁନଃ ନିର୍ବାଚିତ

# ଖୁବ୍ ଶୀଘ୍ର ଜିଲ୍ଲା, ବ୍ଲକ ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ

ଭୁବନଶ୍ୱେର,(ସବ୍ୟୁ): କଳିଙ୍ଗ ସେନାର ସଭାପତି ଭାବେ ହେମନ୍ତ ରଥ ପୁନଃନିର୍ବାଚିତ ହୋଇଛନ୍ତି । ଏଥି ସହିତ ଉପ ସଭାପତି ଭାବେ ଅଧିବକ୍ତା ସବ୍ୟସାଚୀ ମହାପାତ୍ର, ଅବ୍ଦୁଲ କୟୁମ୍ ଖାନ, ଉମାକାନ୍ତ ଜେନା, ହିମାଂଶୁ ନାୟକ, ହେମନ୍ତ ସିଂ, ଅଧିବକ୍ତା-ତୁଳସି ନାରାୟଣ ଦାସ, ଗୌରାଙ୍ଗ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ରାଜ୍, ଇଂ ମନୋଜ କୁମାର ନାୟକ, ଇଂ ସ୍ୱାତିଶ ରଞ୍ଜନ ସାହୁ, ଅମୂଲ୍ୟ ନାୟକ, ବରୋଦା କାନ୍ତ ମହାନ୍ତି, ଇଂ ରାଧାମୋହନ ପଟ୍ଟନାୟକ, ବିଶ୍ୱଜିତ ପାତ୍ର ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ପ୍ରଧାନ, ମୋନାଲିଶା ବିଶ୍ୱାଳ, ରଞ୍ଜିତ ସାମଲ, ମଧୁସୂଦନ ସାହୁ, ଅଶୋକ ସାହୁ, ସରୋଜ ଆଚାର୍ଯ୍ୟ, ସମୀର ପ୍ରଧାନ ଏବଂ ରାଜ୍ୟ କମିଟିକୁ ବିଭୁତି ପରିଡା, ମନୋଜ କୁମାର ମିଶ୍ର, ବିକ୍ରମ ପ୍ରଧାନ, ଦିଲ୍ଲିପ ନାଥ, ସୁଧାକର ବେହେରା, ପ୍ରମୋଦ ନାୟକ, ପାର୍ଥସାରଥି ତ୍ରିପାଠୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଆଜି ଏଠାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଦଳୀୟ କର୍ମକାମାନେ ଶ୍ରୀ ରଥଙ୍କୁ ଆସନ୍ତା ତିନିବର୍ଷ ପାଇଁ ଦଳର ଦାୟିତ୍ୱ ପ୍ରଦାନ କରିଛନ୍ତି । ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହି ସାଙ୍ଗଠନିକ ନିର୍ବାଚନ ପରିଚାଳନା କରିଥିଲେ। ପଞ୍ଚମ ଥର ପାଇଁ ଦଳର ମଙ୍ଗ ଧରିଥିବା ଶ୍ରୀ ରଥ କହିଛନ୍ତି ଯେ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦଳ ଖୁବ୍ ଶୀଘ୍ର ତାହାର ଖସଡା ପ୍ରସ୍ତୁତ କରିବ । ଖୁବ୍ ଶୀଘ୍ର ଜିଲ୍ଲା ଓ ବ୍ଲକର କର୍ମକର୍ତ୍ତା ନିର୍ବାଚନ କରାଯିବ ବୋଲି ଶ୍ରୀ ରଥ ସୂଚନା ଦେଇଛନ୍ତି ।




## ସୁନ୍ଦରଗଡ଼ରେ ୱାରୀ ଏନର୍ଜିଜ୍‌ର ନୂତନ ଫ୍ରାଚାଇଜ୍ ଉଦ୍‌ଘାଟିତ

ଭୁବନେଶ୍ୱର,(ସବ୍ୟୁ): ଭାରତର ଅଗ୍ରଗାମୀ ପରିଶୁଦ୍ଧ ଶକ୍ତି ସମାଧାନ ପ୍ରଦାନକାରୀ ୱାରୀ ଏନର୍ଜିଜ୍ ଲିମିଟେଡ୍ ସୁନ୍ଦରଗଡ଼ରେ ପ୍ରତୀକ ସୋଲାର ନାମକ ନୂତନ ଫ୍ରାଚାଇଜ୍ ସୋରୁମ୍‌ର ଉଦ୍‌ଘାଟନ କରିଛି । ଏହି ଆରମ୍ଭ ଭାରତର ପ୍ରତ୍ୟେକ କୋଣରେ ପରିଶୁଦ୍ଧ, ଭରସାଯୋଗ୍ୟ ଏବଂ ସହଜଲଭ୍ୟ ସୋଲାର ଶକ୍ତି ସମାଧାନ ପହଞ୍ଚାଇବା ପାଇଁ ୱାରୀଙ୍କ ମିଶନ୍‌କୁ ଆରୋହଣ କରେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅଶିଷ ପଟ୍‌ଜୋଶୀ, ଚିଫ୍ ଟେକ୍‌ନିକାଲ୍ ଏବଂ ରିନ୍ୟୁଅବଲ୍ ମ୍ୟାନେଜର, ଟାଟା ପାୱାର ଉପସ୍ଥିତ ହୋଇଥିଲେ । ସେ ନିଜର ସମ୍ବୋଧନରେ ୱାରୀଙ୍କ ପକ୍ଷରୁ ସୁସ୍ଥାୟୀ ଶକ୍ତିର ପ୍ରଗତୀ ଏବଂ ଓଡ଼ିଶା ପାଇଁ ସବୁଜ ଭବିଷ୍ୟତ ଗଢ଼ିବାରେ ତାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ଶିବଶିଷ ନେଗି (ରାଜ୍ୟ ମୁଖ୍ୟ), ବିଶ୍ୱନାଥ ସତପଥୀ (ପ୍ରାଞ୍ଚାଇଜ୍ ମ୍ୟାନେଜର) ଏବଂ ଜିତେନ୍ଦ୍ର କୁମାର ନାଏକ (ଚ୍ୟାନେଲ୍ ପାର୍ଟନର) ସହିତ ୱାରୀଙ୍କ ପ୍ରମୁଖ ପ୍ରତିନିଧିମାନେ ମଧ ଉପସ୍ଥିତ ହୋଇଥିଲେ ।

# ଓଡିଶାରେ ବ୍ୟବସାୟ ଦୁଇଗୁଣ ବୃଦ୍ଧି କରିବ ଆଭିଭା

## କ୍ଲେମ୍ ସମାଧାନ କ୍ଷେତ୍ରରେ କମ୍ପାନୀକୁ ପ୍ରଡକ୍ଟ ଅଫ୍ ଦି ଇୟର ଆୱାର୍ଡ

ଭୁବନେଶ୍ୱର,(ସବ୍ୟୁ): ଓଡିଶାରେ ଜୀବନ ବୀମା କ୍ଷେତ୍ରରେ ଆଭିଭା ଲାଇଫ ଇନ୍ସୁରାନ୍ସ ତାର ବ୍ୟବସାୟ ସଂପ୍ରସାରଣ ପାଇଁ ବହୁବିଧ ଯୋଜନା କରିବା ସହିତ ,ବିଗତ ଦିନର କାର୍ଯ୍ୟକୁ ନେଇ ଅନେକ ସଫଳତା ହାସଲ କରିଛି । ଭୁବନେଶ୍ୱର ଠାରେ ଏହି ସୂଚନାଦେଇ ଆଭିଭାର ମ୍ୟାନେଜିଂ ଡାଇରେକ୍ଟର ତଥା ଚିଫ୍ ଏକଜିକ୍ୟୁଟିଭ ଅଫିସର୍ ଅସୀତ ରଥ କହିଛନ୍ତି । ଆଭିଭା କେବଳ ଜୀବନ ବୀମା ନୁହେଁ କ୍ରିଟିକାଲ ଇଲନେସ୍,ଚିଲଡ୍ରେନ୍ସ ସେଭିଙ୍ଗ ପ୍ଲାନ ,ପେନସନ୍ ପ୍ଲାନ , ପୋଷ୍ଟ ରିଟାୟରମେଣ୍ଟ ଆଦି ସ୍କିମ ପ୍ରଚଳନ କରି ବେଶ ସଫଳତା ହାସଲ କରିଛି । ଭାରତରେ ବିଗତ ୨୦ ବର୍ଷର ଉପସ୍ଥିତି ଭିତରେ ଗ୍ରାହକ ସନ୍ତୁଷ୍ଟିରେ ମଧ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଦାବି ସମାଧାନ ଅର୍ଥାତ କ୍ଲେମ ସେଟେଲମେଣ୍ଟରେ ସର୍ବଭାରତୀୟ ସ୍ତରରେ ୯୯.୨ପ୍ରତିଶତ ଦାବି ସମାଧାନ ହୋଇଥିବା ବେଳେ କେବଳ ଓଡିଶାରେ ୯୯ ପ୍ରତିଶତ ଦାବି (କ୍ଲେମ୍)ର ସମାଧାନହୋଇଛି । ଏ କ୍ଷେତ୍ରରେ ଆଭିଭା ଦେଶର ୧ନଂ ବୀମା କମ୍ପାନୀ ବୋଲି ଶ୍ରୀ ରଥ କହିଥିଲେ । ସେ କହିଲେ - ଆଭିଭାର ସ୍ୱତନ୍ତ୍ରତା ହେଉଛି ମିସ୍ ସେଲିଙ୍ଗ ନାହିଁ ଅର୍ଥାତ ଲୋକଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ଗ୍ରାହକ କରାଯାଉନାହିଁ । ଯାହାବି ସ୍କିମରେ ଗ୍ରାହକଙ୍କୁ ଅଣାଯାଉଛି ତାହା ସ୍ୱଚ୍ଛ ଓ କମ୍ପାନୀର ସଠିକ୍ ତଥ୍ୟକୁ ଆଧାରକରି କରାଯାଉଛି । ଗ୍ରାହକଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରଡକ୍ଟକୁ ସରଳୀକରଣ କରାଯାଇଛି । କମ୍ପାନୀର ସଫଳତାକୁ ଦେଖି ନିଲ୍ ସେନ ରିସର୍ଚ୍ଚ କମ୍ପାନୀ ପକ୍ଷରୁ କରାଯାଇଥିବା ଏକ ଗବେଷଣା ଆଧାରରେ ଆଭିଭାକୁ ପ୍ରଡକ୍ଟ ଅଫ୍ ଦି ଇୟର ଆୱାର୍ଡ ମିଳିଛି । କମ୍ପାନୀ ପକ୍ଷରୁ ୟୁନିକ ଲିଙ୍କ ଓ ରିଟାୟରମେଣ୍ଟ ପ୍ଲାନ ପ୍ରଚଳନ କରାଯାଇଛି ଓ ଗ୍ରାହକ ମାନଙ୍କ ସୁସ୍ଥ ଜୀବନ ପାଇଁ ୱେଲନେସ୍ ପ୍ୟାକେଜ୍ ଦିଆଯାଉଛି ବୋଲି କହିଛନ୍ତି । ଆଗାମୀ ଦିନରେ ଓଡିଶାରେ ଡିଷ୍ଟ୍ରିବ୍ୟୁଟରଙ୍କ ସଂଖ୍ୟା ଦୁଇଗୁଣ ହେବା ସହ ବ୍ୟବସାୟ ମଧ ଦୁଇଗୁଣ ବୃଦ୍ଧି ହେବ ବୋଲି କମ୍ପାନୀ ଲକ୍ଷ୍ୟ ରଖିଛି ।



## ପ୍ରଫେସର ଖଗେନ୍ଦ୍ରନାଥଙ୍କ ଦଶମ ପୁଣ୍ୟତିଥି ପାଳିତ

କଟକ,(ସବ୍ୟୁ): ସାରସ୍ୱତ ଜଗତରେ ସୁପ୍ରତିଷ୍ଠିତ ପ୍ରାବନ୍ଧିକ, କଥାକାର, କବି, ସମାଲୋଚକ ଓ ଉଚ୍ଚାଭିଳାଷୀ ଗବେଷକ ପ୍ରଫେସର ଡକ୍ଟର ଖଗେନ୍ଦ୍ରନାଥ ମଲ୍ଲିକଙ୍କ ଦଶମ ପୁଣ୍ୟତିଥି ଦିବସ ମଙ୍ଗଳବାର ପବିତ୍ର ଗଡ଼ଗଡ଼େଶ୍ୱର ଧାମରେ ପାଳିତ ହୋଇଯାଇଛି । ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଆସରକୁ ବିଶିଷ୍ଟ ଦାର୍ଶନିକ ପ୍ରଫେସର ଅଶୋକ କୁମାର ରାୟ ଉଦଘାଟନ କରି ସ୍ୱର୍ଗତ ମଲ୍ଲିକଙ୍କୁ ଅସାଧାରଣ ପ୍ରତିଭା ଭାବେ ଅଭିହିତ କରିବା ସହିତ ତାଙ୍କୁ ଉଚ୍ଚାଭିଳାଷୀ ଗବେଷକ ଭାବେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ମନ୍ଦିରର ମୁଖ୍ୟପୂଜକ ପଣ୍ଡିତ ହୃଷିକେଶ ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିବା ପରେ ବିଶିଷ୍ଟ ପାଲାଗାୟକ ଯୋଗେନ୍ଦ୍ରନାଥ ମାର୍ଥା ସ୍ୱାଗତ ଭାଷଣ ଦେଇଥିଲେ । ସଂସଦର ମହାସଚିବ ଆଡ଼ଭୋକେଟ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଳ୍ପୀ ମହେନ୍ଦ୍ରପ୍ରସାଦ ମହାପାତ୍ର, ପଣ୍ଡିତ ଦିବାକର ମିଶ୍ର, କବି କିଶୋର କୁମାର ପଣ୍ଡା, ପଣ୍ଡିତ ଆଶିଷ କୁମାର ପତି, କବି ଅମରେନ୍ଦ୍ର ମହାନ୍ତି, ଯୁବପ୍ରତିଭା ସାରଦା ପ୍ରସାଦ ଦାସ, କଳକୀରନ୍ ଲକ୍ଷ୍ମୀଧର ଦାସ, ଶିଳ୍ପୀ ସଞ୍ଜୀବ କୁମାର ବିଶ୍ୱାଳ ଓ ପ୍ରଫେସର ସବିତାବାଳା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ କୃଷ୍ଣଚନ୍ଦ୍ର ବଳ, ରଞ୍ଜିତ କୁମାର ସ୍ୱାଇଁ, ବିଜୟ କୁମାର ସାମଲ, ଅଧାପକ କିଶୋର ଚନ୍ଦ୍ର ଦାସ, ରାଜୀବ କୁମାର ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ବିଶ୍ୱାଳ, କୁମାର ସ୍ୱାଇଁ ଓ ଆଡ଼ଭୋକେଟ ସଂଯୋଜ କୁମାର ସାମନ୍ତରାୟ ପ୍ରମୁଖ ଡକ୍ଟର ମଲ୍ଲିକଙ୍କୁ ମାତୃଭାଷା ଓ ଉତ୍କଳ ଜନନୀର କୃତି ସନ୍ତାନ ଭାବେ ମତବ୍ୟକ୍ତ କରିଥିଲେ । ଶେଷରେ ଆଡ଼ଭୋକେଟ ସୁବାସଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

## ପିସିସି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ରାଜୀବଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ରାମଚନ୍ଦ୍ର କାଡାମ, ପ୍ରସାଦ ହରିଚନ୍ଦନ, ନଗେନ୍ଦ୍ର ପ୍ରଧାନ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ସମୀର କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ଅମିୟ ପଟ୍ଟନାୟକ, ବିଶ୍ୱଜିତ ଦାଶ, ସୁଦର୍ଶନ ଦାସ, ମାନସ ମଲ୍ଲିକ, ପ୍ରଶାନ୍ତ ଚମ୍ପତି, ପ୍ରଣତି ମିଶ୍ର, ମାନସ ରଞ୍ଜନ ଆଚାର୍ଯ୍ୟ, ଜ୍ୟୋତିଷ ସାହୁ, ଚିନ୍ମୟ ସୁନ୍ଦର ଦାସ, ସୁଶାନ୍ତ ତ୍ରିପାଠୀ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ତରୁଣ ମିଶ୍ର, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରାଉତରାୟ, ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ ।



## ଆଇସିଏଆଇ ଭୁବନେଶ୍ୱର ଶାଖା ଦ୍ୱାରା


# ଆର୍‌ଡି ମହିଳା ବିଶ୍ୱବିଦ୍ୟାଳୟରେ ଅର୍ଥନୈତିକ ସମ୍ବନ୍ଧୀୟ ଶିବିର

ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ରାମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଭିତ୍ତିୟଜ୍ଞାନ ମେଳା ସପ୍ତାହ । ଚଳିତ ମାସ ୧୭ ରୁ ୨୩ ଅଗଷ୍ଟ ପର୍ଯ୍ୟନ୍ତ ଇନ୍‌ଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆର୍ଥିକ ଓ କର ସମ୍ବନ୍ଧୀୟ ତଥ୍ୟ ସାକ୍ଷରତା ନିର୍ଦ୍ଦେଶାଳୟ ଅଧୀନରେ, ଆଇ ସି ଏ ଆଇ ଭୁବନେଶ୍ୱର ଶାଖା ଉପରୋକ୍ତ କଲେଜର ବାଣିଜ୍ୟ ବିଭାଗରେ ଏହି ଶିବିର ଆୟୋଜନ କରିଥିଲା । ଏଥିରେ ଭୁବନେଶ୍ୱର ଶାଖାର ସିଏ. ମହେନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ, ଓ ସିଏ. ସୌମ୍ୟ ସୁନିଲ ସାହୁ, କୋଷାଧ୍ୟକ୍ଷ ଏବଂ ଛାତ୍ର ସଂଗଠନର ଅଧ୍ୟକ୍ଷ, ଅର୍ଥନୈତିକ ପରିବେଶରେ ଆର୍ଥିକ ଓ କର ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଉଲ୍ଲେଖ କରିଥିଲେ । ମୁଖ୍ୟ ଅଧିବେଶନରେ ସିଏ ଏସ୍‌କେ. ଆବୁ ସାକିବ ଆର୍ଥିକ କୁଟିଳତା ସଚେତନତା ଓ ଏହାର ପ୍ରତିରୋଧ ବିଷୟରେ ଉପସ୍ଥାପନା କରି, ଛାତ୍ରଛାତ୍ରୀଙ୍କୁ ସାଧାରଣ ପ୍ରକ୍ରିୟାମାନ ଓ ଏହାର ପ୍ରତିରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ା. ସବତ କୁମାର ଡିଗାଲ, ବାଣିଜ୍ୟ ବିଭାଗର ଅଧ୍ୟକ୍ଷ, ତତ୍‌ସହିତ ଅନ୍ୟାନ୍ୟ ଅଧାପକମାନେ ଏବଂ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ମଧ ଯୋଗ ଦେଇଥିଲେ । ଡ଼ା. ଡିଗାଲ ଆଇସିଏଆଇ ପକ୍ଷରୁ ଯୁବମାନଙ୍କୁ ଆର୍ଥିକ ଶୃଙ୍ଖଳା ଓ ଦାୟିତ୍ୱପୂର୍ଣ୍ଣ କର ସଚେତନତା ବିଷୟରେ ସଜାଗ କରାଇବା ପ୍ରୟାସକୁ ସ୍ୱାଗତ କରିଥିଲେ ।



# ଅନଲାଇନ ଗେମିଂ ନିୟାମକ ବିଲ୍ ଆଗତ

## ନବସୃଜନକୁ ପ୍ରୋତ୍ସାହନ, ନାଗରିକଙ୍କ ସୁରକ୍ଷା

ନୂଆଦିଲ୍ଲୀ : ବିଗତ ୧୧ ବର୍ଷ ମଧ୍ୟରେ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଆମ ଜୀବନରେ ବଡ଼ ପରିବର୍ତ୍ତନ ଆଣିଛି । ଡିଜିଟାଲ ଇଣ୍ଡିଆ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି,ୟୁପିଆଇ ପେମେଣ୍ଟ ସିଷ୍ଟମ, ଫାଇଭ୍-ଜି ସଂଯୋଗ ଏବଂ ସେମିକଣ୍ଡକଫର ଇକୋସିଷ୍ଟମ ଆମ ଦେଶକୁ ଏକ ନୂଆ ପରିଚୟ ଦେଇଛନ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଦ୍ୱାରା ନାଗରିକଙ୍କୁ ଅପାର ଲାଭ ମିଳିଛି ।ଏଥିସହିତ ଡିଜିଟାଲ କ୍ଷେତ୍ରରେ । ନୂତନ ବିପଦ ମଧ୍ୟ ଉଭା ହୋଇଛି ।ସେଥିପାଇଁ ପ୍ରଯୁକ୍ତିବିଦ୍ୟାର ଦୁରୁପଯୋଗ କାରଣରୁ ହେଉଥିବା ସମ୍ଭାବ୍ୟ କ୍ଷତିଠାରୁ ସମାଜକୁ ସୁରକ୍ଷିତ ରଖିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଏହି ବିଚାରକୁ ନେଇ ସରକାର ଅନଲାଇନ ଗେମିଂ ପ୍ରୋତ୍ସାହନ ଏବଂ ନିୟାମକ ବିଲ, ୨୦୨୫ ଆଗତ କରିଛନ୍ତି । ଏହି ବିଲ୍ ଇ-ସ୍ପୋର୍ଟସ୍ ଏବଂ ଅନଲାଇନ୍ ସୋସିଆଲ ଗେମ୍ସକୁ ପ୍ରୋତ୍ସାହିତ କରିଥାଏ, କିନ୍ତୁ ହାନିକାରକ ଅନଲାଇନ୍ ମନି ଗେମିଂ ସେବା, ବିଜ୍ଞାପନ ଏବଂ ଏହା ସହ ଜଡ଼ିତ ଆର୍ଥିକ ନେଣଦେଣ ଉପରେ ପ୍ରତିବନ୍ଧକ ଲାଗୁ କରିଥାଏ । ବିଲରେ ସବୁ ଅନଲାଇନ୍ ସଟ୍ଟାବାଜୀ ଏବଂ ଜୁଆ ଆଧାରିତ କାର୍ଯ୍ୟକଳାପକୁ ମଧ୍ୟ ବେଆଇନ ଘୋଷଣା କରାଯାଇଛି । ଏଥିରେ ଅନଲାଇନ୍ ଫାଣ୍ଟାସି ଖେଳ ଠାରୁ ଆରମ୍ଭ କରି ଅନଲାଇନ୍ ଜୁଆ କାରବାର ଏବଂ ଅନଲାଇନ୍ ଲଟେରୀ ପର୍ଯ୍ୟନ୍ତ ସାମିଲ ରହିଛି । ଏହା ଆମର ଯୁବବର୍ଗଙ୍କୁ ଶିକାରୀ ଅନଲାଇନ୍ ରିୟଲ୍ ମନି ଗେମିଂ ଆପ୍ ଗୁଡ଼ିକ ଠାରୁ ସୁରକ୍ଷା ଦେବ । ଏହି ଆପ୍ ଗୁଡ଼ିକ ଯୁବବର୍ଗଙ୍କୁ ଭ୍ରମାତ୍ମକ "ଆର୍ଥିକ ଲାଭ ପ୍ରତିଶ୍ରୁତି' ମାଧ୍ୟମରେ ବାଧ୍ୟତାମୂଳକ ଏବଂ ନିଶା ଲାଗି ଯାଉଥିବା ଖେଳରେ ସାମିଲ କରିଥା';, ଯାହାଫଳରେ ସାରା ପରିବାର ଆର୍ଥିକ ସଂକଟରେ ପଡ଼ିଯାଇଥାଏ । ଅଧିକନ୍ତୁ, ଭାରତୀୟ ନ୍ୟାୟ ସଂହିତା ୨୦୨୩ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଆଇନ ଭଳି ଭୌତିକ ଦୁନିଆ ପାଇଁ ରହିଥିବା ବର୍ତ୍ତମାନର ଆଇନରେ ସଟ୍ଟା ଏବଂ ଜୁଆ କାରବାର ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି ଏବଂ ଏହାକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଉଛି । ତେଣୁ ଭୌତିକ ଦୁନିଆ ଅନୁରୂପ ଡିଜିଟାଲ ଡୋମେନ୍ ପାଇଁ ଏକ ଜାତୀୟ ଆଇନ ଆଣିବା ଲାଗି ନୂଆ ବିଲରେ ପ୍ରସ୍ତାବ ରହିଛି ।ଇ-ସ୍ପୋର୍ଟସ୍କୁ ପ୍ରୋତ୍ସାହନ ଦେବା ଲାଗି ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଏକ ସମର୍ପିତ ରୂପରେଖ ପ୍ରସ୍ତୁତ କରିବ । ଅନଲାଇନ୍ ସୋସିଆଲ ଗେମ୍ସ ନିମନ୍ତେ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଶିକ୍ଷା ଓ ସାଂସ୍କୃତିକ ମୂଲ୍ୟବୋଧ, ଦକ୍ଷତା ବିକାଶ ଏବଂ ସାମାଜିକ ସମ୍ପର୍କକୁ ପ୍ରୋତ୍ସାହନ ଦେଉଥିବା ଅନଲାଇନ୍ ଗେମ୍ ଗୁଡ଼ିକୁ ସମର୍ଥନ ଯୋଗାଇ ଦେବ ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ

## ଅଭିଯୁକ୍ତ ଗିରଫ




ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ ହୋଇଛି ।ନିଜ ବାସଭବନରେ ସାପ୍ତାହିକ ଜନଶୁଣାଣି କରୁଥିବା ବେଳେ ଜଣେ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ଚାପୁଡ଼ା ମାରିଛନ୍ତି । ନିଜ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିବା ବେଳେ ଯୁବକ ହଠାତ୍ ରେଖାଙ୍କୁ ଚାପୁଡ଼ା ମାରିଥିବା ସୂଚନା ମିଳିଛି । ତେବେ ସୂଚନା ଅନୁସାରେ ୩୫ ବର୍ଷୀୟ ଯୁବକ ଜଣକ କିଛି କାଗଜ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଲେ ଏବଂ ଜୋରରେ ପାଟି କରିଥିଲେ ଏବଂ ତାପରେ ହଠାତ ଚାପୁଡ଼ା ମାରିଲେ । ଯୁବକଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଥିବା ବେଳେ ଆକ୍ରମଣର କାରଣ ଜଣାପଡିନି । ଘଟଣାକୁ ଦିଲ୍ଲୀ ବିଜେପି ନିନ୍ଦା କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ବିରାଟ ତ୍ରୁଟି ନେଇ ବିରାଟ ପ୍ରଶ୍ନ ଉଠିଛି । ତେବେ ଆକ୍ରମଣକାରୀଙ୍କ ନାମ ରାଜେଶ ଖିମଜୀ । ତାଙ୍କ ଘର ଗୁଜୁରାଟ ରାଜକୋଟର । ତାଙ୍କ ବୟସ ୪୧ । ତେବେ ଆକ୍ରମଣ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ଲାଗିଛି ଆଘାତ ।

# ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ କେଉଁଠି ?

ନୂଆଦିଲ୍ଲୀ : ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବେ କେଉଁଠି ? ଏଭଳି ପ୍ରଶ୍ନ ଉଠାଇଛନ୍ତି ରାହୁଲ ଗାନ୍ଧି । ଲୋକସଭାରେ ଏକ ବିଲ୍ ଉପରେ ଆଲୋଚନା ଚାଲିଥିବା ବେଳେ ଏଥିରେ ହସ୍ତକ୍ଷେପ କରି ବିରୋଧ ଦଳର ନେତା ରାହୁଲ କହିଥିଲେ ଯେ ଆମେ ମଧ୍ୟଯୁଗକୁ ଫେରିଯାଉଛୁ । ଯେଉଁଦିନ ଉପରାଷ୍ଟ୍ରପତି ଇସ୍ତଫା ଦେଇଥିଲେ ସେ ସେହିଦିନ ତୁରନ୍ତ ତାଙ୍କର ବଙ୍ଗଳା ଛାଡି ଚାଲିଯାଇଥିଲେ । ଏ ଖବର ତାଙ୍କ ନିକଟରେ ପହଞ୍ଚିଥିଲା । ଧନଖଡଙ୍କ ଇସ୍ତଫା ପଛରେ କିଛି ରହସ୍ୟ ଅଛି । ଯାହାକି ଲୋକେ ଜାଣିବା ନିହାତି ଜରୁରୀ ।ଭାରତ ପୂର୍ବତନ ଉପରାଷ୍ଟ୍ରପତି କେଉଁଠି ଅଛନ୍ତି ସେ ସମ୍ପର୍କରେ ଗୋଟିଏ ଶବ୍ଦ ବି କୁହାଯାଇନାହିଁ । ଯିଏ ରାଜ୍ୟ ସଭାରେ ଖୋଲାଖୋଲି ଭାବରେ କହୁଥିଲେ ସେ ଆଜି କାହିଁକି ନିରବ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି ।

# ସ୍କୁଲରେ ୧୦ମ ଛାତ୍ରକୁ ଛୁରୀ ଭୁସି ହତ୍ୟା

ଅହମଦାବାଦ : ସ୍କୁଲ ଭିତରେ ଛାତ୍ରଙ୍କୁ ଛୁରାମାଡ଼ । ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କୁ ଛୁରାମାଡ଼ କଲା ୮ମ ଶ୍ରେଣୀରେ ପଢୁଥିବା ଛାତ୍ର । ଗତକାଲି ଏହି ଘଟଣା ଘଟିଥିବା ବେଳେ ଆଜି ଛାତ୍ରଙ୍କର ମୃତ୍ୟୁ ହୋଇଛି । ତେବେ ଗୁଜୁରାଟ ଅହମଦାବାଦ ଖୋଖର ସ୍ଥିତ ଏକ ଘରୋଇ ସ୍କୁଲରେ ଗତକାଲି ଏହି ଘଟଣା ଘଟିଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଆଉ ଆଜି ଯେତେବେଳେ ତାଙ୍କର ମୃତ୍ୟୁ ହୋଇଥି ସେତେବେଳେ ଛାତ୍ର ମୃତ୍ୟୁକୁ ନେଇ ସ୍କୁଲରେ ଦେଖାଦେଇଛି ମହାଭାରତ । ମୃତ ଛାତ୍ର ସିନ୍ଧି ସଂପ୍ରଦାୟର ହୋଇଥିବା ବେଳେ ଛୁରୀ ଭୁଷିଥିବା ଛାତ୍ର ଜଣଙ୍କ ମୁସଲିମ୍ ସଂପ୍ରଦାୟର ବୋଲି ସୂଚନା ମିଳିଛି । ଘଟଣା ପରେ ସ୍କୁଲରେ ଅଭିଭାବକଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି । ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ସ୍କୁଲରେ ହଙ୍ଗାମା କରାଯାଇଥିବା ବେଳେ ସ୍କୁଲରେ ଭଙ୍ଗାରୁଜା ପରିସ୍ଥିତି ଦେଖିବାକୁ ମିଳିଛି । ସେପଟେ ଘଟଣା ନେଇ କ୍ରାଇମବ୍ରାଞ୍ଚ ଡିସିପି କହିଛନ୍ତି- ଦୁଇ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳରୁ ଛୁରାମାଡ । ଛାତ୍ରଙ୍କ ମୃତ୍ୟୁ ପରେ ଉତ୍ତେଜନା ସୃଷ୍ଟି ହୋଇଛି । ପୋଲିସ ଛାଉଣୀରେ ପୂରା ସ୍କୁଲ ରହିଥିବା ବେଳେ ଆଜି ସଂଧ୍ୟାରେ ମୃତ ଛାତ୍ରଙ୍କର ଅନ୍ତିମ ସଂସ୍କାର କରାଯିବ । ଅନ୍ୟପଟେ ଜଣେ ଜଣେ ଅଭିଭାବକ କହିଛନ୍ତି- ମୋର ଦୁଇ ଝିଅ ଏହି ସ୍କୁଲରେ ପଢୁଛନ୍ତି । ଏ ଘଟଣା କେବଳ ଆଜିର ନୁହେଁ, ଗତ ଦୁଇ ବର୍ଷ ଧରି ଏପରି ଘଟଣା ସାମ୍ନାକୁ ଆସୁଛି । ମୁଁ ଦୁଇଥର ଅଭିଯୋଗ କରିସାରିଲିଣି । ସ୍କୁଲ ବସରେ ପୁଅମାନେ ଅଶ୍ଳୀଳ ଭାଷାରେ କଥା ହୁଅନ୍ତି । ଝିଅମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରନ୍ତି । ସେମାନଙ୍କୁ ଦୁଷ୍କର୍ମ ମଧ୍ୟ କରାଯାଏ ବୋଲି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ।

# ଜେଲେନସ୍କି-ଟ୍ରମ୍ପ ଚୁକ୍ତି : ଅସ୍ତ୍ରଶସ୍ତ୍ର, ଡ୍ରୋନ ଯୋଗାଣ



ଓ୍ୱାଶିଂଟନ : ୟୁକ୍ରେନ ଓ ରୁଷ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଏବେ ଦୁଇ ଦେଶର ନେତା ଯଥା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓୟୁକ୍ରେନର ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କିଙ୍କ ମଧ୍ୟରେ ମୁହାଁମୁହିଁ ବୈଠକ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ବର୍ତ୍ତମାନର ସଂଘର୍ଷ ଶେଷ ହେବା ପରେ ମସ୍କୋକୁ ତା'ର ପଡ଼ୋଶୀ ୟୁକ୍ରେନ ଉପରେ ପୁଣି ଥରେ ଆକ୍ରମଣ କରିବାରୁ ରୋକିବା ଉଦ୍ଦେଶ୍ୟରେ ଆମେରିକାୟୁରୋପୀୟ ସୁରକ୍ଷା ଗ୍ୟାରେଣ୍ଟିକୁ ସମର୍ଥନ କରିବ । ତେବେ ସୁରକ୍ଷା ଗ୍ୟାରେଣ୍ଟି ଓ ଶାନ୍ତି ଆଲୋଚନାର ଯୋଜନା ସମ୍ପର୍କରେ ସେ କିଛି ସ୍ପଷ୍ଟ କରିନାହାନ୍ତ । ସୋମବାର ହ୍ୱାଇଟ୍ ହାଉସରେ ଟ୍ରମ୍ପ, ଜେଲେନସ୍କି ଓ ଅନ୍ୟ ୭ ଜଣୟୁରୋପୀୟ ନେତାଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ବୈଠକ ହୋଇଥିଲା । ବୈଠକ ଶେଷରେ ନେତାମାନେ ଆଶା ବ୍ୟକ୍ତ କରିଥିଲେ ଯେ ଟ୍ରମ୍ପ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ତାଙ୍କର ପ୍ରଚାର ପ୍ରତିଶ୍ରୁତି ପୂରଣ କରିବା ଦିଗରେ ଦ୍ରୁତ ଗତିରେ ପଦକ୍ଷେପ ନେବେ । ଟ୍ରମ୍ପ କହିଛନ୍ତି ଯେ ଏହି ବୈଠକରେ ସମସ୍ତେ ବହୁତ ଖୁସି ଅଛନ୍ତି । ଟ୍ରମ୍ପଙ୍କ ସମ୍ମୁଖରେ ସୁରକ୍ଷା ଗ୍ୟାରେଣ୍ଟି ଓ ଶାନ୍ତି ଆଲୋଚନା ପାଇଁୟୁକ୍ରେନ୍ ଏକ ବଡ଼ ଦାବି ରଖିଛି ।ୟୁକ୍ରେନ୍ ଟ୍ରମ୍ପଙ୍କୁ ୧୦୦ ବିଲିୟନ ଡଲାରର ଆମେରିକୀୟ ଅସ୍ତ୍ରଶସ୍ତ୍ର କ୍ରୟ ପ୍ୟାକେଜକୁ ଅନୁମୋଦନ କରିବାକୁ ଦାବି କରିଛି । ଏହି କ୍ରୟ ପାଇଁ ୟୁରୋପ ଅର୍ଥ ପ୍ରଦାନ କରିବ । ରୁଷ୍ ସହ ଶାନ୍ତି ଚୁକ୍ତି ପରେ ଆମେରିକାର ଦୀର୍ଘମିଆଦୀ ନିରାପତ୍ତା ଗ୍ୟାରେଣ୍ଟି ସୁରକ୍ଷିତ କରିବା ପାଇଁ ୟୁକ୍ରେନର ପ୍ରୟାସର ଏକ ଅଂଶ ହେଉଛି ଏହି ପ୍ରସ୍ତାବ । ତା'ଛଡ଼ା କିବ୍ ମିଳିତ ଡ୍ରୋନ୍ ଉତ୍ପାଦନ ପାଇଁ ଆମେରିକୀୟ କମ୍ପାନିମାନଙ୍କ ସହ ୫୦ ବିଲିୟନ ଡଲାରର ଏକ ପୃଥକ୍ ଚୁକ୍ତି ପ୍ରସ୍ତାବ ଦେଇଛି ।

# ଭାରତ ପାଇଁ ହାତ ଖୋଲି ଦେଲା ରୁଷ

ମସ୍କୋ : ଯଦି ଭାରତୀୟ ଦ୍ରବ୍ୟ ଆମେରିକା ମାର୍କେଟରେ ପ୍ରବେଶ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତା'ହେଲେ ରୁଷ ନୂଆଦିଲ୍ଲୀ ରପ୍ତାନୀ କରୁଥିବା ଦ୍ରବ୍ୟକୁ ସ୍ୱାଗତ କରିବ । ରୁଷର ଦ୍ୱାର ଭାରତ ପାଇଁ ସବୁବେଳେ ଖୋଲା ରହିଛି । ଆଜି ଏଭଳି କିଛି କହିଛନ୍ତି ରୁଷର ଜଣେ ବରିଷ୍ଠ କୂଟନୀତିଜ୍ଞ ।ଜାତୀୟ ରାଜଧାନୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୁଷର ଡେପୁଟି ଚିଫ ଅଫ ମିସନ ରୋମାନ ବାବୁଶକିନ କହିଛନ୍ତି ରୁଷ ଠାରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତ ଉପରେ ଆମେରିକା ଚାପ ସୃଷ୍ଟି କରିବା ସଂପୂର୍ଣ୍ଣ ଭାବେ ଏକତରଫା ଓ ଅନୁଚିତ । ଯଦି ଭାରତୀୟ ଦ୍ରବ୍ୟଗୁଡ଼ିକ ଆମେରିକା ବଜାରରେ ପ୍ରବେଶ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତା'ହେଲେ ରୁଷ ବଜାର ଭାରତୀୟ ରପ୍ତାନୀକୁ ସ୍ୱାଗତ କରିବଛ କଟକଣା ସେମାନଙ୍କୁ ଆଘାତ ଦେଉଛି, ଯେଉଁମାନେ ଏହାକୁ ଲାଗୁ କରୁଛନ୍ତି । ଭାରତ ପାଇଁ ଏହା ଏକ ଆହ୍ୱାନପୂର୍ଣ୍ଣ ସମୟ । କିନ୍ତୁ ଆମ ଭିତରେ ଥିବା ବନ୍ଧୁତା ଉପରେ ଆମର ବିଶ୍ୱାସ ରହିଛି । ବାହ୍ୟ ଚାପ ସେ%୦ ଭାରତ-ରୁଷ ଶକ୍ତି କ୍ଷେତ୍ରର ସହଭାଗିତା ବଳବତ୍ତର ରହିବ । ଭାରତକୁ ରୁଷ ଠାରୁ ସର୍ବାଧିକ ଅଶୋଧିତ ତୈଳ ଯୋଗାଣ କରାଯାଉଛି । ଭାରତର ଚାହିଦା ମଧ୍ୟ ବର୍ଷକୁ ବର୍ଷ ବି ଚାଲିଛି । ନିଃସନ୍ଦେହ ଭାବେ ଏହା ଆମର ଅର୍ଥବ୍ୟବସ୍ଥା ମଧ୍ୟରେ ଥିବା ଆପୋଷ ସାମଞ୍ଜସ୍ୟର ଏକ ଉଦାହରଣଛ ଆମେ ପୂରା ନିଶ୍ଚିତ ଯେ ଆମ ଭିତରେ ଥିବା ଭାଗିଦାରୀ ବଳବତ୍ତର ରହିବ ବୋଲି ସେ କହିଛନ୍ତି । ଏହି ବୟାନର ଦିନକ ପୂର୍ବରୁ ଆମେରିକା ହ୍ୱାଇଟ ହାଉସର ପ୍ରେସ ସଚିବ କାରୋଲିନେ ଲେଭିଟ୍ଟ କହିଥିଲେ ଯେୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ରୁଷ ଉପରେ ଚାପ ପକାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଟାରିଫ ଲଗାଇଥିଲେ । ପ୍ରଥମେ ୨୫% ଓ ପରେ ୨୫% ଟାରିଫ ଭାରତ ଉପରେ ଲଗାଇ ରୁଷ ଉପରେ ଚାପ ସୃଷ୍ଟି କରାଯାଇଥିବା ବୋଲି ସେ କହିଥିଲେ ।

# ଗୋପନୀୟତାକୁ ବଜାୟ ରଖିଛି ଡିପିଡିପି ଆଇନ

ନୂଆଦିଲ୍ଲୀ : ଗୋପନୀୟତା ଅଧିକାର ଏବଂ ସୂଚନା ଅଧିକାର ମଧ୍ୟରେ ସନ୍ତୁଳନ ସ୍ଥାପନ କରିଛି ସୂଚନା ଅଧିକାର ଆଇନରେ ସଂଶୋଧଆଇନ ଅନୁଯାୟୀ ବିଭିନ୍ନ ଗଣମାଧ୍ୟମ ସଂଗଠନ ସହିତ ଆଲୋଚନା କରିବା ସହ ନିୟମାବଳୀ ପାଇଁ ବ୍ୟାପକ ବିଚାରବିମର୍ଶ କରିଛନ୍ତି ସରକାର ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ୨୦୨୩ (ଡିପିଡିପି ଆଇନ) ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟର ପ୍ରକ୍ରିୟାକରଣ ପାଇଁ ଏପରି ବ୍ୟବସ୍ଥା କରିଛି ଯାହା ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷା ଦେବାର ଅଧିକାର ଏବଂ ଆଇନଗତ ଉଦ୍ଦେଶ୍ୟ ପାଇଁ ଏପରି ବ୍ୟକ୍ତିଗତ ତଥ୍ୟ ପ୍ରକ୍ରିୟାକରଣ କରିବାର ଆବଶ୍ୟକତାକୁ ସ୍ୱୀକୃତି ଦେଇଥାଏଛ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଲୋକସଭାରେ ଦେଇଥିବା ସୂଚନା ଅନୁଯାୟୀ, ଏକ ବ୍ୟାପକ ଏବଂ ବିସ୍ତୃତ ସାର୍ବଜନୀନ ବିଚାରବିମର୍ଶ ପ୍ରକ୍ରିୟା ପରେ ଡିପିଡିପି ଆଇନ ଗୃହୀତ ହୋଇଥିଲା । ଏହି ବିଚାରବିମର୍ଶ ପ୍ରକ୍ରିୟା ସମୟରେ ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ ୨୦୨୨ (ଡିପିଡିପି ବିଲ) ଉପରେ ୨୨,୬୦୦ରୁ ଅଧିକ ମତାମତ ମିଳିଥିଲା । ଏହି ମତାମତଗୁଡ଼ିକ ଉପରେ ସତର୍କତା ପୂର୍ବକ ବିଚାରବିମର୍ଶ କରିବା ପରେ ଡିପିଡିପି ବିଲ ସଂସଦରେ ଉପସ୍ଥାପନ କରାଯାଇଥିଲା । ଏହାପରେ ଡିପିଡିପି ଆଇନ ୨୦୨୩ ଅନୁମୋଦନ ଲାଭ କରିଥିଲା । ଡିପିଡିପି ଆଇନ ମାଧ୍ୟମରେ ଆରଟିଆଇ ଆଇନର ଧାରା ୮(୧)(ଜେ)ରେ ସଂଶୋଧନ ସୂଚନା ଅଧିକାର ସହିତ ଗୋପନୀୟତାର ମୌଳିକ ଅଧିକାରକୁ ସନ୍ତୁଳିତ କରିଥାଏ । ଜଷ୍ଟିସ କେ.ଏସ ପୁଟ୍ଟାସ୍ୱାମୀ ବନା ଭାରତ ସରକାର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସୁନିଶ୍ଚିତ କରିଛନ୍ତି । ଏହି ସଂଶୋଧନ ଉଚିତ ପ୍ରତିବନ୍ଧକ ଉପରେ ପ୍ରତିଷ୍ଠିତ ନ୍ୟାୟିକ ତର୍କ ଅନୁରୂପ ଅଟେ ଯାହା ବର୍ତ୍ତମାନର ନ୍ୟାୟଶାସ୍ତ୍ରକୁ ସଂହିତାବଦ୍ଧ କରିଥାଏ । ଏହା ଆଇନ ମଧ୍ୟରେ ସମ୍ଭାବ୍ୟ ଦ୍ୱନ୍ଦ୍ୱକୁ ଏଡାଇବାରେ ସାହାଯ୍ୟ କରେ ।ଏହାବ୍ୟତୀତ, ସୂଚନା ଅଧିକାର ଆଇନର ଧାରା ୮(୨) ଅନୁଯାୟୀ, ସୂଚନାର ପରିପ୍ରକାଶରେ ଯଦି ସୁରକ୍ଷିତ ହିତ ଅପେକ୍ଷା ଜନହିତ ଅଧିକ ଗୁରୁତ୍ୱ ବହନ କରେ ତେବେ ଯେକୌଣସି ସାର୍ବଜନୀନ ପ୍ରାଧିକରଣ ସୂଚନା ଯୋଗାଇ ଦେବାକୁ ଅନୁମତି ଦେଇପାରିବେ ।ଏହି ଧାରାରେ ଉଲ୍ଲେଖ କରାଯାଇଛି: ""ସୂଚନା ପରିପ୍ରକାଶରେ ଯଦି ସୁରକ୍ଷିତ ହିତ ଅପେକ୍ଷା ଜନହିତ ଅଧିକ ଗୁରୁତ୍ୱ ବହନ କରେ ତେବେ ଅଧିକୃତ ଗୋପନୀୟତା ଆଇନ ୧୯୨୩ (୧୯୨୩ର ୧୯)ରେ କୌଣସି ବିଷୟ ଥିଲେ ଅଥବା ଉପଧାରା (୧) ଅନୁଯାୟୀ ଅନୁମେୟ କୌଣସି ଛାଡ଼ର ଅନୁମତି ଥିଲେ ସୁଦ୍ଧା ଯେକୌଣସି ସାର୍ବଜନୀନ ପ୍ରାଧିକରଣ ସୂଚନା ଯୋଗାଇ ଦେବାକୁ ଅନୁମତି ଦେଇପାରିବେ ।

# ମତାମତ ଦେଇପାରିବୁ, ରାୟ ଖାରଜ କରିପାରିବୁ ନାହିଁ : ଜଷ୍ଟିସ ସୂର୍ଯ୍ୟକାନ୍ତ



ନୂଆଦିଲ୍ଲୀ: ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ନେତୃତ୍ୱରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ମଙ୍ଗଳବାର ଅପରାହ୍ନରେ ରାଷ୍ଟ୍ରପତିଙ୍କ ରେଫରେନ୍ସର ଶୁଣାଣି ସମୟରେ କହିଛନ୍ତି ଯେ, ଏପ୍ରିଲ ୧୨ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ରାଜ୍ୟପାଳଙ୍କୁ ରାଜ୍ୟମାନଙ୍କ ଦ୍ୱାରା ପାରିତ ବିଲକୁ ମଞ୍ଜୁରି ଦେବା ପାଇଁ ସମୟସୀମା ଧାର୍ଯ୍ୟ କରିଥିବା ଆଦେଶକୁ ସୁପ୍ରିମକୋର୍ଟ ରଦ୍ଦ କରିବେ ନାହିଁ । ପ୍ରଧାନ ବିଚାରପତି କହିଛନ୍ତି ଯେ ଅଦାଲତ କେବଳ ପରାମର୍ଶଦାତା ଭୂମିକାରେ କାର୍ଯ୍ୟ କରିବେ ଏବଂ ତାମିଲନାଡୁର ଶାସକ ଡିଏମକେ ଓ ରାଜ୍ୟପାଳ ଆର୍ଏନ୍ ରବିଙ୍କ ସହ ଜଡିତ ମାମଲା ଉପରେ ଅପିଲରେ ବସିବେ ନାହିଁ ।ଏପ୍ରିଲ ୧୨ରେ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଥିଲେ ଯେ, ରାଜ୍ୟପାଳ ରବିଙ୍କ ଏହି ସଂକ୍ରାନ୍ତ କାର୍ଯ୍ୟ "ବେଆଇନ' ଓ "ମନମୁଖୀ' ଏବଂ ଦ୍ୱିତୀୟ ଥର ବିଲ୍ ଉପସ୍ଥାପନ ହେବା ପରେ ସେ ଦସ୍ତଖତ କରିବା ଉଚିତ ଥିଲାଛ ଆମେ କେବଳ ଆଇନ ବିଷୟରେ ମତ ପ୍ରକାଶ କରିବୁ ଏବଂ ତାମିଲନାଡୁ ମାମଲା ଉପରେ କୌଣସି ନିଷ୍ପତ୍ତି ନେବୁ ନାହିଁ ବୋଲି କୋର୍ଟ ରେଫରେନ୍ସ ଉପରେ ପ୍ରାଥମିକ ଆପତ୍ତିର ଉତ୍ତରରେ କହିଛନ୍ତି । ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହ ଏବଂ ଜଷ୍ଟିସ ଏ ଚାନ୍ଦୁରକରଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କେକେ ବେଣୁଗୋପାଳ (କେରଳ ପକ୍ଷରୁ) ଏବଂ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି (ତାମିଲନାଡୁ ପକ୍ଷରୁ)ଙ୍କ ପ୍ରାଥମିକ ଆପତ୍ତିର ଶୁଣାଣି ଆରମ୍ଭ କରିଛନ୍ତି ।

# ୟୁକ୍ରେନ୍ ଉପରେ ପଡୁଛି ଚାପ

ନୂଆଦିଲ୍ଲୀ : ବିଶ୍ୱର ସର୍ବଶ୍ରେଷ୍ଠ ଡିଲ୍ ମେକର ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱଘୋଷିତ ଭାବମୂର୍ତ୍ତି ଭ୍ଲାଦିମିର ପୁଟିନଙ୍କ ସୁଚିନ୍ତିତ ରଣନୀତିରେ ଭୁଶୁଡ଼ି ପଡ଼ିଛିଛ ବାସ୍ତବରେ ଯାହାକୁ ସେ କୂଟନୀତି ବୋଲି କହୁଛନ୍ତି, ତାହା ହେଉଛି ଆତ୍ମସମର୍ପଣଛ ଆଲାସ୍କାରେ ପୁଟିନଙ୍କ ସହ ତାଙ୍କର ଶିଖର ସମ୍ମିଳନୀ ପରେ ସେ ବୋଲଡିମିର ଜେଲେନସ୍କିଙ୍କ ଉପରେ ପ୍ରବଳ ଚାପ ପକାଉଛନ୍ତି । ଏହା ବାସ୍ତବରେୟୁକ୍ରେନ, ଆମେରିକାର ସହଯୋଗୀ ରାଷ୍ଟ୍ର ଓ ଆମେରିକାର ବିଶ୍ୱସନୀୟତା ପ୍ରତି ବିଶ୍ୱାସଘାତକତା ବୋଲି କୂଟନୈତିକ ମହଲରେ ଚର୍ଚ୍ଚା ହେଉଛି । ଟ୍ରମ୍ପଙ୍କ ୟୁକ୍ରେନ ନୀତିର ମୂଳରେ ରହିଛି କିବକୁ ସାଲିସ ଭିତରକୁ ଠେଲିଦେବାର ଇଚ୍ଛା ଯାହା ରୁଷୀୟ ଆକ୍ରମଣକୁ ଖୋଲାଖୋଲି ଭାବେ ପୁରସ୍କୃତ କରେ । ଆଲାସ୍କା ବୈଠକ ପରେ ଟ୍ରମ୍ପ ଶାନ୍ତି ଚୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ଜୋର ଦେବା ଆରମ୍ଭ କରିଥିଲେ । ଖୁବ୍‌ଶୀଘ୍ର ସାମ୍ନାକୁ ଆସିଲା ପୁଟିନ୍ ପୂର୍ବ ଡୋନବାସ ଉପରେ ନିୟନ୍ତ୍ରଣ ଓୟୁକ୍ରେନର ନାଟୋ ଅଭିଳାଷ ଉପରେ ଭିଟୋ ଦାବି କରିଥିଲେଛ ଟ୍ରମ୍ପ ପରାମର୍ଶ ଦେଇଥିଲେ ଯେ ଜେଲେନସ୍କି ସାଲିସ ମାଧ୍ୟମରେ ଯୁଦ୍ଧକୁ "ପ୍ରାୟ ତୁରନ୍ତ' ଶେଷ କରିପାରିବେ । ଏହି ଆଭିମୁଖ୍ୟ ୨୦୨୨ ଆକ୍ରମଣ ପରଠାରୁ ୟୁକ୍ରେନର ବ୍ୟାପକ ବଳିଦାନକୁ କ୍ଷୁଣ୍ଣ କରୁଛି ଏବଂ ଟ୍ରମ୍ପଙ୍କ କାରବାର ରାଜନୀତିରେ ଏହାର ସାର୍ବଭୌମତ୍ୱକୁ ଏକ ବାର୍ଗେନିଂ ଚିପ୍ରେ ପରିଣତ କରିଛି । ଅଗଷ୍ଟ ୧୮ ରେ ଜେଲେନସ୍କିଙ୍କ ସହ ମାକ୍ରନ୍ ଓ ସ୍କୋଲଙ୍କ ସହ ହୋଇଥିବା ଓଭାଲ୍ ଅଫିସ୍ ବୈଠକରେ ଟ୍ରମ୍ପଙ୍କ ଉଚ୍ଚ ଚାପ କୌଶଳ ପଦାକୁ ଆସିଥିଲାଛୟୁରୋପୀୟ ନେତାମାନେ ଅସ୍ତ୍ରବିରତିକୁ ଜରୁରୀ ପ୍ରଥମ ପଦକ୍ଷେପ ବୋଲି ଗୁରୁତ୍ୱାରୋପ କରିଥିବା ବେଳେ ଟ୍ରମ୍ପ ଏହାର ଗୁରୁତ୍ୱକୁ ଅଣଦେଖା କରି ସିଧାସଳଖ ପୁଟିନ୍-ଜେଲେନସ୍କିଙ୍କ ବୈଠକ ପାଇଁ ଜୋର ଦେଇଥିଲେ ଏବଂ କୂଟନୀତିକୁ ଏକ ଫଟୋ-ଅପ୍ରେ ପରିଣତ କରିଥିଲେ । ସବୁଠାରୁ ଖରାପ କଥା ହେଉଛି, ତାଙ୍କର "ଆମେରିକୀୟ ନିରାପତ୍ତା ଗ୍ୟାରେଣ୍ଟି' ପ୍ରସ୍ତାବର ଏକ ମୂଲ୍ୟ ଟ୍ୟାଗ୍ ଥିଲା: କିବ୍ ଆମେରିକାଠାରୁ ୯୦ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର କ୍ରୟ କରିବ ଓ ମୂଲ୍ୟଦେବ ୟୁରୋପ । କିନ୍ତୁ ଟ୍ରମ୍ପ ତାଙ୍କ କଥା ପାଳନ କରିବେ ବୋଲି ବିଶ୍ୱାସ କରାଯାଇପାରିବ କି ନାହିଁ । କାରଣ ବାରମ୍ବାର ତାଙ୍କର ଆଭିମୁଖ୍ୟ ବଦଳିଥାଏ । ଚୀନ୍ ପାଇଁ ଟ୍ରମ୍ପଙ୍କ ୟୁକ୍ରେନ୍ ବିକ୍ରୟ ଆକ୍ରମଣକାରୀ ଦେଶକୁ ଏକ ଭୂ-ରାଜନୈତିକ ଉପହାର । ୟୁକ୍ରେନ୍ ଓ ନାଟୋକୁ ଦୁର୍ବଳ କରି ସେ ବେଜିଂର ସାହସ ବାଢ଼ାଇଛନ୍ତି । ଯଦି ପୁଟିନଙ୍କ ଆକ୍ରମଣକୁ ପୁରସ୍କୃତ କରାଯାଏ, ତେବେ ଏହା ସି ଜିନପିଙ୍ଗଙ୍କୁ ଏକ ସଙ୍କେତ ଦେଇଥାଏ ଯେ ସେ ବି ତାଇୱାନକୁ ଦଖଲ କରିବା ପାଇଁ ଆକ୍ରମଣ କରିପାରିବେ । ରୁଷିଆକୁ ଖୁସି କରିବା, ପାକିସ୍ତାନକୁ ସମର୍ଥନ କରିବା ଓ ଭାରତ ଉପରେ ଶୁଳ୍କ ଲଗାଇବା ଭଳି ଟ୍ରମ୍ପଙ୍କ ପଦକ୍ଷେପ ନୂଆଦିଲ୍ଲୀରେ ବିପଦର ଘଣ୍ଟି ବଜାଇଛି । ମେ ୨୦୨୫ରେ ଭାରତ-ପାକିସ୍ତାନ ସଂଘର୍ଷରେ ଟ୍ରମ୍ପଙ୍କ ମଧ୍ୟସ୍ଥତା ଦାବି କାଶ୍ମୀରକୁ ଅନ୍ତର୍ଜାତୀୟକରଣ କରିବାର ବିପଦକୁ ଦର୍ଶାଉଛି । ତେଣେ ପୁଟିନ ଭାରତ ସହ ଦୀର୍ଘଦିନର ସମ୍ପର୍କ ବଜାୟ ରଖି ପାକିସ୍ତାନ ସହ ସମ୍ପର୍କକୁ ସୁଦୃଢ଼ କରୁଥିବାରୁ ନୂଆଦିଲ୍ଲୀକୁ ସତର୍କତାର ସହ ଏଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ ।

# ଟ୍ରେନ୍ ଯାତ୍ରୀଙ୍କ ଲଗେଜରେ ଲାଗିବ କଟକଣା

## ଅଧିକ ଓଜନ ହେଲେ ଗଣିବାକୁ ପଡ଼ିବ ଦଣ୍ଡ



ନୂଆଦିଲ୍ଲୀ: ବିମାନଯାତ୍ରୀଙ୍କ ଭଳି ରେଳଯାତ୍ରୀଙ୍କୁ ବି ଖୁବ୍‌ଶୀଘ୍ର ଅଧିକ ଓଜନର ବ୍ୟାଗପତ୍ର ନେଲେ ଜରିମାନା ଗଣିବାକୁ ପଡ଼ିବ । ରେଳଯାତ୍ରୀଙ୍କ ପାଇଁ ରହିଥିବା ବ୍ୟାଗେଜ୍ ନିୟମକୁ ଶୀଘ୍ର କଡ଼ାକଡ଼ି କରାଯିବ । ବିମାନଯାତ୍ରୀଙ୍କୁ ଯେଉଁଭଳି ଲଗେଜ୍ ସୀମା ବାହାରେ ଅଧିକ ସାମଗ୍ରୀ ନେଲେ ଜରିମାନା ପଡୁଛି ରେଳଯାତ୍ରୀଙ୍କୁ ମଧ୍ୟ ସେଭଳି ଜରିମାନା ଗଣିବାକୁ ପଡ଼ିବ । ନିୟମ ଅନୁଯାୟୀ, ଯାତ୍ରୀମାନଙ୍କୁ ସେମାନଙ୍କ ବ୍ୟାଗକୁ ରେଳ ଷ୍ଟେସନରେ ଇଲେକ୍ଟ୍ରୋନିକ ମେସିନରେ ଓଜନ କରିବାକୁ ପଡ଼ିବ । ଦେଶର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ଏହି ନିୟମ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଉତ୍ତର କେନ୍ଦ୍ରୀୟ ରେଳଜୋନ ପ୍ରୟାଗରାଜ ଜଙ୍କସନ, କାନପୁର ସେଣ୍ଟ୍ରାଲ, ମିର୍ଜାପୁର ଭଳି ଷ୍ଟେସନରେ ଏହି ନିୟମକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ । ସୂଚନା ଅନୁଯାୟୀ, ଏସି ପ୍ରଥମ ଶ୍ରେଣୀରେ ଯାତ୍ରୀମାନେ ୭୦ କିଲୋ ପର୍ଯ୍ୟନ୍ତ ସାମଗ୍ରୀ ସାଥିରେ ନେଇପାରିବେ । ଦ୍ୱିତୀୟ ଶ୍ରେଣୀ ଏସି ଯାତ୍ରୀଙ୍କୁ ୫୦ କିଗ୍ରା ପର୍ଯ୍ୟନ୍ତ ସାମଗ୍ରୀ ନେବାକୁ ଅନୁମତି ମିଳିବ । ତୃତୀୟ ଶ୍ରେଣୀ ଏସି ଓ ସ୍ଲିପର ଶ୍ରେଣୀରେ ୪୦ କିଗ୍ରା ଏବଂ ସାଧାରଣ ଶ୍ରେଣୀରେ ୩୫ କିଗ୍ରା ପର୍ଯ୍ୟନ୍ତ ସାମଗ୍ରୀ ବିନା ମୂଲ୍ୟରେ ଯାତ୍ରୀଙ୍କୁ ନେବାର ଅନୁମତି ଦିଆଯିବ । ଅଧିକ ବଡ଼ ଆକାରର ବ୍ୟାଗ୍ ନେଉଥିଲେ ଓଜନ ଯାହା ହେଲେ ମଧ୍ୟ ସେଥିପାଇଁ ବି ଜରିମାନା ଦେବାକୁ ପଡ଼ିବ । ତେବେ ରେଳବାଇ ପକ୍ଷରୁ କୁହାଯାଇଛି ପୂର୍ବରୁ ରେଳଯାତ୍ରୀଙ୍କ ପାଇଁ ଲଗେଜ୍ ନୀତି ରହିଛି । କିନ୍ତୁ ତାହାକୁ କାର୍ଯ୍ୟକାରୀ କରାଯିବା ପ୍ରାୟତଃ ଦେଖାଯାଇ ନଥାଏ । ଆଗାମୀ ଦିନରେ ତାହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବାକୁ କୁହାଯାଇଛି ।

## ଏସିଆ କପ୍ ହକି

# ଭାରତୀୟ ଦଳରେ ଓଡ଼ିଆ ପୁଅ ଶୀଳାନନ୍ଦ, ଅମିତ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି) : ବିହାରର ରାଜଗିରିରେ ଏସିଆ କପ୍ ହକି ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ପାଇଁ ବୁଧବାର ୧୮ ଜଣିଆ ସଦସ୍ୟା ବିଶିଷ୍ଟ ଭାରତୀୟ ଦଳ ଘୋଷଣା କରିଛି ହକି ଇଣ୍ଡିଆ। ହରମନ୍‌ପ୍ରିତ ସିଂ ଦଳର ନେତୃତ୍ୱ ନେବେ। ଘୋଷିତ ଦଳରେ ଦୁଇ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିତଦାସ ଓ ଶୀଳାନନ୍ଦ ଲାକ୍ରା। ଷ୍ଟାଣ୍ଡ ବାୟରେ ନିଲମ ସଞ୍ଜିପ ଜେସ୍ ରହିଛନ୍ତି। ଅଗଷ୍ଟ ୨୯ ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏସିଆ କପ୍ ହକି ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ଦଳକୁ ସିଧାସଳଖ ନେଦରଲ୍ୟାଣ୍ଡସ ଓ ବେଲଜିୟମ୍‌ରେ ହେବାକୁ ଥିବା ବିଶ୍ୱ କପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବେ। ଭାରତ ସମେତ ପୁଲ ଏ ରେ ଜାପାନ, ଚୀନ ଓ କାଜାଖସ୍ତାନ ରହିଛନ୍ତି। ଅଗଷ୍ଟ ୨୯ରେ



ଚୀନ ବିପକ୍ଷରେ ଭାରତ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ନିକଟରେ ଲଳିତ ଉପାଧ୍ୟାୟ ଅବସର ନେଇଥିବାରୁ ତାଙ୍କ ସ୍ଥାନରେ ଶୀଳାନନ୍ଦ ଲାକ୍ରାଙ୍କୁ ସୁଯୋଗ ମିଳିଛି।

ଭାରତୀୟ ଦଳ

ଗୋଲକିପର -କ୍ରୀଷ୍ଣା ବାହାଦୁର ପାଠକ, ସୁରଜ କରକେରା। ଡିଫେଣ୍ଡର୍ସ : ସୁମିତ, ଜରମନପ୍ରିତ ସିଂ, ସଞ୍ଜୟ, ହରମନପ୍ରିତ ସିଂ, ଅମିତ ରୋହିତ ଦାସ ଓ ଯୁଗରାଜ ସିଂ। ମିଡଫିଲଡର୍ସ : ରାଜିନ୍ଦର ସିଂ, ରାଜକୁମାର ପାଲ, ହାର୍ଦ୍ଦିକ ସିଂ, ମନପ୍ରିତ ସିଂ, ବିବେକ ସାଗର ପ୍ରସାଦ। ଫରୱାର୍ଡସ : ମନଦୀପ ସିଂ, ଶୀଳାନନ୍ଦ ଲାକ୍ରା, ଅଭିଶେକ, ସୁଖଜିତ ସିଂ ଓ ଦୀଲପ୍ରିତ ସିଂ। ଷ୍ଟାଣ୍ଡବାୟ ଖେଳାଳି : ନିଲମ ସଞ୍ଜିପ୍ ଜେସ୍ ଓ ସେଲଭମ୍ କାର୍ତ୍ତି।

# ଆଇସିସି ର୍‍ୟାଙ୍କିଙ୍ଗରୁ ହଟିଲା ରୋହିତ, ବିରାଟଙ୍କ ନାଁ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି) : ସମସ୍ତଙ୍କୁ ଚକିତ କଲାଭଳି ଖବର ଆସିଛି। ଭାରତର ଦୁଇ ଷ୍ଟାର ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନାଁକୁ ଆଇସିସି ଚଳିତ ସପ୍ତାହର ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗରୁ ହଟାଇ ଦେଇଛି। ର୍‍ୟାଙ୍କିଙ୍ଗରେ ରୋହିତ ଓ ବିରାଟ ଯଥାକ୍ରମେ ୨ ନଂ ଓ ୪ ନଂ ରେ ରହିଥିଲେ। ଉଭୟ ବେଶ୍ କିଛି ମାସ ହେବ ଶ୍ରେଷ୍ଠ ୧୦ ବ୍ୟାଟରଙ୍କ ମଧ୍ୟରେ ରହିଆସୁଛନ୍ତି। ହେଲେ ବୁଧବାର ଆଇସିସି ଜାରି କରିଥିବା ସାପ୍ତାହିକ ର୍‍ୟାଙ୍କିଙ୍ଗ ତାଲିକାରୁ ହଠାତ୍ ଉଭୟଙ୍କ ନାଁ ହଟାଇ ଦିଆଯାଇଛି। ଦୁହିଁଙ୍କ ନାଁ ଶ୍ରେଷ୍ଠ ୧୦ କିମ୍ବା ୧୦୦ ମଧ୍ୟରେ ବି ନାହିଁ। ଯଦି କୌଣସି ଖେଳାଳି ଅବସର ଘୋଷଣା କରନ୍ତି ତାହାହେଲେ ର୍‍ୟାଙ୍କିଙ୍ଗରୁ ତାଙ୍କ ନାଁକୁ ହଟାଇ ଦିଆଯାଏ। କିନ୍ତୁ ରୋହିତ କିମ୍ବା ବିରାଟ କେହିବି ଦିନିକିଆରୁ ଅବସର ଘୋଷଣା କରିନାହାଁନ୍ତି। ତଥାପି ଆଇସିସି କାହିଁକି ଏପରି ପଦକ୍ଷେପ ନେଇଛି ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଗତ ସପ୍ତାହରେ ରୋହିତ ଓ ବିରାଟ ଶ୍ରେଷ୍ଠ ୧୦ରେ ରହିଥିଲେ। ବାବର ଆଜମଙ୍କୁ ପଛରେ




ପକାଇ ରୋହିତ ଦୁଇ ନଂକୁ ଉଠିଥିଲେ। ବିରାଟ ପୂର୍ବଭଳି ୪ ନଂ ରେ ରହିଥିଲେ। ଭାରତର ଶୁଭମନ୍ ଗିଲ୍ ବ୍ୟାଟିଂ ର୍‍ୟାଙ୍କିଙ୍ଗର ୧ ନଂ ସ୍ଥାନରେ ରହିଥିବା ବେଳେ ବିରାଟ ଓ ରୋହିତ ହଠାତ୍ ବାଦ୍ ପଡିବାରୁ ଶ୍ରେୟାସ ଆୟର ୮ ରୁ ୬ ନଂ କୁ ଉଠିଛନ୍ତି। ପାକିସ୍ତାନର ବାବର ଆଜମ ଦ୍ୱିତୀୟ, ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲ ତୃତୀୟ, ଶ୍ରୀଲଙ୍କାର ଚରିଥ ଅଶଲଙ୍କ ଚତୁର୍ଥ ଓ ଆୟରଲ୍ୟାଣ୍ଡର ହ୍ୟାରି ଟେକଟର ପଞ୍ଚମ ସ୍ଥାନରେ ରହିଛନ୍ତି। ରୋହିତ ଓ ବିରାଟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି । କିନ୍ତୁ ଉଭୟ ଭାରତ ପାଇଁ ଦିନିକିଆ ମ୍ୟାଚ ଖେଳିବେ ବୋଲି ଘୋଷଣା କରିଛନ୍ତି। ଏବେ ଭାରତର କୌଣସି ଦିନିକିଆ ସିରିଜ ନଥିବାରୁ ଉଭୟଙ୍କୁ ପଡିଆରେ ଦେଖିବାକୁ ମିଳୁନାହିଁ। ଶେଷ ଥର ପାଇଁ ଉଭୟ ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଭାରତ ପକ୍ଷରୁ ଖେଳିଥିଲେ।

### ସ୍ପଷ୍ଟିକରଣ ରଖିଲା ଆଇସିସି

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି) : ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗରେ ଭାରତର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନାଁ ନଥିବାରୁ ବିବାଦ ବଢିଛି। ଏ ନେଇ ବିବାଦ ଆହୁରୀ ତୀବ୍ର ରୂପ ହେବା ପୂର୍ବରୁ ଆଇସିସି ସ୍ପଷ୍ଟିକରଣ ରଖିଛି। କିଛି ସମୟ ପାଇଁ ଏହି ଦୁଇ ଖେଳାଳିଙ୍କ ନାମ ନରହିବା ଏକ ବୈଷୟିକ ତ୍ରୁଟି ଥିଲା। ଅଳ୍ପ ସମୟ ମଧ୍ୟରେ ଏହାକୁ ସୁଧାର କରାଯାଇଛି। ଗତ ସପ୍ତାହରେ ଉଭୟ ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ରହିଥିଲେ। ରୋହିତ ୭୮୪ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ଏବଂ କୋହଲି ଚତୁର୍ଥ ସ୍ଥାନରେ ରହିଛନ୍ତି। ଶୁଭମନ୍ ଗିଲ୍ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି । ଦକ୍ଷିଣ ଆଫ୍ରିକାର ସ୍ପିନର କେଶବ ମହାରାଜା ବୋଲରଙ୍କ ମଧ୍ୟରେ ଶୀର୍ଷ ସ୍ଥାନରେ ରହିଛନ୍ତି। ଭାରତରେ କୁଲଦୀପ ଯାଦବ ଓ ଶ୍ରୀଲଙ୍କାର ମହେଶ ଥେକ୍‌ସାନାଙ୍କୁ ପଛରେ ପକାଇ ସେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ୨୦୨୩ରେ କେଶବ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୁଲଦୀପଙ୍କ ବ୍ୟତିତ ରବିନ୍ଦ୍ର ଜାଡେଜା ବୋଲଙ୍କ ମଧ୍ୟରେ ପ୍ରଥମ ୧୦ ଜଣଙ୍କ ଭିତରେ ରହିଛନ୍ତି।

## ୟୁଏସ୍ ଓପନ୍

# ମିକ୍ସଡ ଡବ୍ଲସ ସେମିରେ ସ୍ୱିଟେକ -ରୁଡ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି) : ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟର ମିକ୍ସଡ ଡବ୍ଲସ , ସେମିଫାଇନାଲରେ ଇଗା ସ୍ୱିଟେକ୍ ଓ କାସ୍ପର ରୁଡ ପ୍ରବେଶ କରିଛନ୍ତି। ଏହି ଯୋଡି କ୍ରମାଗତ ଦୁଇଟି ବିଜୟ ଲାଭ କରି ସଫଳତା ପାଇଛନ୍ତି। ନିକଟରେ ଇଗା ସ୍ୱିଟେକ୍ ସିନସିନାଟିକ୍ ଓପନ୍ ଜିତିଥିଲେ। ୟୁଏସ୍ ଓପନ୍ ମିକ୍ସଡ ଡବ୍ଲସ କ୍ୱାଟରରେ ସ୍ୱିଟେକ୍ - ରୁଡଙ୍କ ଯୋଡି ମାତ୍ର ୩୯ ମିନିଟ୍ ସମୟ ମଧ୍ୟରେ ୪-୧, ୪-୨ ସେଟ୍‌ରେ କିଜ୍ ଓ ତାଇଫୋଇଙ୍କ ଯୋଡିଙ୍କୁ ପରାଜିତ କରିଥିଲେ। ସେମିଫାଇନାଲରେ ଏହି ଯୋଡି ଜେସିକା ପେଗୁଲା ଓ ଜ୍ୟାକ୍ ଡ୍ରାପରଙ୍କୁ ଭେଟିବ। ପେଗୁଲା ଓ ଡ୍ରାପର ୪-୨ , ୪-୨ ସେଟ୍‌ରେ କାର୍ଲୋସ ଆଲକାରେଜ୍



ଓ ଇମା ରାଡୁକାନୁଙ୍କୁ ପରାଜିତ କରିଥିଲେ।

ପୂର୍ବରୁ ଆଉ ଏକ ଉଚ୍ଚ କୋଟିର ମ୍ୟାଚରେ ମେଡଭେଡଭ ଓ ଆନ୍ଦ୍ରେଭାଙ୍କ ଯୋଡି ୪-୨, ୫-୨ ସେଟ୍‌ରେ ନୋଭାକ୍ ଜୋକୋଭିକ୍ ଏବଂ ଓଲଗା ଡାନିଲୋଭିକ୍‌ଙ୍କୁ ପରାଜିତ କରିଥିଲେ। ଭେନସ୍ ଉଇଲିୟମ୍ସ ଏବଂ ରିଲି ଓପେଲକା ୪-୨, ୫-୪ ସେଟ୍‌ରେ କାରୋଲିନା ମୁଚୋଭା ଓ ଆନ୍ଦ୍ରେ ରୁବଲେଭଙ୍କୁ ପରାଜିତ କରିଥିଲେ। ଡିଫେଣ୍ଡିଂ ଚାମ୍ପିଅନ ଆନ୍ଦ୍ରେଆ ଭାଭାସୋରି ଓ ସାରା ଇରାନି ୪-୨, ୪-୨ ସେଟ୍‌ରେ ଟୁର୍ଣ୍ଣମେଣ୍ଟର ଦ୍ୱିତୀୟ ସିଟ୍ ଏଲିନା ରିବାକିନା ଓ ଟେଲର ଫ୍ରିଟେଜଙ୍କୁ ପରାଜିତ କରିଥିଲେ। ବିଶ୍ୱର ୧ ନଂ ଖେଳାଳି ଜାନିକ୍ ସିନର ଅସୁସ୍ଥତା କାରଣରୁ ମିକ୍ସଡ ଡବଲ୍ସ ପ୍ରତିଯୋଗିତାରୁ ଓହରିଯାଇଥିଲେ। ସିନ୍‌ସିନାଟି ଓପନ୍ ଫାଇନାଲରେ ମଧ୍ୟ ସେ ଆଲକାରେଜଙ୍କ ବିପକ୍ଷରେ ଖେଳିପାରିନଥିଲେ। ଏଥର ବିଜେତା ଯୋଡିକୁ ଏକ ମିଲିୟନ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯିବ।

## ଜାତୀୟ ସବ୍‌ଜୁନିୟର ବାଳିକା ଫୁଟବଲ୍

# ମହାରାଷ୍ଟ୍ରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ଆସାମରେ ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର ବାଳିକା ଫୁଟବଲ୍ ଚାମ୍ପିଅନସିପ୍‌ର ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ନିକଟରେ ହାରିଯାଇଛି। ଆଗାମୀ ୨୨ ତାରିଖରେ ଓଡ଼ିଶା ଦଳ ଦ୍ୱିତୀୟ ମ୍ୟାଚରେ ପଶ୍ଚିମବଙ୍ଗକୁ ଭେଟିବ। ମାରିଆନିର ବାପୁଜି ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ ।ବୁଧବାର



ମ୍ୟାଚରେ ମହାରାଷ୍ଟ୍ର ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ୨ ଓ ୫୪ ମିନିଟରେ ସାନଭି ଚୌବେ ଏବଂ ୭୯ ଓ ୮୪ ମିନିଟ୍‌ରେ ହିମାନି ରାଓତ ଗୋଲ ଦେଇଥିଲେ। ଶେଷ ପର୍ଯ୍ୟନ୍ତ ଓଡ଼ିଶା ସଂଘର୍ଷ କରି ଗୋଟିଏ ମଧ୍ୟ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇନଥିଲା।

## ଚହଲଙ୍କ ସହ ଛାଡପତ୍ର

# ମୁହଁ ଖୋଲିଲେ ଧନଶ୍ରୀ

ମୁମ୍ବାଇ, ୨୦।୮ (ଏଜେନ୍ସି) : ଭାତରୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଡ୍ୟାନସର ଧନଶ୍ରୀ ବର୍ମାଙ୍କ ବିବାହ ବିଚ୍ଛେଦ ହୋଇସାରିଛି। ଛାଡପତ୍ର ପରେ ପ୍ରଥମ ଥର ପାଇଁ ଚହଲଙ୍କ ସମ୍ପର୍କରେ ମୁହଁ ଖୋଲିଛନ୍ତି। ଛାଡପତ୍ର ପରେ ଏହାକୁ ଉପଭୋଗ କରିବା ଉଚିତ ନୁହେଁ। କାରଣ ଛାଡପତ୍ର ଦିନ ମୁଁ ଯେତେବେଳେ କୋର୍ଟରେ ପହଞ୍ଚିଥିଲି, ମୋ ଆଖି ଛଳଛଳ ହୋଇଯାଇଥିଲା। ଏହା ପରେ



ପାରିବାରିକ ଅସୁବିଧାକୁ କେବେ ହେଲେ ପଦାରେ ପକାଇନାହିଁ। ଛାଡପତ୍ର ଦିନ ବି ଚହଲ ବି ୟୋର ଓନ୍ ସୁଗାର ଲେଖା ଥିବା ଟି ସାର୍ଟ ପିନ୍ଧିଥିଲେ। ମୋ ନାଁରେ ସେ ଅନେକ ଅପପ୍ରଚାର କରିଛନ୍ତି। ମୁଁ ଚୁପ୍ ରହୁଛି ମାନେ ନୁହେଁ ଯେ ତୁମେ ଅପମାନିତ କରିବ। ୟୁଟ୍ୟୁବ୍‌ରେ ଭିଡିଓ ପକାଉଥିବା ବେଳେ ଅନେକ ଅଶାଳୀନ ମନ୍ତବ୍ୟ ଦେଇଥାନ୍ତି। ମୁଁ ସେଗୁଡ଼ିକୁ ଗୁରୁତ୍ୱ ନଦେଇ ମୋ କାର୍ଯ୍ୟରେ ବ୍ୟସ୍ତ ରୁହେ। ଆଗକୁ ବି ଏହା ଚାଲିବ ବୋଲି ସେ କହିଛନ୍ତି। ଚହଲ ଏକ ସାକ୍ଷାତକାରରେ ଧନଶ୍ରୀଙ୍କ ଯୋଗୁଁ ଆତ୍ମହତ୍ୟା କରିବା ନେଇ ଚିନ୍ତା କରୁଥିଲେ ବୋଲି କହୁଥିଲେ।

## ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍

# ପ୍ରଥମ ଦିନ ଦିବ୍ୟାଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ଚେନ୍ନାଇରେ ଆରମ୍ଭ ହୋଇଥିବା ୬୪ ତମ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ ଚାମ୍ପିଅନସିପ୍ ପ୍ରଥମ ଦିନ ଓଡ଼ିଶାକୁ ରୌପ୍ୟ ପଦକ ସଫଳତା ମିଳିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୩ ଜଣ ଆଥେଲେଟ୍ ଯଥା ୧୪ ଜଣ ପୁରୁଷ ଓ ୯ ଜଣ ମହିଳା ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନ ମହିଳା ହାମର ଥ୍ରୋରୁ ରୌପ୍ୟ ପଦକ ମିଳିଛି। ଦିବ୍ୟା ସାଣ୍ଡିଲ୍ୟ ୫୯.୫୮ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ହାସଲ କରିଛନ୍ତି। ଉତ୍ତରପ୍ରଦେଶର ତନୟା ଚୌଧୁରୀ ସ୍ୱର୍ଣ୍ଣ ଜିତିଥିବା ବେଳେ ରାଜସ୍ଥାନର ମାୟା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଆସ୍ତିକ ପ୍ରଧାନ ପୁରୁଷ ୪୦୦ ମିଟର ଦୌଡର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏହି ବର୍ଗର ପଦକ ଦୌଡ ହେବ। ଶ୍ରାବଣୀ ନନ୍ଦ ଓ ଡିଏମ୍ ଜୟରାମ ଓ ସରନ ପାୟାସିଂ ୧୦୦ ମିଟର ମହିଳା ଓ ପୁରୁଷ ବର୍ଗର ପଦକ ପର୍ଯ୍ୟାୟରେ ସାମିଲ ହୋଇଛନ୍ତି। ଏହି ପର୍ଯ୍ୟାୟରେ ଶ୍ରାବଣୀ ଅଷ୍ଟମ ସ୍ଥାନରେ ରହିଥିବା ବେଳେ ଡିଏମ୍ ଜୟରାମ ଷଷ୍ଠ ଏବଂ ସରନ ପାୟାସିଂ ସପ୍ତମ ସ୍ଥାନ ଅଧିକାର କରିଛନ୍ତି।



# ରାଜ୍ୟପୋଲିସ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ଆଜି ପୂର୍ବାହ୍ନରେ ସୁନ୍ଦରଗଡର ଜିଲ୍ଲା ଷ୍ଟାଡିୟମରେ ୮୦ ତମ ରାଜ୍ୟ ପୁଲିସ ଫୁଟବଲ ପ୍ରତିଯୋଗିତା- ୨୦୨୫ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ଶ୍ରୀ ରାଜେଶ କୁମାର ଯୋଗ ଦେଇ ଭବ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ସମସ୍ତ ପ୍ରତିଯୋଗୀ ଓ କ୍ରୀଡା ପରିଚାଳକମାନଙ୍କୁ ଖେଳୁଆଡ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ଚାମ୍ପିୟନସିପ ଆୟୋଜନ ଓ ପରିଚାଳନା ନିମନ୍ତେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କୁ ମଧ୍ୟ ଶ୍ରୀ ରାଜେଶ କୁମାର ଧନ୍ୟବାଦ ଜଣାଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ନିକଟ ଅତୀତରେ ଆମେରିକାର ବିର୍ମିଂହାମଠାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡା- ୨୦୨୫ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ଓଡିଶା ପୁଲିସର ୭ ଜଣ କୃତି କ୍ରୀଡାବିତ ମାନେ ଅପୂର୍ବ କ୍ରିଡାନୈପୁଣ୍ୟ ପ୍ରଦର୍ଶନ କରି ଦେଶ, ରାଜ୍ୟ ତଥା ଓଡିଶା ପୁଲିସକୁ ଗୌରବାନ୍ୱିତ କରିଛନ୍ତି। ଭାରତୀୟ କ୍ରୀଡା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଲେଖି, ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଏବଂ କରାଟେ ଇଭେଣ୍ଟରେ ବ୍ୟକ୍ତିଗତ ଭାବରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ସମେତ ୨୦ ପଦକ ହାସଲ କରିଛନ୍ତି । ଏହି ଅସାଧାରଣ ସଫଳତା ଦେଶ, ଓଡ଼ିଶା ରାଜ୍ୟ ଏବଂ ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଶ୍ରୀ ରାଜେଶ କୁମାର ମତବ୍ୟକ୍ତ କରିଥିଲେ। ଏହି ଫୁଟବଲ ଚମ୍ପିୟାନସିପରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା ପୋଲିସ ଏବଂ ବାଟାଲିୟନର ୪୭ ଗୋଟି ପୋଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ପ୍ରାୟ ୮୫୦ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ଫୁଟବଲ ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଅଛି । ପ୍ରଥମ ପର୍ଯ୍ୟାୟ ରେ ୨୪ ଗୋଟି ପୋଲିସ ଦଳ ଅଂଶ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ରେ ୨୩ ଗୋଟି ପୋଲିସ ଫୁଟବଲ ଦଳ ଅଂଶ ଗ୍ରହଣ କରିଅଛନ୍ତି । ପ୍ରଥମ ପର୍ଯ୍ୟାୟ ଚଳିତ ମାସ ୨୦ ତାରିଖ ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ



ଖେଳାଯାଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୨୬ ତାରିଖ ରୁ ଆରମ୍ଭ ହୋଇ ୩ ସେପ୍ଟେମ୍ବର ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଆଜିର ଏହି ଉଦଘାଟନି ସମାରୋହରେ ଡିଆଇଜି (ପଶ୍ଚିମାଞ୍ଚଳ) ଶ୍ରୀ ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର,କେନ୍ଦୁଝରର ଏସପି ଶ୍ରୀ କୁଶଲକର ନିତିନ ଦାଗୁଡୁ, ରାଉରକେଲା ଏସପି ଶ୍ରୀ ନିତେଶ ୱାଧାନୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ ।ଆଜିର ଉଦଘାଟନି ମ୍ୟାଚ ସୁନ୍ଦରଗଡ଼ ଜିଲ୍ଲା ପୋଲିସ ସହ ଅଷ୍ଟମ ସ୍ୱତନ୍ତ୍ର ଆଇଆରବିଏନ, ଭଞ୍ଜନଗର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୬-୦ ଗୋଲ୍ରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ଏବଂ କମିଶନରେଟ୍ ପୋଲିସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ୪-୦ ଗୋଲ୍ରେ ବିଜୟୀ ହୋଇଛି। ସେହିପରି ଭବାନୀପୁର ଖେଳପଡିଆରେ ହୋଇଥିବା ତୃତୀୟ ମ୍ୟାଚ୍ରେ ପ୍ରଥମ ଆଇଆରବିଏନ କୋରାପୁଟ ଢେଙ୍କାନାଳକୁ ୬-୦ ଗୋଲ୍ରେ ପରାସ୍ତ କରି ବଡ଼ ବିଜୟ ଲାଭ କରିଛି। ଚତୁର୍ଥ ମ୍ୟାଚ ଝାରସୁଗୁଡା ଜିଲ୍ଲା ପୋଲିସ ଏବଂ 4ର୍ଥ ଆଇଆରବିଏନ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ 4-1 ଗୋଲ ବ୍ୟବଧାନରେ ଝାରସୁଗୁଡା ଜିଲ୍ଲା ପୋଲିସ ବିଜୟୀ ହୋଇଛି। ପଞ୍ଚମ ମ୍ୟାଚ ବ୍ରହ୍ମପୁର ଜିଲ୍ଲା ଏବଂ ତୃତୀୟ ଏସଏସବିଏନ ଗଜପତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବ୍ରହ୍ମପୁର ଜିଲ୍ଲା ପୋଲିସ 2-0 ଗୋଲରେ ବିଜୟୀ ହୋଇଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି